READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୫ ସଂଖ୍ୟା-୪୫ ୨୨ - ୨୮ ନଭେମ୍ବର, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-45 22nd - 28th NOVEMBER, 2021 BHUBANESWAR ₹ 5/- (8 Pages)

### ରାଜଧାନୀରେ ଚୋରା ମଦ ବେପାରୀଙ୍କ ପାଇଁ ମଧ୍ୟସ୍ଥତା କରୁଛି ପୋଲିସ !

# ଅପରାଧ କମିବ କେମିତି

**ଭୁବନେଶ୍ୱର :** କମିଶନରେଟ ପୋଲିସ ରାଜଧାନୀରେ ଅପରାଧ ନିୟନ୍ତ୍ରଣ ପାଇଁ ଯୋଜନା କରୁଥିଲା ବେଳେ ଭରତପୁର ଥାନା ଅଧିନରେ ଥିବା ଫାଣ୍ଡିର ଜଣେ ପୋଲିସ ଅନ୍ୟପକ୍ଷରେ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନର ମ୍ୟାନେଜର କହୁଛନ୍ତି ଏକ୍ସାଇଜ ଓ ପୋଲିସ ନ କହିଲେ ଆମେ ଚାପିକୁ ଆଉ ମଦ ଦେବୁନାହିଁ। ଏହାର ଉତ୍ତରରେ ପୋଲିସ ବାବୁ

## ଏକ୍ସାଇଜ କିଛି ନୁହଁ, ପୋଲିସ ସବୁ

କର୍ମଚାରୀ କିଭଳି ଚୋରା ମଦ ବେପାରୀଙ୍କୁ ସହଯୋଗ କରୁଛନ୍ତି ତାହାର ଅଡିଓ କ୍ଲିପ୍ ଲାଗିଛି 'ଏକମାତ୍ର' ହାତରେ। ଏହି ବ୍ୟକ୍ତି ଜଣକ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କୁ କହୁଛନ୍ତି ଯେ, ଚାପିକୁ ମଦ ନଦେଲେ ଏଠାରେ ବହୁ ଅସୁବିଧା ହୋଇଯିବ। ଅଡିଓ କ୍ଲିପ୍‌ରେ ଥିବା ବାର୍ତ୍ତାଳପରେ ପୋଲିସ କର୍ମଚାରୀ ଜଣକ କହୁଛନ୍ତି ଚୋରା ମଦ ଚାପି ବିକୁନାହିଁ। ଏହା ଜଣେ ମହିଳା କରୁଛନ୍ତି ଏବଂ ଚାପି ତାଙ୍କୁ ସୁରକ୍ଷା ଦେଉଛି। କହୁଛନ୍ତି ଏକ୍ସସାଇଜ କିଛି ନୁହେଁ, ପୋଲିସ ସବୁକିଛି। ବୟାନବେ ମସିହାରେ ଖଣ୍ଡଗିରି ଥାନା ଓ ଅଠାନବେ ମସିହାରୁ ଭରତପୁର ଫାଣ୍ଡି ଚାର୍ଜରେ ଅଛି। ଆହୁରି ମଧ୍ୟ ସେ କହୁଛନ୍ତି ଚାପି ଯେଉଁ ଗାଳିଗୁଲଜ କରିଥିଲା ସେ ଆପଣଙ୍କୁ ଭୁଲ ମାଗିବ। ଥାନାରେ ମଧ୍ୟ ସେ ସେକଥା କହିଛି। ଏଥିରେ ମନୁ ବାବୁ ଓ ପପୁ ବାବୁ ମଧ୍ୟ ଥିଲେ। ଏହାର ଉତ୍ତରରେ ମଦ ଦୋକାନ ମ୍ୟାନେଜର କହୁଛନ୍ତି ଚାପି ଭୁଲ ମାଗିବ କ'ଣ ସେ ମୋତେ



ଓ ଏକ୍ସାଇଜର ଜେନା ବାବୁଙ୍କୁ ମଧ୍ୟ ଗାଳି କରିଛି। ଏହାର ଅଡିଓ କ୍ଲିପ୍ ମଧ୍ୟ ରହିଛି। କିନ୍ତୁ ଫାଣ୍ଡି ବାବୁ ଜଣକ ଏକଥାକୁ ବାଏଁ ବାଏଁ ଉଡାଇଦେବା ସହିତ କହୁଛନ୍ତି ଆପଣ ମ୍ୟାନେଜର, ଚାହିଁଲେ ସବୁ ହେବ। କିନ୍ତୁ ମଦ ଦୋକାନ ମ୍ୟାନେଜର କହୁଛନ୍ତି ଏକ୍ସାଇଜ ଆମକୁ ପରମିସନ ଦେଉଛି। ଥାନା ଦେଉନାହିଁ। ତେଣୁ ଏକ୍ସାଇଜକୁ ନପଚାରି ଆମେ କିଛି କରିପାରିବୁ ନାହିଁ। ଫାଣ୍ଡି ବାବୁ କହୁଛନ୍ତି ଆପଣମାନେ ବିଲେଇକୁ ହାତ କାମୁଡା ଶିଖାଉଛନ୍ତି। ଲାଇସେନ୍ସ ସରକାର ଦେଉଛି, ଏକ୍ସାଇଜ ନୁହେଁ। ଭାଇ ଏଠି ଏକ୍ସାଇଜର କାମ କିଛିନାହିଁ। ଆମେ ପୋଲିସ। ଆମ ପାଖରେ ସବୁ। ଫାଣ୍ଡି ବାବୁ କହୁଛନ୍ତି ଏକ୍ସସାଇଜ କେବଳ ନାମକୁ ମାତ୍ର। ଚାପି ଆଇଆଇସିଙ୍କ କ୍ଲୋଜ ଲୋକ। ସବୁ କାମ କରୁଛି। ଏକଥା ସବଇନ୍ସପେକ୍ଟର ବିଜୟ ସାର ମଧ୍ୟ ଜାଣିଛନ୍ତି। ମଦ ଦୋକାନ ମ୍ୟାନେଜର କହୁଛନ୍ତି ଚାପି ଆଇଡି ଲିକର ବିକୁଥିଲା ବୋଲି ଏକ୍ସାଇଜ୍ ତା' ନାଁରେ କେସ୍ କରିଥିଲା ଓ ସେ ଜେଲ୍ ଯାଇଥିଲା। ଜେଲ୍‌ରୁ ବାହାରିଲା ପରେ ସେ ମଧ୍ୟ ଏବେ ବାହାରୁ ମଦ ଆଣି ବିକୁଛି। ଫାଣ୍ଡି ବାବୁ କହୁଛନ୍ତି ଏଠି ଏକ୍ସସାଇଜ ବାଲା ବହୁ ପାତରଅନ୍ତର କରୁଛନ୍ତି। ଚାଉଳି ବିକିବା ଲୋକ ଧରାପଡୁଛନ୍ତି। ତାପରେ ଦୋଅକ୍ଷରି କହିବା ସହ କହୁଛନ୍ତି। ମଦ ଦୋକାନ ମ୍ୟାନେଜର କହୁଛନ୍ତି, ଆପଣ ଚାପିକୁ ମଦ ଦେବା ପାଇଁ କାହିଁକି ବାଧ କରୁଛନ୍ତି। ଫାଣ୍ଡି ବାବୁ କହୁଛନ୍ତି ଚାପିକୁ ମଦ ନଦେଲେ ସେ ମହିଳା ଜଣଙ୍କ ଚଳିବ କିପରି। ଏଠି ତିରିଶ ବର୍ଷ ହେଲା କୋଚିଆ ଓ ଦେଶୀ ମଦ ବେପାର ଚାଲିଛି। ଏଥିସହ ବେଲୁ ମଦ କାହାଣୀ ଠାରୁ ଆଜି ପର୍ଯ୍ୟନ୍ତ କିପରି ଚୋରା ମଦ ବେପାର ଚାଲିଛି ତାହା ସେ ଜାଣନ୍ତି ବୋଲି ଫାଣ୍ଡି ବାବୁ କହୁଛନ୍ତି। ଅନ୍ୟପକ୍ଷରେ ମ୍ୟାନେଜର କହୁଛନ୍ତି ମୁଁ ଚାକିରି କରିଛି, ମାଲିକ ଆଉ ଜଣେ। ଫାଣ୍ଡି ବାବୁ କହୁଛନ୍ତି ସେ ବାପି ବାବୁଙ୍କୁ ଜାଣନ୍ତି। ସେ ଭାରି ବଡ଼ିଆ ଲୋକ, ପାଓ୍ୱାରଫୁଲ ଲୋକ। ତାଙ୍କର ଏକ୍ସାଇଜ୍ କିଛି କରିପାରିବନି। ମଦ ଦୋକାନ ମ୍ୟାନେଜର କହୁଛନ୍ତି ଯଦି ଆପଣ ବାପି ବାବୁଙ୍କୁ ଜାଣିଛନ୍ତି ତାଙ୍କ ସହ କଥା ହୁଅନ୍ତୁ। ଫାଣ୍ଡି ବାବୁ କହୁଛନ୍ତି ନାଇଁ ନାଇଁ ମୁଁ କାଇଁ ସେଥିରେ ପଶିବି, ଆପଣଙ୍କ ହାତରେ ସବୁ। ଆପଣ ଚାପିକୁ ମଦ ଦିଅନ୍ତୁ। ତେବେ ପ୍ରଶ୍ନ ଉଠୁଛି ପୋଲିସ ଯଦି ଚୋରା ମଦ ବେପାରୀଙ୍କ ପାଇଁ ମଧ୍ୟସ୍ଥତା କରିବ ରାଜଧାନୀରେ ଅପରାଧ ନିୟନ୍ତ୍ରଣ ହେବ କିପରି ? ଅଡିଓ କ୍ଲିପ୍‌ରେ ଥିବା କଥୋପକଥନ ଭିତରେ ଅନେକ ପ୍ରଶ୍ନ ଲୁଚି ରହିଛି। ଫାଣ୍ଡି ବାବୁ ନିଜକୁ ବିଜେଡି ଲୋକ ବୋଲି କହୁଛନ୍ତି। ଫାଣ୍ଡି ବାବୁଙ୍କର କି ସ୍ୱାର୍ଥ ରହିଛି ଯେ, ସେ ଜଣେ ଚୋରା ମଦ ବେପାରୀ ପାଇଁ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନୀ ମ୍ୟାନେଜରଙ୍କ ସହ ଏଭଳି ଯୁକ୍ତି କରୁଛନ୍ତି। ହସ୍ତଗତ ହୋଇଥିବା ଅଡିଓ ବାର୍ତ୍ତାଳାପ ପୋଲିସର ଭୂମିକା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଶେଷ ସୂତ୍ରରୁ ଯାହା ଜଣାପଡିଛି ଫାଣ୍ଡି ବାବୁ ଜଣେ କନଷ୍ଟେବଳ। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିପାରିବ।

## ରହସ୍ୟ ଘେରରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି

**ପୁରୀ :** ଶ୍ରୀମନ୍ଦିର ଭିତର ରତ୍ନ ଭଣ୍ଡାର ଚାବି ନେଇ ସୂଚନା ଅଧିକାର ଆଇନ(ଆରଟିଆଇ)ରୁ ମିଳିଛି ସାଙ୍ଘାତିକ ତଥ୍ୟ। ଆରଟିଆଇ ତଥ୍ୟ ଅନୁସାରେ ୧୯୭୦ ମସିହାରୁ ନାହିଁ ରତ୍ନଭଣ୍ଡାରର ଚାବି। ଗୁରୁବାର ଜିଲ୍ଲା କୋଷାଗାରରୁ ଆବେଦନକାରୀ ଦିଲ୍ଲୀପ କୁମାର ବରାଳଙ୍କୁ ମିଳିଥିବା ଚିଠିରୁ ଏହି ସାଙ୍ଘାତିକ ତଥ୍ୟ ମିଳିଛି। ଚାବି ନେଇ ଜିଲ୍ଲା କୋଷାଗାରକୁ ତଥ୍ୟ ମାଗିଥିଲେ ଦିଲ୍ଲୀପ ବରାଳ। ଆରଟିଆଇ ତଥ୍ୟରୁ ଜଣାପଡ଼ିଛି, ଚାବି ନଥିବା



ନେଇ ତତ୍କାଳୀନ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା।

➤ ପୃ-୬

## କୃଷି ଆଇନ ପ୍ରତ୍ୟାହାର ଘୋଷଣା, କ୍ଷମା ମାଗିଲେ ମୋଦି

**ନୂଆଦିଲ୍ଲୀ :** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ଗୁରୁ ନାନକ ଜୟନ୍ତୀରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ଟି ଯାକ କୃଷି ଆଇନକୁ ପ୍ରତ୍ୟାହାର କରିବା ନେଇ ଘୋଷଣା କରିଛନ୍ତି। ଦୀର୍ଘ ଗୋଟିଏ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ଏହି କୃଷି ଆଇନକୁ ବିରୋଧ କରି ଶତାଧିକ ଲୋକ ଦିଲ୍ଲୀ ସୀମାରେ ଆନ୍ଦୋଳନ କରୁଥିଲେ। ଶେଷରେ ମୋଦି ଆଜି ଏହାକୁ ପ୍ରତ୍ୟାହାର କରାଯାଉଥିବା ଘୋଷଣା



କରିଛନ୍ତି। ଏଥିସହ କିଛି ଚାଷୀଙ୍କୁ ଆଇନର ମହତ୍ତ୍ୱ ବିଷୟରେ ସରକାର ବୁଝାଇ ପାରି ନଥିବାରୁ ମୋଦି ଦେଶବାସୀଙ୍କୁ କ୍ଷମା ମଧ୍ୟ ମାଗିଛନ୍ତି। କୃଷି ଆଇନ ବିରୋଧରେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ଘରକୁ ଫେରିଯିବାକୁ କହିଛନ୍ତି। ମୁଁ ଯାହା ବି କରୁଛି, ତାହା ଚାଷୀଙ୍କ ପାଇଁ ବୋଲି ସେ କହିଛନ୍ତି। ମୋଦି କହିଛନ୍ତି, "ସମ୍ଭବତଃ ଆମେ ଚାଷୀଙ୍କୁ କୃଷି ଆଇନ ବିଷୟରେ ବୁଝାଇବାରେ ବିଫଳ ହୋଇଛୁ।

➤ ପୃ-୬

## ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ



**ଭୁବନେଶ୍ୱର :** ତିନି ନୂଆ କୃଷି ଆଇନକୁ ଉଚ୍ଛେଦ କରାଯିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣାକୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏନେଇ ନିଜର ଟୁଇଟରରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଦେଶର ଏବଂ ଏହାର କୃଷକଙ୍କ ହିତ ପାଇଁ ତିନି ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଆପଣମାନଙ୍କର ଚାଷଜମି ଏବଂ ପରିବାର ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଛନ୍ତି ଏବଂ ସେମାନେ ଆପଣଙ୍କୁ ସ୍ୱାଗତ କରି ଖୁସି ହେବେ। ବିଜେଡି ସର୍ବଦା କୃଷକମାନଙ୍କ ସହିତ ଠିଆ ହେବା ଜାରି ରଖିଛି।

## ବକ୍ରବାଣୀ



ଗୀତା ଭାଗବତ ପଢ଼ିଲେ କେତେ
ଖାଇବା ଲାଳସା କାହିଁକି ଏତେ !
ଧରମ ମାସଟା ସଇଲା ବୋଲି
ଆମେ ଧାଇଁଲେଣି ପାଟିକି ମେଲି !
ଯେତିକି ପୁନିଅଁ କରିଲେ ମାସେ
ସାରିଦବା ସବୁ ପଠାଣ ପାଶେ !
ହାଡ କଣ୍ଟା କାତି ଯାହା ପାଇବା
ଆଖି କାନ ବୁଜି ସବୁ ଗିଳିବା !
ଗୁଣୀଜ୍ଞାନୀ ଜନେ ନିମିଶେ ଭାବ
ଏମିତି ଧରମ କରି କି ଲାଭ !

— ଟୁଟୁ

## 'ମହିଳାଙ୍କ ଅର୍ଥନୈତିକ ସଶକ୍ତିକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ'

**ଭୁବନେଶ୍ୱର :** ରାଜ୍ୟରେ ମହିଳା ମାନଙ୍କ ଅର୍ଥନୈତିକ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ। ମିଶନ ଶକ୍ତି ମା ମାନଙ୍କୁ ସରକାରୀ କାମ ଯୋଗାଇ ଦେବା ଏହାର ଏକ ପ୍ରମୁଖ ମାଧ୍ୟମ। ଏହାକୁ ଦୃଷ୍ଟିରେ ରଖି ଆମର ସବୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉ। ରାଜ୍ୟ ସରକାରଙ୍କ ସବୁ ବିଭାଗ ମାନେ ଏହାକୁ ମହିଳା ଆର୍ଥିକ ସଶକ୍ତିକରଣର ଏକ ଦିଗ ଭାବେ ଗ୍ରହଣ କରି କାମ କରନ୍ତୁ। ଆବଶ୍ୟକସ୍ଥଳେ ମିଶନ ଶକ୍ତି ମା ମାନଙ୍କର ପାରିଶ୍ରମିକ ମଧ୍ୟ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କୁ ବିଭିନ୍ନ ସରକାରୀ ବିଭାଗ କାମ ଯୋଗାଇ ଦେବା ସଂପର୍କରେ କୋଡ଼ିଏ ଟି ବିଭାଗର ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ



ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ସବୁ ବିଭାଗ ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କୁ କାମ ଯୋଗାଇ ଦେବାପାଇଁ ଆଗାମୀ ୩ ବର୍ଷ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ବୈଠକରେ ମିଶନ ଶକ୍ତି ବିଭାଗ କମିଶନର-ତଥା-ସଚିବ ସୁଜାତା କାର୍ତ୍ତିକେୟ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ। ଏହି ଉପସ୍ଥାପନା ଅନୁଯାୟୀ ୧୩ଟି ବିଭାଗ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦୪୭୧୨ଟି ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କୁ ପ୍ରାୟ ୧୨୦୦ କୋଟି ଟଙ୍କାର ବିଜିନେସ୍ ସରକାର ଯୋଗାଇ ଦେଇଛନ୍ତି। ମିଶନ ଶକ୍ତି ଗୋଷ୍ଠୀର ମା ମାନେ ୨୯୬ କୋଟି ଟଙ୍କାର ରୋଜଗାର ପାଇଛନ୍ତି। ବୈଠକରେ ସବୁ ବିଭାଗ ମାନେ ଆଗାମୀ ୩ ବର୍ଷ ପାଇଁ ସେମାନଙ୍କର କାର୍ଯ୍ୟକ୍ରମ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ସୁବିଧା ନ ଥିବା ଗ୍ରାମ ପଞ୍ଚାୟତ

➤ ପୃ-୬

### ନବୀନଙ୍କ ପ୍ରତି ଧର୍ମେନ୍ଦ୍ରଙ୍କ କଡା ଆଭିମୁଖ୍ୟ

## କୁଆଡେ ଗଲା ମୁଖ୍ୟମନ୍ତ୍ରୀଙ୍କ ନୈତିକତା ?

**ଭୁବନେଶ୍ୱର :** ଦୀର୍ଘ ବର୍ଷର ଶାସନରେ ମୁଖ୍ୟମନ୍ତ୍ରୀ ଅନେକ ଘଟଣା କିମ୍ବା ଦୁର୍ନୀତି ମାମଲାରେ ନୈତିକତା ଆଧାରରେ ନିଜ ଦଳର ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଥିବା ବେଳେ ରାଜ୍ୟରେ ଜଣେ ଦଳିତ ଝିଅର ମୃତ୍ୟୁ ମାମଲାରେ ସମ୍ପୃକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଅଭିଯୋଗ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ ଅନେକ ଦିନ ଚୁପ ରହିବା ତଥା ଏହି ପ୍ରସଙ୍ଗରେ ତାଙ୍କର ନୈତିକତା କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମମିତା ହତ୍ୟା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ରାଜନୈତିକ ବକ୍ତବ୍ୟ ଅଗଣତାନ୍ତ୍ରିକ ଓ ସମ୍ବେଦନହୀନ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଠାରେ ଦଳ ପକ୍ଷରୁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ଅନୁଗୋଳ ଜିଲ୍ଲା



ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ସଞ୍ଜୀବ ସାହୁଙ୍କ ସମେତ ଅନେକ ସମର୍ଥକଙ୍କୁ ଦଳରେ ସ୍ୱାଗତ କରିବା ଅବସରରେ ଶ୍ରୀ ପ୍ରଧାନ ଏହି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଲାଲ୍ ବାହାଦୁର ଶାସ୍ତ୍ରୀ ରେଳ ଦୁର୍ଘଟଣା ପରେ ନୈତିକତାର

➤ ପୃ-୬





### ସମସ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ୩୦ ସୁଦ୍ଧା ଇ-ସର୍ଭିସ୍ ବୁକ୍ ଅପଡେଟ୍ କର

**ଭୁବନେଶ୍ୱର :** ମାନବ ସମ୍ବଳ ପରିଚାଳନାରେ ୫-ଟି ନୀତି ପ୍ରୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଚଳିତ ନଭେମ୍ବର ମାସ ୩୦ ତାରିଖ ସୁଦ୍ଧା ସମସ୍ତ ସରକାରୀ କର୍ମଚାରୀମାନଙ୍କର ଇ-ସର୍ଭିସ୍ ବୁକ୍‌ର ସଦ୍ୟତନକରଣ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି କାର୍ଯ୍ୟର ଅଗ୍ରଗତି ବିଷୟ ଅନୁଧ୍ୟାନ କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଇ- ଇ-ସର୍ଭିସ୍ ବୁକ୍ ସରକାରୀ କର୍ମଚାରୀମାନଙ୍କ ଉତ୍ତମ ପରିଚାଳନାରେ ବହୁ ଭାବେ ସହାୟକ ହେବା ସହ ଅବସର ନେଉଥିବା କର୍ମଚାରୀମାନଙ୍କର ପେନସନ୍ ସମ୍ବନ୍ଧିତ ଦେୟ ପ୍ରଦାନକୁ ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବ। ଏହା ଉଭୟ କର୍ମଚାରୀ ଏବଂ ସରକାରୀ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଏବଂ ବୃତ୍ତିଗତ କରିବ। ନଭେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ବିଭାଗୀୟ ମୁଖ୍ୟ ଏବଂ ଜିଲ୍ଲାପାଳମାନେ ନିଜ ନିଜ ବିଭାଗ କର୍ମଚାରୀ





ମାନଙ୍କର ଇ-ସର୍ଭିସ୍ ବୁକ୍ କାର୍ଯ୍ୟର ସଦ୍ୟତନ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହା ନହେଲେ ଡିସେମ୍ବର ମାସଠାରୁ ସଂପୃକ୍ତ କର୍ମଚାରୀ ଏବଂ ବିଭାଗୀୟ ନୋଡାଲ୍ ଅଧିକାରୀଙ୍କ ଦରମା ମିଳିବାରେ ବାଧା ସୃଷ୍ଟି ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଜଣାଇଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ ପୂର୍ତ୍ତ , କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଅବକାରୀ, ଶିକ୍ଷ, ପର୍ଯ୍ୟଟନ, ଗୃହ, ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଇସ୍ପାତ ଓ ଖଣି, ନଗର ଓ ଗୃହ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ, ଶ୍ରମ ଓ ନିୟୋଜନ ଆଦି ବିଭାଗର ପ୍ରାୟ ୯୫ ପ୍ରତିଶତ କର୍ମଚାରୀମାନଙ୍କର ଇ-ସର୍ଭିସ୍ ବୁକ୍ ସଦ୍ୟତନ କରାସରିଛି। ସେହିପରି ବାଲେଶ୍ୱର, ବରଗଡ଼, ଭଦ୍ରକ, ଝାରସୁଗୁଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ପ୍ରାୟ ୯୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ବିଭାଗ ଏବଂ ଜିଲ୍ଲାମାନେ ହାରାହାରି ୭୦ ପ୍ରତିଶତ କାର୍ଯ୍ୟ ଶେଷ କରିଛନ୍ତି। ବୈଠକରେ ମୁଖ୍ୟତଃ ଇ-ସର୍ଭିସ୍ ବୁକ୍ ସଫଟ୍‌ଓ୍ୟାରର କାର୍ଯ୍ୟକାରିତା, ସେଥିରେ ତଥ୍ୟ ସନ୍ନିବେଶ କରିବା, ଡାଟା ଏଣ୍ଟ୍ରି କାର୍ଯ୍ୟ ଆଦି ସମ୍ବନ୍ଧିତ ବିଷୟ ଆଲୋଚନା ହୋଇଥିଲା। ବିଭିନ୍ନ ଜିଲ୍ଲା ଏବଂ ବିଭାଗର ନୋଡାଲ୍ ଅଧିକାରୀମାନେ ନିଜ ନିଜର ଅଭିଜ୍ଞତା ଓ ସମସ୍ୟା ବିଷୟ ଜଣାଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ସେସବୁର ଆଶୁ ସମାଧାନ କରିଥିଲେ।

## କେମିତି କଟିବ ଏ ସପ୍ତାହ

**ମେଷ** — ସ୍ଥାନାନ୍ତରଣ ବା ଯାତ୍ରା ଯୋଗ ଅଛି। ଯାତ୍ରାରୁ ସଫଳତା ମିଳିବ। ଘର, ଗାଡି ଇତ୍ୟାଦି ବସ୍ତୁରେ ଅର୍ଥ ବିନିଯୋଗ କରିପାରନ୍ତି। ଛାତ୍ରମାନଙ୍କୁ ଆଶାନୁରୂପ ସଫଳତା ମିଳିବ। ଦମ୍ପତ୍ତିମାନେ ଶାନ୍ତିରେ ସମୟ କଟାଇବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** — ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ। ବିବାହ ଯୋଗ ବା ଘର କ୍ରୟର ଯୋଗ ଅଛି। ପରିବାରରେ ଅଧିକ ଖର୍ଚ୍ଚ ହୋଇପାରେ। ଭ୍ରମଣରେ ଯାଇ ପାରନ୍ତି। ସନ୍ତାନ ସୁଖ ମିଳିବ। ପ୍ରେମୀମାନେ ପ୍ରେମକୁ ପୂର୍ଣ୍ଣାଙ୍ଗ ରୂପ ଦେଇ ପାରନ୍ତି।

**ମିଥୁନ** — ନୂତନ କାର୍ଯ୍ୟରେ ଅଗ୍ରସର ହୋଇପାରନ୍ତି। ମନ ଅସ୍ଥିର ରହିବ ନାହିଁ। ଖର୍ଚ୍ଚରେ ବୃଦ୍ଧି ହେବ। ଛାତ୍ରମାନେ ନୂତନ ପାଠରେ ମନନିବେଶ କରି ପାରନ୍ତି। ନିଜର କଥା ଯୋଗୁ ଅନେକ ଶତ୍ରୁ ସୃଷ୍ଟି ହେବେ।

**କର୍କଟ** — ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଅଟକିଥିବା ଧନ ପାଇବେ। ଆଇନ ଅଦାଲତରେ ସଫଳତା ମିଳିବ। ବ୍ୟବସାୟ ପାଇଁ ସମୟ ଅନୁକୂଳ। ଧନପ୍ରାପ୍ତି ଯୋଗ ଅଛି। ଶତ୍ରୁମାନେ ପ୍ରବଳ ହେବେ।

**ସିଂହ** — ଆଖି, ଗୋଡ ସମ୍ବନ୍ଧୀୟ ରୋଗରେ ପୀଡିତ ହୋଇପାରନ୍ତି। ବ୍ୟବସାୟରେ ଲାଭ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀମାନେ ପରାସ୍ତ ହେବେ। ଛାତ୍ରମାନେ ପାଠରୁ ଦୂରେଇଯିବେ। ପ୍ରେମୀଙ୍କ କଥାରେ ଦୁଃଖି ହୋଇପାରନ୍ତି।

**କନ୍ୟା** — ଅନ୍ୟ ଯାଗାରେ ବ୍ୟବସାୟରେ ସଫଳତା ମିଳିବ। ପ୍ରେମୀଙ୍କ ସହ ଅଯଥା ବିବାଦ ହୋଇପାରେ। ନିଜକୁ ଏକୁଟିଆ ଅନୁଭବ କରିବେ। ଶରୀରର ତଳ ଭାଗରେ କଷ୍ଟ ଯୋଗ ଅଛି।

**ତୁଳା** — ସ୍ୱାସ୍ଥ୍ୟ ହଠାତ୍ ବିଗିଡି ଯାଇପାରେ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ପାଇବେ। କୌଣସି ସତ୍‌ପୁରୁଷଙ୍କ ସାନିଧ୍ୟ ପାଇବେ। ଛାତ୍ରମାନେ ପ୍ରଭାବି ହେବେ। ଯଦି ପ୍ରେମିକା ପ୍ରେମିକ ବିବାହିତ ସ୍ଥିତି ସୃଷ୍ଟି କରୁଥିଲେ, ଚୁପ୍ ରୁହନ୍ତୁ।

**ବିଛା** — ପେଟ ସମ୍ବନ୍ଧୀୟ ପୀଡା ହୋଇପାରେ। ଅଚାନକ ଧନପ୍ରାପ୍ତି ଯୋଗ ଅଛି। ଛାତ୍ର ଉଚ୍ଚଶିକ୍ଷାରେ ସଫଳତା ପାଇବେ। କାର୍ଯ୍ୟକ୍ଷେତ୍ରରେ ନିଜକୁ ଉପସ୍ଥାପିତ କରିବାରେ ସଫଳ ହେବେ।

**ଧନୁ** — ଅଚାନକ ଧନପ୍ରାପ୍ତି ହେବ। ଭାଇଭଉଣୀ ପ୍ରତି ଧ୍ୟାନ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ର ନୂଆ ଦାୟିତ୍ୱ ନେଇପାରନ୍ତି। ଯେତେ କଠିନ ସମୟ ଆସିଲେ ଆରାମରେ ଅତିକ୍ରମ କରିବେ। ଧର୍ମପ୍ରତି ରୁଚି ବଢ଼ିବ।

**ମକର** — ମନ ବିଚଳିତ ରହିବ। ସପ୍ତାହନ୍ତ ବେଳକୁ ସମସ୍ତ କାର୍ଯ୍ୟ ଓ ଶାରିରିକ କଷ୍ଟ ଦୂର ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। ଛାତ୍ରମାନଙ୍କୁ ବିଦେଶ ଯାତ୍ରା ଯୋଗ ଅଛି। ପ୍ରେମୀମାନେ ବିଚାର କରି କଥା ହୁଅନ୍ତୁ।

**କୁମ୍ଭ** — ଧୈର୍ଯ୍ୟଚ୍ୟୁତ ହୋଇପାରନ୍ତି। ଅଜ୍ଞାତ ସୂତ୍ରରୁ ଅର୍ଥ ପ୍ରାପ୍ତି ଅଛି। ହଠାତ୍ କୌଣସି ଶୁଭ ଖବର ପାଇବେ। ବ୍ୟବସାୟରେ ବ୍ୟସ୍ତ ରହିବେ। ମନକାମନା ପୂର୍ଣ୍ଣହେବ। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରେମୀମାନେ ମନକଥା ଖୋଲିକରି ରଖନ୍ତୁ।

**ମୀନ** — ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ହଠାତ ପୀଡା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟବର୍ତ୍ତି ହେବେ। ଛାତ୍ରମାନେ ସଫଳତା ପାଇବେ। ବିପରୀତ ଲିଙ୍ଗଙ୍କ ପ୍ରତି ଆକର୍ଷିତ ହୋଇପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ୟୁରୋପୀୟ ପର୍ଯ୍ୟାବରଣ ଏଜେନ୍ସି ରିପୋର୍ଟ

# ବାୟୁ ପ୍ରଦୂଷଣ ଯୋଗୁଁ ବର୍ଷକରେ ୩ ଲକ୍ଷ ଲୋକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ :** ବାୟୁ ପ୍ରଦୂଷଣ ଏବେ ଖାଲି ଭାରତ ପାଇଁ ନୁହେଁ ବିଶ୍ୱର ଅନେକ ଦେଶ ପାଇଁ ଚିନ୍ତାର କାରଣ ପାଲଟିଛି। ବାୟୁ ପ୍ରଦୂଷଣ ମାତ୍ରାକୁ କିପରି କମ୍ କରାଯାଇପାରିବ ସେଥିପାଇଁ ଭାରତ ସହ ଦୁନିଆର ଅନେକ ଦେଶ ଚେଷ୍ଟା କରୁଛନ୍ତି। ତେବେ ଏହି ସମୟରେ ୟୁରୋପୀୟ ପର୍ଯ୍ୟାବରଣ ଏଜେନ୍ସି କହିଛି କି ସୂକ୍ଷ୍ମ କଣିକା ବାୟୁ ପ୍ରଦୂଷଣ ହେତୁ ଅକାଳ ମୃତ୍ୟୁ ୟୁରୋପରେ ପ୍ରାୟ ୧୦ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଏବେ ବି ୩ ଲକ୍ଷ ୭ ହଜାର ଲୋକଙ୍କ ମୃତ୍ୟୁ ପାଇଁ ଦାୟୀ ବାୟୁ ପ୍ରଦୂଷଣ। ଜାତିସଂଘ ଅନୁଯାୟୀ ବାୟୁ ପ୍ରଦୂଷଣ ସାରା ବିଶ୍ୱରେ ୭୦ ଲକ୍ଷ ଅକଳ ମୃତ୍ୟୁ ପାଇଁ ଦାୟୀ ହୋଇଥାଏ। ୟୁରୋପୀୟ ପର୍ଯ୍ୟାବରଣ ଏଜେନ୍ସୀର ରିପୋର୍ଟ ଅନୁସାରେ ଯଦି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବାୟୁ ଗୁଣବତ୍ତା ନିୟମକୁ ୟୁରୋପୀୟ ସଂଘର ସଦସ୍ୟଙ୍କ ଦ୍ୱାରା ପାଳନ କରାଯାଏ ତେବେ ୨୦୧୯ ମସିହାରେ ବାୟୁ ପ୍ରଦୂଷଣ କାରଣରୁ ହୋଇଥିବା ମୃତ୍ୟୁ ସଂଖ୍ୟା ରିପୋର୍ଟ ଅନୁସାରେ ବାୟୁରେ ସୂକ୍ଷ୍ମ କଣା କାରଣରୁ ଜର୍ମାନୀରେ ୫୩ ହଜାର ୮୦୦, ଇଟଲୀରେ ୪୯ ହଜାରା ୯୦୦, ଫ୍ରାନ୍ସରେ ୨୯ ହଜାର ୮୦୦ ଏବଂ ସ୍ପେନରେ ୨୩ ହଜାର ୩୦୦ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ସେହିପରି ଭାବରେ ପୋଲାଣ୍ଡରେ ୩୯ ୧୩ ପ୍ରତିଶତ



କମିଯାଇଛି। ଏହି ଏଜେନ୍ସି କହିଛି କି ବାୟୁ ପ୍ରଦୂଷଣ ୟୁରୋପ ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ଼ ବିପଦ। ସୂଚନା ଅନୁସାରେ ବାୟୁ ପ୍ରଦୂଷଣରେ ହୃଦରୋଗ, ଷ୍ଟ୍ରୋକ ଏବଂ କର୍କଟ ସମେତ ଫୁସଫୁସ ରୋଗରେ ସମୟ ପୂର୍ବରୁ ମୃତ୍ୟୁ ବରଣ କରୁଛନ୍ତି। ବାୟୁ ପ୍ରଦୂଷଣ ଫଳରେ ପିଲାମାନଙ୍କର ଫୁସଫୁସ ବିକାଶରେ ବାଧା ହୋଇପାରେ ଏବଂ ଶାସ୍ୱକ୍ରିୟା ଓ ଆସ୍ଥମା ବୃଦ୍ଧି ହୋଇପାରେ। ତେବେ ବାୟୁ ପ୍ରଦୂଷଣର ସ୍ଥିତି ଏବେ ସୁଧାର ଆସିଛି। କିନ୍ତୁ ସ୍ଥିତି ଏବେବି ଚିନ୍ତାଜନକ ରହିଛି। ୟୁରେପୀୟ ସଂଘ ବାୟୁ ପ୍ରଦୂଷଣ ଫଳରେ ହେଉଥିବା ମୃତ୍ୟୁ ୨୦୦୫ ତୁଳନାରେ ୨୦୩୦ରେ ୫୫ ପ୍ରତିଶତ କମ୍ କରିବ ପାଇଁ ଚେଷ୍ଟା କରୁଛି। ତେବେ ବର୍ତ୍ତମାନ ସ୍ଥିତିରେ ଯେଉଁଭଳି ଭାବରେ ବାୟୁ ପ୍ରଦୂଷଣ କମୁଛି ଯଦି ସେହିପରି ଭାବରେ କମେ ତେବେ ୨୦୩୨ ସୁଦ୍ଧା ଆମେ ଆମ ଲକ୍ଷ୍ୟରେ ପହଞ୍ଚିପାରିବୁ ବୋଲି କହିଛି ଏଜେନ୍ସି। ଯଦି ଭାରତ କହିବା ତାହାଲେ ଭାରତରେ ଏବେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ଥିତିରେ ଅଛି। ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ଚିନ୍ତା ଜନକ ସ୍ଥିତିରେ ରହିଛି। ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏତେ ବଢ଼ିଯାଇଛି ଯେ ଦିଲ୍ଲୀ ଆକାଶରେ ଧୂଆଁର ଏକ ଚାଦର ପରି ନଜର ଆସୁଛି। ଯାହା ଫଳରେ ଦିଲ୍ଲୀ ସରକାର ଏକ ସପ୍ତାହ ପାଇଁ ସ୍କୁଲ ବନ୍ଦ କରିବାକୁ ନିଷ୍ପତି ନେଇଛି। ତେବେ ଏହି ବାୟୁ ପ୍ରଦୂଷଣ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ତେବେ ଦିଲ୍ଲୀରେ ବାୟୁ ପ୍ରଦୂଷଣ କମ୍ କରିବା ପାଇଁ ଲକଡାଉନ ପରି ନିଷ୍ପତି ମଧ ନିଆଯାଇପାରେ।

### କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ୫ ରାଜ୍ୟର ୪୪ ଜିଲ୍ଲାରେ ମିଳିବ ୪ଜି ସେବା

**ନୂଆଦିଲ୍ଲୀ :** ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ପ୍ରଭୃତି ୫ଟି ରାଜ୍ୟର ୭,୦୦୦ରୁ ଅଧିକ ଗ୍ରାମରେ ୪ଜି ମୋବାଇଲ୍ ସେବା ଯୋଗାଇଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ବୁଧବାର କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହି ଯୋଜନାରେ ୬,୪୬୬ କୋଟି ଟଙ୍କା ଖର୍ଚ୍ଚ; ହେବ ବୋଲି ମନ୍ତ୍ରୀ ଶ୍ରୀ ଠାକୁର



ସୂଚନା ଦେଇଛନ୍ତି। ଏନେଇ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଓଡିଶାର ୪୪ଟି ଜିଲ୍ଲାର ୭୦୦୦ରୁ ଅଧିକ ଗ୍ରାମରେ ମୋବାଇଲ ଟାୱାର ସଂଯୋଗ ଯୋଗାଇ ଦିଆଯିବା ସହ ୪ଜି ମୋବାଇଲ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପ ବାବଦରେ ୬,୪୬୬ କୋଟି ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଲୋକମାନେ ଇ-ଗଭର୍ଣ୍ଣାନ୍ସର ଲାଭକୁ ଉପଯୋଗ କରିବାରେ ସକ୍ଷମ ହେବେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଠାକୁର ସୂଚନା ଦେଇ କହିଛନ୍ତି ଯେ ଏହି ସମସ୍ତ ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମଜିଏସୱାଇ) ଅଧୀନରେ ରାସ୍ତା ନିର୍ମାଣ କରାଯିବ। ଯାହା ସମଗ୍ର ଦେଶରେ ନକ୍ସଲ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକେ ଉପକୃତ ହୋଇପାରିବେ। ମାଓ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ଏବଂ ଆଦିବାସୀ ଅଞ୍ଚଳଗୁଡିକର ଲୋକଙ୍କ ପାଇଁ ରାସ୍ତା ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପରେ ମୋଟ ଖର୍ଚ୍ଚ ୩୩,୮୨୨ କୋଟି ହେବ ବୋଲି ଆକଳନ କରାଯାଇଛି।

# ଜାତିସଂଘରେ ପାକିସ୍ତାନକୁ ଭାରତର ସମାଲୋଚନା

**ଜାତିସଂଘ :** ଆତଙ୍କବାଦୀଙ୍କୁ ସମର୍ଥନ କରିବା ପାକିସ୍ତାନର ରାଷ୍ଟ୍ରନୀତିରେ ପରିଣତ ହୋଇଥିବା କଥା ମଙ୍ଗଳବାର ଦିନ ଜାତିସଂଘରେ ନୂଆଦିଲ୍ଲୀର ପ୍ରତିନିଧି କାଜଲ ଭଟ୍ଟ କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ପାକିସ୍ତାନ ପଟୁ ସୃଷ୍ଟି ହେଉଥିବା ସୀମାପାରି ଆତଙ୍କବାଦ ବିରୋଧରେ ଭାରତ ଦୃଢ଼ ଓ ନିଷ୍ପତ୍ତିମୂଳକ ପଦକ୍ଷେପ ଗ୍ରହଣ କରିଚାଲିବ। କାରଣ, ଆତଙ୍କବାଦ, ବିଦ୍ୱେଷ ଓ ହିଂସା ମୁକ୍ତ ବାତାବରଣରେ ହିଁ କୌଣସି ପ୍ରକାର ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ସମ୍ଭବପର। ଜାତିସଂଘ ନିରାପତ୍ତା ପରିଷଦ୍ରେ ଉଦ୍ବୋଧନ ଦେଇ ଜାତିସଂଘର ସ୍ଥାୟୀ ମିସନ୍ରେ ଥିବା ଭାରତର କାଉନସେଲର୍ କାଜଲ ଭଟ୍ଟ କହିଲେ, ପାକିସ୍ତାନ ସମତେ ସମସ୍ତ ଦେଶ ସହ ଭାରତ ସ୍ୱାଭାବିକ ପଡ଼ୋଶୀ ସମ୍ପର୍କ ରକ୍ଷା କରିବାକୁ ଚାହେଁ। ଯଦି କୌଣସି ସମସ୍ୟା ଥାଏ, ତେବେ ସିମଲା ରାଜିନାମା ଏବଂ ଲାହୋର୍ ଘୋଷଣାନାମା ଅନୁଯାୟୀ ଦ୍ୱିପାକ୍ଷିକ ଏବଂ ଶାନ୍ତିପୂର୍ଣ୍ଣ ଭାବେ ତାହା ସମାଧାନ କରିବାକୁ ଭାରତ ପ୍ରତିବଦ୍ଧ। ୧୫ ରାଷ୍ଟ୍ରବିଶିଷ୍ଟ ପରିଷଦ୍ରେ ଇସ୍ଲାମାବାଦ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିବାରୁ ଜାତିସଂଘ ନିରାପତ୍ତା ପରିଷଦ୍ର



ପାକିସ୍ତାନକୁ ଭାରତ ଉପରୋକ୍ତ ପ୍ରତ୍ୟୁତ୍ତର ଦେଇଛି। 'ପ୍ରତିରକ୍ଷାତ୍ମକ କୂଟନୀତି ମାଧ୍ୟମରେ ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତା ବାଜୟ ରଖିବା' ସଂକ୍ରାନ୍ତ ବିତର୍କରେ ଜାତିସଂଘସ୍ଥିତ ପାକିସ୍ତାନର ରାଷ୍ଟ୍ରଦୂତ ମୁନିର ଅକ୍ରମ୍ ଜମ୍ମୁ ଓ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଏ ସଂକ୍ରାନ୍ତରେ ଭଟ୍ଟ ଆହୁରି ମଧ କହିଛନ୍ତି, ଜାତିସଂଘ ଯୋଗାଇ ଦେଇଥିବା ମଞ୍ଚର ଅପବ୍ୟବହାର କରି ପାକିସ୍ତାନ ପ୍ରତିନିଧି ମୋ ଦେଶ ବିରୋଧରେ ମିଥ୍ୟା ଏବଂ ବିଦ୍ୱେଷଭରା ପ୍ରଚାର କରିବାରେ ଏହା ପ୍ରଥମ ଘଟଣା ନୁହେଁ। ନିଜ ଦେଶର କରୁଣ ପରିସ୍ଥିତିରୁ ବିଶ୍ୱର ଦୃଷ୍ଟି ହଟାଇବା ପାଇଁ ପାକିସ୍ତାନ ପ୍ରତିନିଧିଙ୍କର ଏହା ଗୋଟାଏ ନିଷ୍ଫଳ ପ୍ରୟାସ। ପାକିସ୍ତାନରେ ସାଧାରଣ ଜନତା ବିଶେଷକରି, ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଜୀବନଯାପନ ଶୋଚନୀୟସ୍ତରକୁ ଖସି ଆସିଥିବା ବେଳେ ଆତଙ୍କବାଦୀମାନେ 'ଫ୍ରି ପାସ୍' ପାଉଛନ୍ତି।

### ଦିଲ୍ଲୀ ପ୍ରଦୂଷଣ ନେଇ ସୁପ୍ରିମ୍ କୋର୍ଟଙ୍କ ଉଦ୍‌ବେଗ

# ଅମଲାତନ୍ତ୍ରର ଆଚରଣ ଦୁର୍ଭାଗ୍ୟଜନକ

**ନୂଆଦିଲ୍ଲୀ:** ଦିଲ୍ଲୀ ବାୟୁ ପ୍ରଦୂଷଣ ସଂକ୍ରାନ୍ତରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଅମଲାତନ୍ତ୍ର ଉପରେ ବର୍ଷିଛନ୍ତି। କୌଣସି ସ୍ଥିତିର ମୁକାବିଲା କ୍ଷେତ୍ରରେ ଅମଲାତନ୍ତ୍ର 'କୌଣସି ପଦକ୍ଷେପ ଗ୍ରହଣ ନକରିବା' ଭଳି ଆଚରଣ ଦେଖାଉଥିବାରୁ ସୁପ୍ରିମକୋର୍ଟ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି। କୋର୍ଟ କହିଛନ୍ତି, ସେମାନେ କେ?ଣସି ନିଷ୍ପତ୍ତି ନେବାକୁ ଚାହୁନାହାନ୍ତି। କୋର୍ଟ କେବଳ ନିର୍ଦ୍ଦେଶ ଦେବେ ଏବଂ ସେମାନେ ଏହାକୁ କାର୍ଯ୍ୟକାରି କରି ହିଁ ଖୁସି ହେବେ। ତେବେ ଅମଲାତନ୍ତ୍ର ଏଭଳି ସ୍ଥିତିକୁ ଆସିଯିବା ବଡ଼ ଦୁର୍ଭାଗ୍ୟଜନକ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରଧାନ ବିଚାରପତି ଏନ୍ଭି ରମଣାଙ୍କ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ଭାବେ ମୁଁ ଏହା ହୃଦ୍‌ବୋଧ କରୁଛି ଯେ, ଅମଲାତନ୍ତ୍ର ସମ୍ପୂର୍ଣ୍ଣ ଭାବେ କିଛି ନକରିବା ଭଳି ଆଚରଣ ଆରମ୍ଭ କରିଛି। ଏହା ସକ୍ରିୟ ରହୁନାହିଁ। ଅମଲାତନ୍ତ୍ର କେ?ଣସି ନିଷ୍ପତ୍ତି ନେଉନାହିଁ। 'କେମିତି କାର୍କୁ ଅଟକାଇବାକୁ ହେବ, କେମିତି ଗାଡ଼ି ଜବତ କରିବାକୁ ହେବ



ଏବଂ କେମିତି ନିଆଁକୁ ଲିଭାଇବାକୁ ହେବ। ବାଲ୍‌ତି ନା ପୋଛା ଦ୍ୱାରା ଲିଭାଇବାକୁ ହେବ। ସବୁ କିଛି କୋର୍ଟ ହିଁ କରିବେ। କାର୍ଯ୍ୟପାଳିକା ଦ୍ୱାରା ଏଭଳି ଆଚରଣ ଦେଖିବାକୁ ମିଳିଛି' ବୋଲି ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଗତକାଲି ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ସ୍ଥିତି ସଂକ୍ରାନ୍ତରେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା କାର୍ଯ୍ୟକାରୀ କରିବାପାଇଁ କୋର୍ଟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଆଜି ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି କହିଛନ୍ତି ଯେ କେନ୍ଦ୍ର ସରକାର କର୍ମଚାରୀମାନଙ୍କୁ ଘରୁ କାମ କରିବାପାଇଁ କହିବା ସପକ୍ଷରେ ନାହାନ୍ତି। କାରଣ ମହାମାରୀ ପାଇଁ ବହୁ ଦିନର ବ୍ୟବଧାନ ପରେ ଏବେ ସ୍ଥିତି ସ୍ୱାଭାବିକ ହୋଇଛି। ଦିଲ୍ଲୀରେ ଚାଲୁଥିବା ମୋଟ୍ ଗାଡ଼ିର ଖୁବ୍ କମ୍ ଅଂଶ କେନ୍ଦ୍ର ସରକାରୀ କର୍ମଚାରୀ ଚଳାଉଛନ୍ତି। ସେମାନଙ୍କୁ ବାରଣ କରିବା ଦ୍ୱାରା ଏହା ବାୟୁର ମାନ ଉନ୍ନିତ କରିବା ଦିଗରେ ବିଶେଷ କିଛି ପ୍ରଭାବ ପକାଇବନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା କହିଛନ୍ତି, ଦିଲ୍ଲୀ ଏନ୍‌ସିଆର ପାଇଁ ବାୟୁର ମାନ ପରିଚାଳନା କମିସନ୍ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଶିକ୍ଷସଂସ୍ଥାଗୁଡ଼ିକ ଅସ୍ୱୀକୃତ ଇନ୍ଧନ ବ୍ୟବହାର ବନ୍ଦ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୦ ବର୍ଷରୁ ଊର୍ଦ୍ଧ୍ୱ ପେଟ୍ରୋଲ ଗାଡ଼ି ଏବଂ ୧୫ ବର୍ଷରୁ ଊର୍ଦ୍ଧ୍ୱ ଡିଜେଲ ଗାଡ଼ି ଚଳାଚଳ ବନ୍ଦ କରିବାକୁ କୁହାଯାଇଛି। ତୁରନ୍ତ ଦିଲ୍ଲୀ ରାସ୍ତାମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ସିଏନ୍‌ଜି ବସ୍ ଚାଲୁ କରିବାପାଇଁ କୁହାଯାଇଛି।

# ଦିଲ୍ଲୀ ଓ ଆଖପାଖରେ ଥିବା ସ୍କୁଲ୍, କଲେଜ ବନ୍ଦ
## ୫୦% କର୍ମଚାରୀଙ୍କୁ ଘରେ କାମ କରିବାକୁ ପରାମର୍ଶ

**ନୂଆଦିଲ୍ଲୀ :** ପରବର୍ତ୍ତୀ ବିଜ୍ଞପ୍ତି ଜାରି ହେବା ପର୍ଯ୍ୟନ୍ତ ଦିଲ୍ଲୀ ଏବଂ ଆଖପାଖରେ ଥିବା ସମସ୍ତ ସ୍କୁଲ୍ ଓ କଲେଜ ବନ୍ଦ ରହିବ ବୋଲି 'କମିସନ୍ ଫର୍ ଏୟାର୍ କ୍ୱାଲିଟି ମ୍ୟାନେଜ୍‌ମେଣ୍ଟ୍' (ସିଏକ୍ୟୁଏମ୍) କହିଛି। ଦୀପାବଳି ବେଳୁ ଜାତୀୟ ରାଜଧାନୀ ଅଞ୍ଚଳ ବିଷାକ୍ତ ଧୂଆଁମିଶା କୁହୁଡ଼ିରେ ବୁଡ଼ି ରହୁଥିବାରୁ 'ସିଏକ୍ୟୁଏମ୍' ପଡ଼ୋଶୀ ରାଜ୍ୟ ହରିୟାଣା, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶ ସରକାରଙ୍କ ପ୍ରତି କେତେଗୁଡ଼ିଏ ନିର୍ଦ୍ଦେଶନାମା ଜାରି କରିଛି। ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ସଙ୍କଟ ସୁଧାରିବା ନିମନ୍ତେ ଗତକାଲି ଜରୁରୀ ବୈଠକ ବସିଥିଲା। ଉକ୍ତ ବୈଠକରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ତୁରନ୍ତ ଲାଗୁ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଗ୍ରହଣ କରିଥିବା ପଦକ୍ଷେପ ସଂକ୍ରାନ୍ତରେ ନଭେମ୍ବର ୨୨ ତାରିଖ ଦିନ ରାଜ୍ୟ ସରକାରମାନେ ରିପୋର୍ଟ ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନ ବନ୍ଦ ରଖାଯିବା ବ୍ୟତିରେକେ, ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ସରକାରୀ ଅଫିସ୍‌ରେ ଅନ୍ୟୁନ ୫୦% କର୍ମଚାରୀ ନଭେମ୍ବର



୨୧ ତାରିଖ ପର୍ଯ୍ୟନ୍ତ ଘରେ ରହି କାମ କରିବାକୁ 'ସିଏକ୍ୟୁଏମ୍' ନିର୍ଦ୍ଦେଶ ଦେଇଛି। ଯାନବାହନଜନିତ ପ୍ରଦୂଷଣ ହ୍ରାସ ନିମନ୍ତେ ଘରୋଇ ପ୍ରତିଷ୍ଠାନଗୁଡ଼ିକ ପ୍ରତି ମଧ ସମାନ ପରାମର୍ଶ ୯ ପୃଷ୍ଠାସମ୍ବଳିତ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଲା ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ଥିବା ୧୧ଟି ତାପଜ ବିଦ୍ୟୁତ୍ ପ୍ଲାଣ୍ଟରୁ ମାତ୍ର ୫ଟି ଚାଲିବ। ସେହିପରି, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍ ଗୁଡ଼ିକୁ ବାଦ ଦେଲେ ବାକି ଟ୍ରକ୍ ଗୁଡ଼ିକୁ ମଧ ନଭେମ୍ବର ୨୧ ପର୍ଯ୍ୟନ୍ତ ଦିଲ୍ଲୀରେ ପ୍ରବେଶ କରିବାକୁ ବାରଣ କରାଯାଇଛି। କୌଣସି ପ୍ରକାର ନିର୍ମାଣ ଏବଂ ଭଙ୍ଗା କାର୍ଯ୍ୟକଳାପ ମଧ ନଭେମ୍ବର ୨୧ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସ୍ୟାଟେଲାଇଟରୁ ମିଳିଲା ତଥ୍ୟ

# ଭୁଟାନରେ ପଶି ଗାଁ ତିଆରି କରିଛି ଚୀନ୍

**ନୂଆଦିଲ୍ଲୀ :** ବିସ୍ତାରବାଦୀ ଚାଇନା ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ କେମିତି ବେଆଇନ ଭାବେ ଅନୁପ୍ରବେଶ କରି ଏହାକୁ ଦଖଲ କରିବାକୁ ଚାହୁଁଛି, ତା'ର ଆଉ ଏକ ଉଦାହରଣ ଦେଖିବାକୁ ମିଳିଛି। ଭାରତ ସହ ସୀମା ବିବାଦ ସୃଷ୍ଟି କରିଥିବା ଚାଇନା ଏବେ ଭୁଟାନରେ ମଧ ଅନୁପ୍ରବେଶ କରିଛି।ଭୁଟାନ ସୀମାକୁ ଅତିକ୍ରମ କରି ଚାଇନିଜ ଯବାନମାନେ ବେଆଇନ ଭାବେ ଦଖଲ କରିଛନ୍ତି। ଖାଲି ସେତିକି ନୁହେଁ, ଏହି ଅଞ୍ଚଳକୁ ନିଜର ବୋଲି ପ୍ରମାଣିତ କରିବା ପାଇଁ ଚାଇନା ସେଠାରେ ୪ଟି ଗାଁ ମଧ ତିଆରି କରିଛି। ସାମ୍ନାକୁ ଆସିଥିବା ସ୍ୟାଟେଲାଇଟ ଛବିରୁ ଏପରି ତଥ୍ୟ ହାସଲ ହୋଇଛି। ଗାଁଗୁଡ଼ିକ ଡୋକଲାମ ନିକଟ ଭୁଟାନ ଓ ଚାଇନା ମଧ୍ୟରେ ଥିବା ବିବାଦୀୟ ଜମିରେ ରହିଛି। ଚାଇନା ୨୦୨୦ରୁ ୨୦୨୧ ମଧ୍ୟରେ ଏହାକୁ ନିର୍ମାଣ କରିଛି। ପ୍ରାୟ ୧୦୦ ବର୍ଗ କିଲୋମିଟର ଅଞ୍ଚଳରେ ଏକାଧିକ ଗାଁ ଚାଇନା ତିଆରି କରିଥିବା ସ୍ୟାଟେଲାଇଟ ଇମେଜ୍ରୁ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ଚାଇନାର ଏପରି ପଦକ୍ଷେପ ଭାରତ ପାଇଁ ବିଶେଷ ଚିନ୍ତାଜନକ। କାରଣ ଭୁଟାନର ସୀମା ରକ୍ଷା କରିବା ପାଇଁ ଭାରତ ସେଠାରେ ଏକ ସୀମିତ ସଶସ୍ତ୍ର ବାହିନୀ ନିୟୋଜିତ କରିଛି। ସୀମାରେ ଚାଇନାର ସାମରିକ ବିକାଶ ଉପରେ ଅନୁସନ୍ଧାନ କରୁଥିବା ଅଡେଟ୍ରେସଫ ତାଙ୍କ ଟ୍ୱିଟରରେ ଲେଖିଛନ୍ତି ଯେ "ଡୋକଲାମ ନିକଟ ଭୁଟାନ ଓ ଚାଇନା ମଧ୍ୟରେ ଥିବା ବିବାଦୀୟ ଜମିରେ ୨୦୨୦-୨୧ରେ ନିର୍ମାଣ କାର୍ଯ୍ୟ କରାଯାଇଛି। ପ୍ରାୟ ୧୦୦ ବର୍ଗ କିଲୋମିଟର ଅଞ୍ଚଳରେ ଅନେକ ନୂଆ ଗାଁ ବିସ୍ତାର କରିଛି। ଏହା ଏକ ନୂଆ ବୁଝାମଣା ନା ଚାଇନାର ବିସ୍ତାରବାଦୀ ନୀତି?" ୨୦୧୭ରେ ଭାରତ ଓ ଚାଇନା ମଧ୍ୟରେ ଡୋକଲାମ ଠାରେ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ଚାଇନା ଡୋକଲାମ ନିକଟରେ ଗୋଟିଏ ଗାଁ ନିର୍ମାଣ କରୁଥିବାର ଖବର ମିଳିଥିଲା। ଏବେ ଭୁଟାନର ଯେଉଁ ଅଞ୍ଚଳରେ ଚାଇନା ଗାଁ ତିଆରି କରିଛି, ତାହା ଡୋକଲାମର ଅତ୍ୟନ୍ତ ନିକଟବର୍ତ୍ତୀ। ତେଣୁ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବାର ଆଶଙ୍କା ରହିଛି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୨ - ୨୮ ନଭେମ୍ବର, ୨୦୨୧






# ୨୫୦କିମି ବେଗ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି

## ୪୧୬କିମିର ଲୁଣା ବନ୍ଧ ସୁଦୃଢୀକରଣ ପାଇଁ ଖର୍ଚ୍ଚ ହେବ ୧୧୮୬କୋଟି

**ଭୁବନେଶ୍ୱର :** ବାତ୍ୟା ସମୟରେ ଯେପରି ସାମୁଦ୍ରିକ ଜୁଆର ଉପକୂଳବର୍ତ୍ତୀ ଅଞ୍ଚଳରେ ପଶିବନି ସେଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଓଡ଼ିଶା ଉପକୂଳରେ ଥିବା ଲୁଣା ବନ୍ଧଗୁଡ଼ିକୁ ଜାତୀୟ ବାତ୍ୟା ବିପଦ ହ୍ରାସ ପ୍ରକଳ୍ପ (ଏନ୍‌ସିଆରପି)ଙ୍କ ଗାଇଡଲାଇନ୍ ଅନୁଯାୟୀ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାରେ ୧୬୩୬କିମିର ଲୁଣା ବନ୍ଧ ଥିଲେ ହେଁ ତିନିଟି କ୍ୟାଟେଗୋରିରେ ଥିବା ୪୧୫.୯୧କିମିର ବନ୍ଧର ସୁଦୃଢୀକରଣ କାମ ଅଗ୍ରାଧିକାର ଭିତ୍ତିରେ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ୧୧୮୫.୬୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାରମ୍ଭିକ ଆକଳନ ହୋଇଛି। ନିକଟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ନିଷ୍ପତ୍ତି ହୋଇଛି ଯେ,



ବାତ୍ୟାପ୍ରବଣ ଓଡ଼ିଶାର ସମସ୍ତ ଲୁଣା ବନ୍ଧକୁ ୮ମିଟର ଉଚ୍ଚତା ବିଶିଷ୍ଟ କରାଯିବ। ଯେପରି ୨୫୦କିମି ବେଗରେ ବାତ୍ୟା ପବନ ବହିଲେ ସମୁଦ୍ର ଜୁଆର ବି ଜନବସତିକୁ ଆସିବନି ସେହିଭଳି ବନ୍ଧ ନିର୍ମାଣ କରିବାକୁ କୁହାଯାଇଛି। ୟଶ୍ ବାତ୍ୟା ସମୟରେ ୮ମିଟରର ସାମୁଦ୍ରିକ ଜୁଆର ଉଠିବ ବୋଲି କୁହାଯାଇଥିବାବେଳେ ୫.୩ମିଟରର ଜୁଆର ଉଠିଥିଲା। ଆଗକୁ ଏହାଠାରୁ ବଡ଼ ବାତ୍ୟା ଆସିଲେ ଅଧିକ ଉଚ୍ଚରେ ପାଣି ଉଠିପାରେ। ତେଣୁ ରାଜ୍ୟର ସମସ୍ତ ଲୁଣାବନ୍ଧକୁ ୮ମିଟର ଉଚ୍ଚା କରିବାକୁ ନିଷ୍ପତ୍ତି ହୋଇଛି। ଏହି ଲୁଣାବନ୍ଧ ସୁଦୃଢୀକରଣ ପାଇଁ ବୈଷୟିକ ସହାୟତା ନିମନ୍ତେ ଜଳସମ୍ପଦ ବିଭାଗ ପକ୍ଷରୁ ଏନ୍‌ଆଇଓଟି ଚେନ୍ନାଇ, କିମ୍ବା ଆଇଆଇଟି ମାଡ୍ରାସ କିମ୍ବା ଆଇଏନ୍‌ସିଓଆଇଏସ୍ ହାଇଦ୍ରାବାଦ ସହ ଏମ୍‌ଓୟୁ ସ୍ୱାକ୍ଷର କରିବାକୁ କୁହାଯାଇଛି। ଲୁଣାବନ୍ଧ ସୁଦୃଢୀକରଣ କାମ ପାଇଁ ଡିଜାଇନ୍, ଡ୍ରଇଁ ଆଦି ୪ରୁ ୬ମାସ ମଧ୍ୟରେ ପ୍ରସ୍ତୁତ କରିବାକୁ କୁହାଯାଇଛି। ଖର୍ଚ୍ଚ ଆକଳନର ୧୫ରୁ ୨୦% ଆସନ୍ତା ବର୍ଷ ବଜେଟ୍ରେ ବ୍ୟବସ୍ଥା ହେବ। ଏଥିରେ ଟେଣ୍ଡର ପ୍ରକ୍ରିୟା କରି କାମ ଆରମ୍ଭ କରିବାକୁ କୁହାଯାଇଛି। ଏହାପରେ ନାବାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ଓଡ଼ିଶା ଉପକୂଳ ବିପର୍ଯ୍ୟୟ ହ୍ରାସ ପାଣ୍ଠିରୁ ଅର୍ଥ ମିଳିଲେ ଦିଆଯିବ ବୋଲି କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ବାତ୍ୟା ୟସ୍‌ରେ କ୍ଷତିଗ୍ରସ୍ତ ହୋଇଥିବା ଅତ୍ୟନ୍ତ ସମ୍ବେଦନଶୀଳ ୧୯୮.୭୧କିମିର ଲୁଣାବନ୍ଧ ସୁଦୃଢୀକରଣ କାମ ଖୁବ୍ ଶୀଘ୍ର ଆରମ୍ଭ କରିବାକୁ ମୁଖ୍ୟ ସଚିବ କହିଛନ୍ତି। ଏହାକୁ କ୍ୟାଟେଗୋରି-୧ରେ ରଖାଯାଇଛି। ଏଥିପାଇଁ ୭୬୩.୪୯କୋଟି ଖର୍ଚ୍ଚ ହେବ। ସେହିପରି କ୍ୟାଟେଗୋରି-୨ରେ ଅଧିକ କ୍ଷୟକ୍ଷତି ହୋଇଥିବା ୧୫୩.୭୯ କିମିର ବନ୍ଧ ପାଇଁ ୧୫୯.୪୯କୋଟି ଏବଂ କ୍ୟାଟେଗୋରି-୩ରେ ପ୍ରଭାବିତ ୬୩.୪୧କିମିର ଲୁଣାବନ୍ଧ ପାଇଁ ୨୬୨.୬୬ କୋଟିର ଖର୍ଚ୍ଚ ଆକଳନ ହୋଇଛି। ହେଲେ ଏଥିପାଇଁ ରାଜ୍ୟ ସରକାର ଜମି କିଣିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ଯେଉଁଠି ଲୋକମାନେ ଏହି କାମ ପାଇଁ ଜମି ଦାନ ସୂତ୍ରରେ ଦେବେ ସେଠାରେ କାମ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## କରୋନା ଟିକାକରଣରେ ଜାତୀୟ ହାର ଠାରୁ ଆଗରେ ଓଡ଼ିଶା

**ଭୁବନେଶ୍ୱର :** ଟିକାକରଣରେ ସାରା ଦେଶରେ ଆଗରେ ଓଡ଼ିଶା। ସେହିପରି ରାଜ୍ୟରେ ଟିକା ୱେଷ୍ଟେଜ୍ ହାର ରହିଛି ମାତ୍ର ମାଇନସ୍ ୫ ଦଶମିକ ୩ ପ୍ରତିଶତ। ଏବେ ସୁଦ୍ଧା ୪ ଦଶମିକ ୦୩ କୋଟି ଲୋକଙ୍କୁ ଦିଆଯାଇଛି ଟିକା। ୨କୋଟି ୬୮ ଲକ୍ଷ ୪ହଜାର ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯାଇଛି। ୧ କୋଟି ୩୪ ଲକ୍ଷ ୯୬ହଜାର ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଟିକାକରଣର ଜାତୀୟ ହାର ଅପେକ୍ଷା ରାଜ୍ୟ ହାର ଅଧିକ ରହିଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକାକରଣକୁ ନେଇ ବସିଥିବା ବୈଠକରୁ ଏହି ସୂଚନା ମିଳିଛି। ପ୍ରଥମ ଡୋଜ୍ ଟିକାକରଣରେ ଜାତୀୟ ହାର ୭୯ ଦଶମିକ ୮ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ପ୍ରଥମ ଡୋଜ୍ ଟିକାକରଣ ହାର ରହିଛି ୮୨ ଦଶମିକ ୪ ପ୍ରତିଶତ। ସେହିପରି ଦ୍ୱିତୀୟ ଡୋଜ୍ ଟିକାକରଣରେ ଜାତୀୟ ହାର ୩୮ଦଶମିକ ୪ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୪୧ଦଶମିକ ୫ ପ୍ରତିଶତ ଲୋକଙ୍କୁ ଦିଆଯାଇଛି ଦ୍ୱିତୀୟ ଡୋଜ୍। ନଭେମ୍ବର ୩୦ ସୁଦ୍ଧା ୯୦ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ୍ ଟିକାକରଣ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକାକରଣକୁ ନେଇ ବସିଥିବା ବୈଠକରୁ ଏହି ସୂଚନା ମିଳିଛି। ତେବେ ଏଯାବତ୍ ରାଜ୍ୟରେ




ମୋଟ ୪.୦୩ କୋଟି ଡୋଜ୍ କରୋନା ଟିକାକରଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ କୋଟି ୬୮ ଲକ୍ଷ ୪୭୫୫ ଜଣ କରୋନା ଟିକାର ପ୍ରଥମ ଡୋଜ୍ ଗ୍ରହଣ କରିସାରିଥିବା ବେଳେ ୧ କୋଟି ୩୪ ଲକ୍ଷ ୯୬ ହଜାର ୫୯ ଜଣ କରୋନା ଟିକାର ଦ୍ୱିତୀୟ ଡୋଜ୍ ନେଇ ସାରିଛନ୍ତି। ତେବେ ଏହି ପରିସଂଖ୍ୟାନକୁ ଡିସେମ୍ବର ସୁଦ୍ଧା ଶତ ପ୍ରତିଶତରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ। ଅନ୍ୟ ପକ୍ଷରେ ଟିକାର ଅପଚୟ ରାଜ୍ୟରେ ବହୁତ କମ୍ ହୋଇଥିବାରୁ ଏହାକୁ ପ୍ରଶଂସା କରିଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତ । ରାଜ୍ୟରେ ଟିକାର ପରିବହନକୁ ଅତ୍ୟନ୍ତ ବ୍ୟବସ୍ଥିତ ଢଙ୍ଗରେ କରାଯାଇଥିବାରୁ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ କୁଶଳ ଟିକାକରଣ ଯୋଗୁଁ ରାଜ୍ୟରେ ଟିକାର ଅପଚୟ କମ୍ ହୋଇଥିବା ସେ କହିଛନ୍ତି । ରାଜ୍ୟ ପ୍ରାୟ ୨୦ ଲକ୍ଷ କରୋନା ଡୋଜ୍‌ର ଅପଚୟକୁ ରୋକିପାରିଛି।

## ଭୋଟର ସଚେତନତା ରଥର ଜିଲ୍ଲା ପରିକ୍ରମା

**ଜଗତ୍‌ସିଂହପୁର:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ଭୋଟର ସଚେତନତା ରଥକୁ ଜିଲ୍ଲାପାଳ ପାରୁଲ ପଟ୍ଟଆରୀ ପତକା ହଲାଇ ଶୁଭ ଉଦ୍‌ଘାଟନ କରିଥିଲେ । ଦୁଇଗୋଟି ଭୋଟର ସଚେତନତା ରଥ ଜଗତ୍‌ସିଂହପୁର ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ପୌରାଞ୍ଚଳ ପରିକ୍ରମା କରି




ଭୋଟର ସଚେତନତା କରାଇବ । ଆସନ୍ତା ଜାନୁଆରୀ ୨୦୨୨ରିଖ ସୁଦ୍ଧା ୧୮ବର୍ଷ କିମ୍ବା ଉର୍ଦ୍ଧ୍ୱ ଭୋଟରମାନେ ସେମାନଙ୍କର ନାମ ପଞ୍ଜିକରଣ କରାଇବେ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବୁଥ ମାନଙ୍କରେ ନଭେମ୍ବର ୭ ଓ ୨୧ତାରିଖରେ ବୁଥରେ ଉପସ୍ଥିତ ରହି ବି.ଏଲ୍.ଓ. ଜରିଆରେ ନିଜର ନାମକୁ ପଞ୍ଜିକରଣ କରିପାରିବେ । ଏପରିକି ନଭେମ୍ବର ୩୦ତାରିଖ ମଧ୍ୟରେ ଯୋଗ୍ୟଭୋଟରମାନେ ଭୋଟର ହେଲପ୍ ଲାଇନ୍ ଆପ ଜରିଆରେ ଅନ୍‌ଲାଇନ୍ ମାଧ୍ୟରେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିପାରିବେ । ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍ ଓ ଡେପୁଟି କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମ ପଞ୍ଚାୟତ ଜିଆଇଏସ୍ ପ୍ଲାନ୍‌ରେ ଓଡ଼ିଶା ଶୀର୍ଷରେ

**ଭୁବନେଶ୍ୱର:** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏରିଆ ଅଫିସର ଆପ୍, ନାସନାଲ ମୋବାଇଲ ମନିଟରିଂ ସିଷ୍ଟମ, ଜିଆଇଏସ୍ ଆଧାରିତ ଯୋଜନା, ସଂପତ୍ତିର ଜିଓ ଟ୍ୟାଗିଂ, ଆଧାର ସିଡିଂ, ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥା ଉପଯୋଗ ସହ ସାମାଜିକ ସମୀକ୍ଷାକୁ ପ୍ରାଥମିକତା ଦିଆଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ସପ୍ତମ ବୈଠକ ଲୋକସେବା ଭବନରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୦୨୦/୨୧ ଆର୍ଥିକ ବର୍ଷ ତୁଳନାରେ ୨୦୨୧/୨୨ ବର୍ଷରେ ରାଜ୍ୟ ଅଧିକ ସଫଳତା ପାଇଥିବା କୁହାଯାଇଛି। ଦେଶର ୧୦ଟି ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ ଭିତରେ ଓଡ଼ିଶା ସ୍ଥାନ ବଜାୟ ରଖିଛି। ୧୪.୬ କୋଟି ଶ୍ରମ ଦିବସ ସୃଷ୍ଟି ସହିତ ସପ୍ତମ ସ୍ଥାନ, ୧୦୦ଦିନରୁ ଅଧିକ କାର୍ଯ୍ୟ କରିଥିବା ପରିବାରରେ ଦ୍ୱିତୀୟ, ପ୍ରତି ପରିବାର ପିଛା ହାରହାରି କାର୍ଯ୍ୟ ଦିବସରେ ଦ୍ୱିତୀୟ, ଉଚିତ୍ ସମୟରେ ଶ୍ରମିକମାନଙ୍କୁ ଦେୟ ପ୍ରଦାନରେ ଅଷ୍ଟମ, ଜିଓ-ମନରେଗାରେ ୭ମ ସ୍ଥାନ ଓ ଗ୍ରାମ ପଞ୍ଚାୟତ ଜିଆଇଏସ୍ ପ୍ଲାନ୍‌ରେ ଶୀର୍ଷ ସ୍ଥାନ ହାସଲ କରିପାରିଛି। ରାଜ୍ୟର ୨୦ଟି ଦାଦନ ପ୍ରବଣ ବ୍ଲକ୍ ଗୁଡ଼ିକରେ ମନରେଗା ଯୋଜାନରେ ବିଜ୍ଞାପିତ ମଜୁରି ଦର ଉପରେ ଅତିରିକ୍ତ ମଜୁରି ପ୍ରଦାନ କରି ଏହାକୁ ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି। ମନରେଗାର ଅଧିନୟମରେ ଧାର୍ଯ୍ୟ ହୋଇଥିବା ୧୦୦ଦିନର ନିଶ୍ଚିତ କର୍ମନିଯୁକ୍ତି ବ୍ୟତିରେକେ ଅତିରିକ୍ତ ୨ଶହ ଦିନର କର୍ମନିଯୁକ୍ତି ପ୍ରଦାନ କରାଯାଉଛି। ଏହି ୨ଶହ ଦିନର ପାଇଁ ଜବ୍ କାର୍ଡଧାରୀମାନଙ୍କୁ ତାଙ୍କର ଦୈନିକ ମଜୁରି ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ସେହିପରି ଲାଇନ୍ ବିଭାଗଗୁଡ଼ିକ ସହ ପ୍ରଭାବୀ ଏକାଭିମୁଖୀକରଣ ଜରିଆରେ ଚଳିତବର୍ଷ ୩୬୫୬ କୋଟି ଟଙ୍କାର କାର୍ଯ୍ୟ ଅନୁମୋଦନ କରାଯାଇଛି। ଏହି ପଦକ୍ଷେପ ଫଳରେ ୭୪୭,୮୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨.୮୯ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଉଦ୍ୟାନ କୃଷି ୨୧୧୧୫ ହେକ୍ଟର, ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ୨୫୧୫୫ ହେକ୍ଟର ବନୀକରଣ, ୬୦୬୬୩ ଫାର୍ମ ପୋଖରୀ କରାଯିବା ପାଇଁ ପଦକ୍ଷେପ ନିଆଯାଇ ଗରିବ ପରିବାରଙ୍କ ଜୀବିକା ସୁରକ୍ଷାକୁ ସୁଦୃଢ଼ କରାଯାଇଛି। ରାଜ୍ୟରେ ପକାଘର ନଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ି ପାଇଁ ପକାଘର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାରୀ ଭିତ୍ତିରେ ଗ୍ରହଣ କରାଯିବ। ପ୍ରାରମ୍ଭରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ନିଶ୍ଚିତ କର୍ମନିଯୁକ୍ତି ପରିଷଦର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ ଉନ୍ନୟନ କମିସନର ପ୍ରଦୀପ ଜେନାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ମନରେଗାର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ।

## ଚିକିତ୍ସାରେ ଅବହେଳା ଅଭିଯୋଗ ଘଟଣାରେ ଡାକ୍ତରଙ୍କୁ ଗିରଫ କରାଯାଇପାରିବନି

**ଭୁବନେଶ୍ୱର :** ସାଧାରଣଭାବେ ଚିକିତ୍ସାରେ ଅବହେଳା ଆସିଥିବା ଅଭିଯୋଗ ଘଟଣାରେ କୌଣସି ଡାକ୍ତରଙ୍କୁ ଗିରଫ କରାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ଶୁଣାଇଛନ୍ତି ଜାତୀୟ ମେଡିକାଲ କମିସନ ବା ଏନ୍‌ଏମ୍‌ସି। ଯଦି ଘଟଣାରେ ଅଧିକ ତଦନ୍ତ ଓ ପ୍ରମାଣ ସଂଗ୍ରହ କିମ୍ବା ପରବର୍ତ୍ତୀ ସମୟରେ ଡାକ୍ତର ଜଣକ ପଚରାଉଚରା ପାଇଁ ଉପଲବ୍ଧ ହୋଇପାରିବେ ନାହିଁ ବୋଲି ତଦନ୍ତକାରୀ ଅଧିକାରୀ ହୃଦୟଙ୍ଗମ କରନ୍ତି ତାହାଲେ ଡାକ୍ତରଙ୍କୁ ଗିରଫ କରାଯାଇ ପାରିବ। ଗିରଫ ପୂର୍ବରୁ ସଂପୃକ୍ତ ଅଧିକାରୀ ଘଟଣାରେ ସମସ୍ତ ତଥ୍ୟ ଏସ୍‌ପି/ଡିଏସ୍‌ପିଙ୍କ ପାଖରେ ରଖିବା ଜରୁରୀ ବୋଲି କୁହାଯାଇଛି। ଏ ସଂପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏମ୍‌ଏମ୍‌ସି ପକ୍ଷରୁ ଚିଠି ଲେଖାଯାଇଛି। ଡାକ୍ତରଙ୍କ ବିରୋଧରେ ଚିକିତ୍ସାରେ ଅବହେଳା ଅଭିଯୋଗ ଘଟଣାରେ ଜିଲ୍ଲା ଏଫ୍‌ଏମ୍‌ଟି ବୋର୍ଡ ୨ସପ୍ତାହ ଭିତରେ ଅନୁଧ୍ୟାନ କରିବା ପରେ ତଦନ୍ତକାରୀ ସଂସ୍ଥା ନିକଟକୁ ନିଜର ପ୍ରସ୍ତାବ ପଠାଇବ। ଯଦି ତଦନ୍ତକାରୀ ସଂସ୍ଥା ଏହି ପ୍ରସ୍ତାବରେ ସନ୍ତୁଷ୍ଟ ନ ହୁଅନ୍ତି ତାହାଲେ ମେଡିକାଲ ବୋର୍ଡକୁ ଜଣାଇବେ। ପରେ ତଦନ୍ତକାରୀ ସଂସ୍ଥା/ଅଧିକାରୀ ଆଇନ ଅନୁଯାୟୀ ଘଟଣାର ତଦନ୍ତ ଆରମ୍ଭ କରିବେ। ରାଜ୍ୟ/କେନ୍ଦ୍ର ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା



ଡାକ୍ତରଙ୍କୁ ଗିରଫ ପୂର୍ବରୁ ତଦନ୍ତକାରୀ ସଂସ୍ଥା ତାଙ୍କୁ ସୂଚନା ପ୍ରଦାନ କରିବେ। ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ପାଇଁ ରାଜ୍ୟ ମେଡିକାଲ କାଉନ୍ସିଲ କିମ୍ବା ଏନ୍‌ଏମ୍‌ସିକୁ ଜଣାଇବେ ବୋଲି କୁହାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏନ୍‌ଏମ୍‌ସିର ଗାଇଡଲାଇନ୍ ପରେ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂପର୍କରେ ଚିଠି ଲେଖାଯିବ। ଗୃହ ବିଭାଗ ପକ୍ଷରୁ ଏଥିପାଇଁ ଗାଇଡଲାଇନ୍ ଜାରି ହେବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

## ଘରେ ବସି ଡାଉନ୍‌ଲୋଡ୍ କରି ହେବ ଗାଡ଼ି କାଗଜପତ୍ର

**ଭୁବନେଶ୍ୱର :** ଆଉ ସ୍ମାର୍ଟ କାର୍ଡ ନୁହେଁ, କିମ୍ବା ଆରଟିଓ ଅଫିସ୍‌ରେ ଧାଡ଼ି ବାନ୍ଧି ନୁହେଁ, ବରଂ ଘରେ ବସି ଡାଉନ୍‌ଲୋଡ୍ କରି ହେବ ଗାଡ଼ିର ସମସ୍ତ କାଗଜପତ୍ର। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ବିଜ୍ଞପ୍ତି ଜାରି କରିଛି। ସ୍ମାର୍ଟ କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥା ସ୍ମାର୍ଟ ଚିପ୍ ଲିମିଟେଡ୍ ସହ ହୋଇଥିବା ଚୁକ୍ତି ଅବଧି ଜୁଲାଇ ୨୮ରେ ଶେଷ ହୋଇଛି। ସଂସ୍ଥା ସହ ହୋଇଥିବା ଚୁକ୍ତିର ଆଉ ନବୀକରଣ ନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ନୂଆ ବ୍ୟବସ୍ଥାରେ ଡ୍ରାଇଭିଂ ଲାଇସେନ୍ସ, ପଞ୍ଜୀକରଣ ପ୍ରମାଣପତ୍ର, ବାଣିଜ୍ୟ ପ୍ରମାଣପତ୍ର, ଫିଟ୍‌ନେସ୍ ସାର୍ଟିଫିକେଟ୍ ଓ ପରମିଟ୍ ପ୍ରଭୃତି ପାଇବା ପାଇଁ ଗାଡ଼ି ଚାଳକଙ୍କୁ ଆଉ ଆରଟିଓ ଦଉଡ଼ିବାକୁ ପଡ଼ିବ




ନାହିଁ କିମ୍ବା ଡାକ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ବିଭାଗ ବିଜ୍ଞପ୍ତିରେ ସ୍ପଷ୍ଟ କରିଛି। ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ପୋର୍ଟାଲ ପ୍ରସ୍ତୁତ କରୁଛି। ଆସନ୍ତା ଜାନୁଆରି ୧ ତାରିଖରୁ ଏହି ସୁବିଧା ଉପଲବ୍ଧ ହେବାକୁ ଯାଉଛି। ଏଥିରେ ସମସ୍ତ କାଗଜପତ୍ର କର୍ତ୍ତୃପକ୍ଷଙ୍କର ଡିଜିଟାଲ ଦସ୍ତଖତରେ ଉପଲବ୍ଧ ହେବ। ଡାଉନ୍‌ଲୋଡ୍ ହେଉଥିବା ପିଡିଏଫ୍ ପୁଲିସ ଚେକିଂ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ସରକାରୀ ବ୍ୟବସ୍ଥାରେ ଗ୍ରହଣୀୟ ହେବ। ଉଲ୍ଲେଖଯୋଗ୍ୟ, ଗାଡ଼ି କାଗଜପତ୍ର ଡାକରେ ଆସୁଥିବାରୁ ଅନେକ ସମୟରେ ବିଳମ୍ବ ହେଉଥିଲା। କେତେକ କ୍ଷେତ୍ରରେ ଠିକଣା ଠିକ୍ ଥାଇ ମଧ୍ୟ ଡାକ କର୍ମଚାରୀ ଚିଠି ଦେଉନଥିବା ଅଭିଯୋଗ ରହିଥିଲା। ଘରକୁ କାଗଜପତ୍ର ପହଞ୍ଚିବା ପାଇଁ ଡାକ ଦେୟ ଗାଡ଼ି ମାଲିକଙ୍କୁ ଦେବାକୁ ପଡୁଥିଲା। ସ୍ମାର୍ଟ କାର୍ଡ ପ୍ରସ୍ତୁତ କରିବା ପାଇଁ ସ୍ମାର୍ଟ ଚିପ୍ ଲିମିଟେଡ୍ ମଧ୍ୟ ଟଙ୍କା ନେଉଥିଲା। ଏଭଳି ଅଭିଯୋଗ ସବୁକୁ ଆଖି ଆଗରେ ରଖି ସରକାର ସ୍ମାର୍ଟ କାର୍ଡକୁ ହଟାଇ ଇଣ୍ଟରନେଟ୍‌ରୁ ଏହି ସବୁ କାଗଜପତ୍ର ଡାଉନ୍‌ଲୋଡ୍ କରିବା ସୁବିଧା ଉପଲବ୍ଧ କରିବାକୁ ଯାଉଛନ୍ତି।

# ପଞ୍ଚାୟତ ଭୋଟ୍: ମହିଳା ପ୍ରାର୍ଥୀଙ୍କ ପ୍ରତିନିଧିତ୍ୱ କମିଲା

**ଭୁବନେଶ୍ୱର :** ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଉଥିଲେ ମଧ୍ୟ ପୁରୁଷ ପ୍ରାର୍ଥୀଙ୍କ ନିମନ୍ତେ ଆସନ ସଂଖ୍ୟା ହ୍ରାସ୍ ପାଇଛି। ୨୦୧୭ ମସିହା ପଞ୍ଚାୟତ ନିର୍ବାଚନ ତୁଳନାରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ତୁଳନାରେ ପୁରୁଷ ପ୍ରାର୍ଥୀଙ୍କ ପାଇଁ ଆସନ ସଂଖ୍ୟା ୱାର୍ଡମେମ୍ବରଠୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭ୍ୟ ପର୍ଯ୍ୟନ୍ତ ସବୁଠି ହ୍ରାସ ପାଇଛି।ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ୭ଟି ପଞ୍ଚାୟତ ଓ ୧୧୧ଟି ୱାର୍ଡ ଏବେ ଏନଏସିରେ ସାମିଲ ହୋଇଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ମୋଟ୍ ୬୭୯୪ଟି ପଞ୍ଚାୟତରେ ସରପଞ୍ଚ ଓ ୯୧୯୧୬ଟି ୱାର୍ଡରେ ନିର୍ବାଚନ ହେବ। ଅବଶ୍ୟ ଗତଥର ଭଳି ଚଳିତଥର ମଧ୍ୟ ୮୫୩ଟି ଜିଲ୍ଲା ପରିଷଦ ସଭ୍ୟ ଆସନରେ ନିର୍ବାଚନ ହେବ। ୨୦୧୭ ପଞ୍ଚାୟତ ନିର୍ବାଚନରେ ମୋଟ୍ ୮୫୩ଟି ଜିଲ୍ଲା ପରିଷଦ ସଭ୍ୟ ଆସନ, ୬୮୦୧ଟି ପଞ୍ଚାୟତରେ ସରପଞ୍ଚ ପଦବୀ, ୬୮୦୦ଟିରେ ସମିତି ସଭ୍ୟ ଓ ୯୨୦୨୭ଟି ୱାର୍ଡମେମ୍ବର ଆସନ ପାଇଁ ନିର୍ବାଚନ ହୋଇଥିଲା। ୨୦୧୭ ମସିହାରେ ଜିଲ୍ଲା ପରିଷଦ ଆସନରେ ମୋଟ ୪୩୬ ଜଣ ମହିଳାଙ୍କ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିବାବେଳେ ସରପଞ୍ଚ ପଦବୀ ପାଇଁ ୩୪୯୪ଟି, ପଞ୍ଚାୟତ ସମିତି ସଭ୍ୟରେ ୩୫୪୭ଟି ଓ ୱାର୍ଡମେମ୍ବରରେ ୪୮୯୬୮ଟି ଆସନ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା ।ମାତ୍ର ଆଗାମୀ ପଞ୍ଚାୟତ ନିର୍ବାଚନରେ ୧୧୧ଟି ୱାର୍ଡ ହ୍ରାସ ପାଇ ୯୧୯୧୬ଟି ୱାର୍ଡରେ ନିର୍ବାଚନ ହେବାକୁ ଥିବାବେଳେ ଏଥିରେ ୪୯୪୬୯ଟି ୱାର୍ଡମେମ୍ବର ଆସନ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନ ତୁଳନାରେ ଅଧିକ ୫୦୧ଟି ୱାର୍ଡମେମ୍ବର ସିଟ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଏଥର ନିର୍ବାଚନରେ ୭ଟି ପଞ୍ଚାୟତ ବାଦ୍ ପଡ଼ି ମୋଟ ୬୭୯୪ଟି ପଞ୍ଚାୟତରେ ନିର୍ବାଚନ ହେବାକୁ ଥିବାବେଳେ ଏଥିରେ ୩୫୦୦ଟି ସିଟ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନ ତୁଳନାରେ ଅଧିକ ୬ଟି ସିଟ୍ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଅଛି। ସେହିପରି ଆଗାମୀ ନିର୍ବାଚନରେ ୮୫୩ଟି ଜିଲ୍ଲା ପରିଷଦ ସଭ୍ୟ ଆସନ ମଧ୍ୟରୁ ୪୩୩ଟି ମହିଳାଙ୍କ ନିମନ୍ତେ ଓ ୪୨୦ଟି ପୁରୁଷଙ୍କ ନିମନ୍ତେ ସଂରକ୍ଷିତ ରହିଛି। ମୋଟ ୬୭୯୩ଟି ପଞ୍ଚାୟତ ସମିତି ସଭ୍ୟ ପଦବୀ ମଧ୍ୟରୁ ୩୫୩୮ଟି ଆସନ ମହିଳା ଏବଂ ୩୨୫୫ଟି ଆସନ ପୁରୁଷ ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ରହିଥିବା



ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟର ୭ଟି ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଓ ଅନ୍ୟ ୭ଟି ଜିଲ୍ଲା ଆଂଶିକ ଭାବେ ପେସା ଆଇନ ଅନ୍ତର୍ଗତ ସିଡ୍ୟୁଲ ଏରିଆ ଭାବେ ପରିଗଣିତ ହେଉଛି। ଏସବୁ ଜିଲ୍ଲାର ମୋଟ ୧୧୯ଟି ବ୍ଲକ ସମ୍ପୂର୍ଣ୍ଣ ଓ ୩ଟି ବ୍ଲକ ଆଂଶିକ ସିଡ୍ୟୁଲ ଏରିଆ ହୋଇଥିବାବେଳେ ଏଥିରେର ମୋଟ ୨୦୯୯ଟି ପଞ୍ଚାୟତର ସରପଞ୍ଚ ଓ ୨୦୭୭ଟି ପଞ୍ଚାୟତ ସମିତି ସଭ୍ୟ, ୨୬୭୨୯ଟି ୱାର୍ଡମେମ୍ବର ଆସନ ରହିଛି। ତେବେ, ୨୦୧୨ ପଞ୍ଚାୟତ ନିର୍ବାଚନଠୁ ରାଜ୍ୟରେ ତ୍ରିସ୍ତରୀୟ ନିର୍ବାଚନରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହୁଥିଲେ ମଧ୍ୟ କ୍ରମାଗତ ଭାବେ ପୁରୁଷଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବା ନିଶ୍ଚିତ ଭାବେ ଉଦବେଗର ବିଷୟ ହୋଇଛି।

## ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ୩ ଗୁଣ ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟରେ ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ପଞ୍ଚାୟତ ନିର୍ବାଚନ ହେବାର ସମ୍ଭାବନା ଥିବାବେଳେ ରାଜ୍ୟ ନିର୍ବାଚନ କମିଶନର ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରିଛନ୍ତି। ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସୀମାକୁ ୩ଗୁଣରୁ ଅଧିକ ବୃଦ୍ଧି କରିବା ସହ ସେମାନଙ୍କ ଦ୍ୱାରା ନିର୍ବାଚନୀ ପ୍ରଚାରରେ ବ୍ୟବହୃତ ହେବାକୁ ଥିବା ଗାଡ଼ିର ସଂଖ୍ୟାକୁ ମଧ୍ୟ ନିର୍ବାଚନ କମିଶନ ବଢ଼ାଇଛନ୍ତି। ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ୮୦ହଜାର ଟଙ୍କା ଥିବାବେଳେ ଏବେ ତାହା ୨ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟ ନିର୍ବାଚନ କମିଶନ ଆଜି ଏକ ନିର୍ଦ୍ଦେଶନାମା ଜାରି କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସୀମାକୁ ୨ଲକ୍ଷ ଟଙ୍କାକୁ ବଢ଼ାଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚସୀମାକୁ ଦେଢ଼ଲକ୍ଷ ଟଙ୍କାରୁ ୨ଲକ୍ଷ ଟଙ୍କା କରାଯାଇଥିଲା। ଯାହାକୁ ଆଗାମୀ ନିର୍ବାଚନ ନିମନ୍ତେ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚକୁ ୬୦ହଜାର ଟଙ୍କାରୁ ୮୦ହଜାର ଟଙ୍କାକୁ ସେତେବେଳେ ବୃଦ୍ଧି କରିଥିଲା। ଯାହାକୁ ଆଜି ୨ଲକ୍ଷ ଟଙ୍କାକୁ ବଢ଼ାଇ ଦେଇଛନ୍ତି। ସେହିପରି ଅନ୍ୟ ଏକ ନିର୍ଦ୍ଦେଶନାମାରେ ଜିଲ୍ଲା ପରିଷଦ ସଭ୍ୟ ପାଇଁ ପ୍ରତିଯୋଗିତା କରୁଥିବା ପ୍ରାର୍ଥୀ ସର୍ବାଧିକ ୫ଟି କାର ବା ଜିପ୍ ଓ ୧୦ଟି ମୋଟର ସାଇକେଲ, ସମିତି ସଭ୍ୟ ଓ ସରପଞ୍ଚ ପାଇଁ ଲଢୁଥିବା ପ୍ରାର୍ଥୀ ୨ଟି କାର ବା ଜିପ୍ ଓ ୫ଟି ମୋଟର ସାଇକେଲକୁ ନିଜର ନିର୍ବାଚନୀ ପ୍ରଚାର ପାଇଁ ଉପଯୋଗ କରିପାରିବେ। ଗାଡ଼ି ଓ ମୋଟର ସାଇକେଲ ଧାର୍ଯ୍ୟ ସୀମା ମଧ୍ୟରେ ଅଟୋ ରିକ୍ସା ମଧ୍ୟ ବ୍ୟବହାର କରାଯାଇପାରିବ। ଏହି ସବୁ ଗାଡ଼ି ବ୍ୟବହାର ଦିନଠାରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଗାଡ଼ିର ପ୍ରକାର, ପଞ୍ଜିକରଣ ନମ୍ବର, ଗାଡ଼ି ମାଲିକଙ୍କ ନାମକୁ ଉପଜିଲ୍ଲାପାଳଙ୍କୁ ଜଣାଇବେ। ଅନୁରୂପ ଭାବେ ସମିତି ସଭ୍ୟ ଓ ସରପଞ୍ଚ ମଧ୍ୟ ସେମାନଙ୍କ ପ୍ରଚାରରେ ଉପଯୋଗ ହେବାକୁ ଥିବା ଗାଡ଼ିର ବିବରଣୀ ବିଡିଓଙ୍କୁ ଜଣାଇବେ।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ନଭେମ୍ବର, ୨୦୨୧

# ସ୍ୱଚ୍ଛ ନେତା, ଭଲ ରାଜନୀତି ଲୋଡ଼ା

ସ୍ୱାଧୀନତା ପରେ ଦେଶରେ ଯେଉଁ ନୂଆ ନେତା ସୃଷ୍ଟି ହୋଇଛି, ସେମାନଙ୍କ ଆଚରଣ ଓ ଉଚ୍ଚାରଣ ବିଷୟରେ ଦେଶବାସୀ ଜାଣିସାରିଛନ୍ତି । କିନ୍ତୁ ଆଜିର ସମୟରେ ଦେଶ ଓ ରାଜ୍ୟରେ ଯେଉଁଭଳି ସ୍ୱଚ୍ଛ ନେତାଙ୍କ ଆବଶ୍ୟକତା ରହିଛି ତାହା କେତେଦୂର ପୂରଣ ହୋଇଛି ସେ ବିଷୟରେ ଭାବିବାର ସମୟ ଆସିଛି । କାରଣ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଦୁର୍ନୀତି ପଛରେ ନେତାଙ୍କ ହାତ ରହିବା ହେତୁ ପ୍ରଶାସନିକ ଦ୍ୱାରା ଦୁର୍ନୀତି ବଢୁଛି । ପରେ କାଁଭାଁ ଏହାର ଖୋଳତାଡ଼ ହେଉଥିଲେ ବି ଜନତାଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ ହରିଲୁଟ ହେଉଥିବାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସୁଛି । ଦୁର୍ନୀତିଖୋରଙ୍କ ପାଇଁ ଦେଶରେ ସମସ୍ୟା ବଢୁଥିବା ନେଇ ଯେଉଁ ସ୍ୱର ଉଠିବା କଥା ତାହା ଜନସାଧାରଣ ନଉଠାଇ ନେତାଙ୍କ ପଛରେ ଗୋଡାଣିଆ ସାଜି ନିଜକୁ ବିପଦରେ ପକାଇଚାଲିଛନ୍ତି । ସାମ୍ପ୍ରତିକ ସମୟର ଅନେକ ଘଟଣାକୁ ଅନୁଧ୍ୟାନ କଲେ ଏଭଳି ଚିତ୍ର ସାମ୍ନାକୁ ଆସୁଛି । ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ନାଁରେ ଯାହା ଚାଲିଛି ତାହା ଧର୍ମକୁ ଆଖିଠାର ସଦୃଶ । କାରଣ ଆଜିକାଲି ନିର୍ବାଚନରେ ଯେଉଁ ପରିମାଣର ଅର୍ଥ ଖର୍ଚ୍ଚ ହେଉଛି ତାହାର ସୂତ୍ର କେହି ଖୋଜୁନାହାନ୍ତି ବରଂ ନିଜର ପ୍ରାପ୍ୟ କିଭଳି ମିଳିବ ତାକୁ ନେଇ ଅଧିକ ଚିନ୍ତା କରୁଛନ୍ତି । ପୂର୍ବେ ଜନ ସମସ୍ୟା ବା ଜନତାଙ୍କ ସମସ୍ୟା ଆଧାରରେ ନେତାମାନେ କାର୍ଯ୍ୟ କରି ଏହାର ସମାଧାନ କରୁଥିଲା ବେଳେ ଜନତାଙ୍କ ସମସ୍ୟା ଅପେକ୍ଷା ନେତା ଓ ଦଳର ସୁରକ୍ଷା ପ୍ରଥମ । ଜନତାଙ୍କ ଦାବି ଶୁଣିବା ଅପେକ୍ଷା ଦଳର ଆଧିପତ୍ୟ ଅଧିକ କାରଣରୁ ଜନତା ଭକୁଆ ପାଲଟୁଛନ୍ତି । ଏକଥା ପ୍ରାୟ ଭୋଟର ଅନୁଭବ କରୁଥିଲେ ବି ନିଜ ଅଧିକାର ବିଷୟ ଆଦୌ ଭାବୁଥିଲା ଭଳି ମନେ ହେଉନାହିଁ । ଯେଉଁକିଛି ସ୍ୱର ଉଠୁଛି, ତାହାପୁଣି କିଛି ସାମାଜିକ କର୍ମୀଙ୍କ ଦ୍ୱାରା ତାହାକୁ ବିଚାର କରିବା ବଦଳରେ ଚପାଇ ଦିଆଯାଉଛି । ବିରୋଧୀ ଦଳମାନେ ମଧ୍ୟ ନିଜ ଭୂମିକା ତୁଲାଇବାରେ ବ୍ୟର୍ଥ ସାବ୍ୟସ୍ତ ହେବା ଗଣତନ୍ତ୍ର ପ୍ରତି ଅଧିକ ବିପଦ ସୃଷ୍ଟି କରୁଛି । ଯାହା ଜଣାପଡୁଛି, ପ୍ରତି ଘଟଣାରେ ଗୋପନ ବୁଝାମଣା ହୁଏତ ଏହାର ମୁଖ୍ୟ କାରଣ । ଶାନ୍ତିପୂର୍ଣ୍ଣ କଥାବାର୍ତ୍ତା ବଦଳରେ ହିଂସା ଦ୍ୱାରା ଘଟଣାର ରାଜନୀତିକରଣ ହେଉଛି । ଯାହାର କୌଣସି ସୁଫଳ ଜନତାଙ୍କୁ ମିଳିପାରୁନାହିଁ । ତାହା ଉତ୍ତରପ୍ରଦେଶର ଲଖିପୁର ଘଟଣା ହେଉ କି କଳାହାଣ୍ଡିର ମମିତା ମେହେର ହତ୍ୟାକାଣ୍ଡ ହେଉ । ତଦନ୍ତ ବାଟବଣା କରିବାକୁ ଯେଉଁଭଳି ଉଦ୍ୟମ ହେଉଛି, ପିଡୀତଙ୍କୁ ନ୍ୟାୟ ମିଳିବା ପାଇଁ ସେଭଳି ଉଦ୍ୟମ ହେଉନାହିଁ । ଅନେକ ଲଜ୍ଜାଜନକ ଘଟଣାରେ ଶାସକ ଦଳ ନିଜ ଦୋଷ ଲୁଚାଇବାକୁ ଅଧିକ ଉଦ୍ୟମ କରୁଥିଲା ବେଳେ ବିରୋଧୀଙ୍କ ସ୍ୱର ଦାବିଦେବା ହେଉଛି ମୁଖ୍ୟ ଆୟୁଧ, ଯାହାକି ଗଣତନ୍ତ୍ରର ବାର୍ତ୍ତା ନୁହେଁ । ସମାନ ଅଧିକାର ପ୍ରସଙ୍ଗରେ କଥା ଉଠିଲେ କେହି ସ୍ପଷ୍ଟ ମତ ଦେବେନାହିଁ ଯେ, ସେମାନଙ୍କର ଅଧିକାର ସୁରକ୍ଷିତ ରହିଛି ଓ ଏଥିରେ ନେତାଙ୍କର ସହମତି ଅଛି । ଆଜି ମଧ୍ୟ ଗାଁ ଗାଁରେ ଲୋକ ଦୁଃଖ ଦୁର୍ଦ୍ଦିନରେ ରହୁଥିଲା ବେଳେ ସେମାନଙ୍କ ସମସ୍ୟା ନେଇ କେହି ଚିନ୍ତିତ ଅଛନ୍ତି କି? ବର୍ତ୍ତମାନ ଦଳ, ଦଳୀୟ ନେତା କିଭଳି ସନ୍ତୁଷ୍ଟ ରହିପାରିବେ ତା ଉପରେ ଅଧିକ ଗୁରୁତ୍ୱ ।ସେଥିରେ ସାଧାରଣଲୋକଙ୍କର ଲାଭ କି କ୍ଷତି ସେଥିପ୍ରତି ନେତୃତ୍ୱର ଧ୍ୟାନ କମ । ଯେଉଁଥିପାଇଁ ବିକାଶର

ସମ୍ବାଦକାଣ୍ଡ
ତାରକ ମହାନ୍ତି



ଆକାର କାଗଜପତ୍ରରେ ଠିକ ଦିଶୁଥିଲେ ବି ବାସ୍ତବିକ ବିକାଶ ଆଖିଦୃଶିଆ ନୁହେଁ । ବେରୋଜଗାରୀ ବଢୁଥିଲେ ମଧ୍ୟ ନୂଆ ନିଯୁକ୍ତି ପ୍ରତି ସରକାରୀ ଆନ୍ତରିକତା ନଥିଲା ଭଳି । ଅନେକ ଶିକ୍ଷିତ ବେକାର ଚାକିରୀ ନପାଇ ଏଣେତେଣେ ଘୁରିବୁଲିବା ଆଦୌ ଶୁଭସଙ୍କେତ ନୁହେଁ । ସବୁ ଲୋକ ଯେ ନିଯୁକ୍ତି ନପାଇଲେ ବ୍ୟବସାୟ ବାଣିଜ୍ୟ କରିପାରିବେ ବା ପୁଞ୍ଜି ବିନିଯୋଗ କରିପାରିବେ ଏହା ଆଶା କରିବା ଅନୁଚିତ ।

ସବୁଦୃଷ୍ଟିରୁ ବିଚାରକରି ଦେଶ ହେଉ କି ରାଜ୍ୟ ମୁଖିଆମାନେ ସମସ୍ତଙ୍କ ପାଇଁ ସମାନ ସୁବିଧା ନିୟମ ପ୍ରଣୟନ କରିପାରିଲେ ସାଧାରଣଲୋକ ନିଶ୍ଚୟ ଉପକୃତ ହୁଅନ୍ତେ । କିନ୍ତୁ କ୍ଷମତାରେ ରହୁଥିବା ନେତା ଓ ଅଫିସର କ୍ଷମତାର ଦୁରୂପଯୋଗ କରି ସାଧାରଣ ନାଗରିକଙ୍କ ଅଧିକାର କ୍ଷୁଣ୍ଣ କରିବା କାରଣରୁ କିଛି ଉପର ସ୍ତରରେ ରହୁଥିବା ବେଳେ ତଳ ସ୍ତରର ଲୋକ କ୍ଷତିଗ୍ରସ୍ତ ହୋଇଚାଲିଛନ୍ତି । ଗରିବଙ୍କ ଯୋଜନା ଅର୍ଥ ହରିଲୁଟ ହୋଇଚାଲିଲେ ଗରିବୀ ହଟିବ କିପରି, ଏହା ଚିନ୍ତାର ବିଷୟ ନୁହେଁକି ! ଯେତେଦିନ ପର୍ଯ୍ୟନ୍ତ ଲୋକଙ୍କ ଟିକସ ଅର୍ଥ ନେତା ଓ ଅଫିସର ମନଇଚ୍ଛା ଉଡାଇ ଚାଲିବେ ସେତେଦିନ ସମସ୍ତେ ଭଲରେ ରହୁଛନ୍ତି କହିବା ଉଚିତ ହେବନି । ଦୁର୍ନୀତିର ମୁଳୋତ୍ପାଟନ କରିବା କଥା ଯିଏ କହୁଛନ୍ତି, ସିଏ କେତେ ସଚ୍ଚୋଟ ତାହାର ପ୍ରମାଣ ମିଳେ କି ? ତେଣୁ ଯାହା ଭାଷଣରେ କୁହାଯାଏ, ତାହାର ବାସ୍ତବ ଅବସ୍ଥା କ'ଣ ଏହା ସମୀକ୍ଷା କରି ସତ ମିଛ ପରଖାଯିବା ହିଁ ଅସଲ ପ୍ରସଙ୍ଗ । ଅନେକ ସମୟରେ ଯୋଜନା ନାମରେ ଘୋଷଣା ହେଉଥିବା ବିଷୟରେ ଅଧିକାଂଶ ଅନଭିଜ୍ଞ ଥିବାରୁ ଯୋଜନା ପ୍ରସ୍ତୁତକାରୀ ଏହାର କାର୍ଯ୍ୟକାରିତା ଉପରେ ଜୋର ଦେଉନଥିବା ଦେଖିବାକୁ ମିଳେ । କିନ୍ତୁ ଆଦର୍ଶ ସ୍ଥାନୀୟ ନେତା ସାଧରଣଲୋକଙ୍କ ସମସ୍ୟା ପ୍ରତି ଯଥେଷ୍ଟ ଧ୍ୟାନଦେଇ ଏହା ଉପରେ ବିସ୍ତୃତ କାର୍ଯ୍ୟକ୍ରମ କରିଥାନ୍ତି । ନୀତି ଆଦର୍ଶବାନ ନେତୃତ୍ୱ ହିଁ ବିକାଶର ଗତିପଥ ସହଜ, ସୁଗମ କରିପାରନ୍ତି । ସେହିସବୁ ନେତାଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଧାରା,ସୁଚିନ୍ତିତ ବକ୍ତବ୍ୟ ସର୍ବମାନ୍ୟ ହୋଇଥାଏ । କିନ୍ତୁ ଦୁର୍ନୀତିଗ୍ରସ୍ତ ନେତା ଦେଶ, ଜାତି ଓ ଜନତାଙ୍କ ଶତ୍ରୁ । ବାସ୍ତବରେ ସେମାନେ ଗରିବଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଜର ପୁଞ୍ଜି ବଢାଇବା କାରଣରୁ ଯୋଜନା ନିମନ୍ତେ ଉଦ୍ଦିଷ୍ଟ ଅର୍ଥ ବାଟମାରଣା ହୁଏ, ପ୍ରକଳ୍ପ ହୋଇପାରେନାହିଁ ବା ଅଧାପନ୍ତରିଆ ହୋଇ ପଡିରହେ, ଯାହା ଲୋକଙ୍କ କାର୍ଯ୍ୟରେ ଆସେନାହିଁ । ଏଭଳି ନେତା ନିଜେ ହୁଏତ ସୁରକ୍ଷିତ ରହିପାରନ୍ତି, ହେଲେ ସେମାନଙ୍କୁ କେହି ଭଲ ନେତୃତ୍ୱ ନେଉଥିବା ନେତା କୁହନ୍ତିନି । ଏଭଳି ପର୍ଯ୍ୟାୟର ନେତାଙ୍କ ଯୋଗୁ ଦେଶ, ଗ୍ରାମ ବା ସହରର ବିକାଶ ବଦଳରେ ବିନାଶ ହେବା ସାର । ଜନତା ମଧ୍ୟ ନିର୍ବାଚନ ପରିପ୍ରେକ୍ଷୀରେ ଭାବିଚିନ୍ତି ଭୋଟ ଦେଲେ ଏଭଳି ଅଘଟଣ ଘଟନ୍ତା ନାହିଁ ବୋଲି ମୋର ବିଶ୍ୱାସ । ହେଲେ ବ୍ୟୟବହୁଳ ନିର୍ବାଚନରେ ଜଣେ ଭଲଲୋକ ପ୍ରାର୍ଥୀ ହୋଇପାରିବା ଆଦୌ ସହଜ କଥା ନୁହେଁ । ଯଦିଓ ବ୍ୟବସ୍ଥାନୁସାରେ ଭଲଲୋକ ଜଣେ ପ୍ରାର୍ଥୀ ହୁଅନ୍ତି, ତଥାପି ତାଙ୍କର ନିର୍ବାଚନ ଜିଣିବା ସହଜ ହୁଏନାହିଁ । ବରଂ ଯେଉଁମାନେ ପ୍ରଚୁର ଅର୍ଥ ଶ୍ରାଦ୍ଧ କରି ଜନତାଙ୍କୁ ଖୁସି କରିଥାନ୍ତି ସେମାନେ ବାଜି ମାରିନିଅନ୍ତି । ଏଭଳି ସମୟରେ ରାଜନୀତିରେ ଭଲ ଲୋକ ସୁଯୋଗ ପାଇବାକୁ ଅନେକ ସନ୍ଦେହ ରହିଛି ।ସ୍ୱଚ୍ଛତାର ମନ୍ତ୍ର ପଢ଼ାଉଥିବା ନେତା ନିଜେ ସ୍ୱଚ୍ଛ ନରହିଲେ ଭଲ ନେତା ଖୋଜିବା ମଧ୍ୟ ନିରର୍ଥକ । ତେଣୁ ଆଗକୁ ଦେଶ ପାଇଁ ଭଲ ନେତା, ଯିଏକି ସାଧାରଣ ଜନତାଙ୍କ ସୁଖଦୁଃଖ ବୁଝି ସେମାନଙ୍କ ପାଇଁ ଯୋଜନା କରିପାରିବେ ତାହାହିଁ ଆଜିର ଆହ୍ୱାନ । ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯେତେବେଳେ ନିଜକୁ ସର୍ବେସର୍ବା ମନେକରି ଲୋକଙ୍କୁ ଉପେକ୍ଷା କରନ୍ତି ଏବଂ ସେମାନଙ୍କ ଅଧିକାର ପ୍ରତି ଗୁରୁତ୍ୱ ଦିଅନ୍ତିନାହିଁ ସେଭଳି ସ୍ଥଳେ ଦେଶ ହେଉ କି ରାଜ୍ୟ ହେଉ ଏହା କେବେ ବିକଶିତ ହୋଇପାରିବନାହିଁ ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅସ୍ଥିର ଆରବ ଜଗତ



ସୌମେନ୍ଦ୍ର ଜେନା

ଆଜି ପୃଥିବୀର ଅସ୍ଥିରତା ମଧ୍ୟରେ ଆରବ ଜଗତର ଭୂମିକା ଅଧିକ ରହୁଛି ବୋଲି ଚର୍ଚ୍ଚା ହେଉଛି । ଅର୍ଥରେ ସମୃଦ୍ଧ ଏହିସବୁ ଦେଶମାନଙ୍କରେ ସବୁବେଳେ ଅଶାନ୍ତି ଲାଗିରହିଛି । ତେବେ ଆରବ ଜଗତ କହିଲେ ସାଧାରଣଙ୍କ ଆରବୀ ଭାଷାର ପ୍ରାଧାନ୍ୟ ରହିଥିବା ଏସିଆ ଓ ଆଫ୍ରିକାର ୨୨ଟି ରାଷ୍ଟ୍ରଗୋଷ୍ଠୀକୁ ବୁଝାଇଥାଏ, ଯାହା ଆରବ ଲିଗ ଭାବରେ ପରିଚିତ । ଏହିସବୁ ଦେଶ ପଶ୍ଚିମ ଏସିଆ, ଉତ୍ତର ଆଫ୍ରିକା, ପଶ୍ଚିମ ଆଫ୍ରିକା, ପୂର୍ବ ଆଫ୍ରିକାରେ ରହିଛନ୍ତି । ପୂର୍ବରେ ମସରିକଠାରୁ ପଶ୍ଚିମରେ ମଘରେବ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ଏହି ଗୋଷ୍ଠୀର ରାଷ୍ଟ୍ରଗୁଡିକରେ ପ୍ରାୟ ୪୪କୋଟି ଜନତା ବସବାସ କରିଥାନ୍ତି । ଏହିସବୁ ରାଷ୍ଟ୍ରଗୁଡିକର ମିଳିତ ଜିଡିପି ପାଖାପାଖି ୩ ଟ୍ରିଲିଅନ ଡଲାର ଓ ମୁଣ୍ଡପିଛା ଆୟ ୬୬୪୭ ଡଲାର । ଏହି ଆରବ ଗୋଷ୍ଠୀ ବା ଆରବ ଲିଗ୍ ସଂଗଠନ ୧୯୪୪ର ଆଲେକଜାଣ୍ଡ୍ରିଆ ଘୋଷଣାନୁସାରେ ଆରମ୍ଭ କରିଥିଲେ । ବଡ କଥା ହେଲା ଏହି ଗୋଷ୍ଠୀର ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରୁ କେତେକ ବହୁସମୃଦ୍ଧ ହୋଇଥିଲା ବେଳେ କେତେକ ନାନାଦି ସମସ୍ୟାରେ ରହିଛନ୍ତି । ଅତୀତରେ ଏହି ଗୋଷ୍ଠୀକୁ ଆରବ ଲିଗ୍ର ସଦସ୍ୟ ରାଷ୍ଟ୍ର ପ୍ରଭାବିତ କରୁଥିଲେ । ଅଥଚ ଆଜି ତୁର୍କୀ,ଇରାନ ଏବଂ ଇସ୍ରାଏଲ ପରି ଅଣଆରବ ରାଷ୍ଟ୍ର ଅଧିକ ପ୍ରଭାବିତ କରୁଛନ୍ତି । ନିଜର ଆଧିପତ୍ୟ ପାଇଁ ସବୁପ୍ରକାର ବାଟକୁ ଆପଣାଇବାକୁ ପଛାଉନାହାନ୍ତି । ଅତୀତରେ ଇଜିପଟ୍, ପାଲେଷ୍ଟାଇନ ଓ ଇରାକ ଆଦି ରାଷ୍ଟ୍ରଗୁଡିକ ଏହି ଗୋଷ୍ଠୀର ନେତୃତ୍ୱରେ ଥିଲାବେଳେ ଏବେ ତୁର୍କୀ, ଇରାନ ଓ ଇସ୍ରାଏଲ ପରି ବାହାର ରାଷ୍ଟ୍ର ଏପରି ଗୋଷ୍ଠୀର ନୀତିକୁ ନିୟନ୍ତ୍ରଣ କରୁଛନ୍ତି । ଆରବଲିଗର ରାଷ୍ଟ୍ରଗୁଡିକ ଗତ ଶତାବ୍ଦୀରେ ତୈଳକୁ ନେଇ ବେଶ୍ ସମୃଦ୍ଧି ପାଇଥିଲେ ସତ, କିନ୍ତୁ ଧାର୍ମିକ ମୌଳବାଦ, ଶିକ୍ଷା ଓ ଗବେଷଣାରେ ଦୁର୍ବଳତା ଯୋଗୁ ଏସବୁ ରାଷ୍ଟ୍ରଗୁଡିକର ବିକାଶ ଅନ୍ୟ ରାଷ୍ଟ୍ରଙ୍କ ପରି ହେଲାନାହିଁ । ଅର୍ଥର ପ୍ରାବଲ୍ୟରେ ସୁନ୍ଦର ଅଟ୍ଟାଳିକା, ସଡକ ଆଦି ନିର୍ମାଣ ହେଲାବେଳେ ଅର୍ଥର ଅଭାବଥିବା ଅନେକ ରାଷ୍ଟ୍ରରେ ଦାରିଦ୍ର୍ୟର କଠୋର କଷାଘାତ ସହିବାକୁ ଅନେକ ରାଷ୍ଟ୍ର ବାଧ୍ୟ ହେଲେ । ଦୁର୍ବଳ କୂଟନୀତି, ଦୁର୍ବଳ ସେନାଶକ୍ତି ଯୋଗୁ ଅନେକ ରାଷ୍ଟ୍ର ଶୀତଳଯୁଦ୍ଧ ବେଳେ ଯେପରି ଦୁଇ ମହାଶକ୍ତିଙ୍କ ଗୋଷ୍ଠୀରେ ବାଣ୍ଟିହୋଇ ରହିଥିଲେ, ଏବେ ବି ମଧ୍ୟ ସେମିତି ରହିଛନ୍ତି । ଫଳରେ ଆମେରିକା, ରୁଷିଆ ପରି ଶକ୍ତିଶାଳୀ ରାଷ୍ଟ୍ର ଏହାର ଫାଇଦା ନେଇ ପ୍ରତିରକ୍ଷା ସାମଗ୍ରୀ ବିକ୍ରି କରି ଅଯଥା ଶାସନରେ ଦଖଲ ଦେଇ ରକ୍ତପାତ, ଅଶାନ୍ତି ଓ ଗୃହଯୁଦ୍ଧର କାରଣ ହୋଇଛନ୍ତି । ମହାଶକ୍ତିଙ୍କ ପାଇଁ ଆରବଲିଗ୍ ଯେପରି ଯୁଦ୍ଧଭୂମି ପାଲଟିଯାଇଛନ୍ତି ।

ଏବେ ଇରାନ ଆର୍ଥିକ କଟକଣାର ସମ୍ମୁଖୀନ ହୋଇ ଅନେକ ଅସୁବିଧାକୁ ସାମନା କରୁଛି । ତେଣେ ତୁର୍କୀ ଏଫ୍ଏଟିଏଫ୍ର କଟକଣାର ସମ୍ମୁଖୀନ ହୋଇ ଗ୍ରେ-ଲିଷ୍ଟ ମଧ୍ୟରେ ପ୍ରବେଶ କରିଛି । ତୁର୍କୀ, ଆଜରବୈଜାନ ଓ ପାକିସ୍ଥାନକୁ ନେଇ ମେଣ୍ଟ କରିବା ସହ ଇରାନ ସୀମାନ୍ତରେ ଶକ୍ତି ପ୍ରଦର୍ଶନ କରିଛି । ତେଣୁ ଇରାନ ଏମାନଙ୍କ ବିରୋଧୀ ଆର୍ମେନିଆକୁ ନିଜ ସପକ୍ଷରେ ନେଇ ଉତ୍ତର -ଦକ୍ଷିଣ ସଡକ ପରିଯୋଜନାରୁ ଆଜରବୈଜାନକୁ ବାଦ ଦେବାଲାଗି ଭାରତକୁ ରାଜି କରାଇଛି । ଅପରପକ୍ଷେ ସାଉଦି ଆରବର ସୁରକ୍ଷାରେ ଅତୀତରେ ଆମେରିକା ଯେଉଁ ସହାୟତା ଆଜିଯାଏ କରିଆସିଥିଲା ତାହା ଆଗାମୀ ଦିନମାନଙ୍କରେ ସଂକୁଚିତ ହେବାକୁ ଯାଉଛି । ସାମ୍ବାଦିକ ଖାସୋଗୀଙ୍କ ହତ୍ୟାକୁ ଆଳକରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସାଉଦି ଆରବ ସହ ପୁରୁଣା ସଂପର୍କକୁ ବଦଳାଇବାକୁ ସ୍ଥିରକରି କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । କାରଣ ସାଉଦି କର୍ତ୍ତୃପକ୍ଷ ଟ୍ରମ୍ପଙ୍କ ସବୁଠୁ ଅଧିକ ନିକଟତର ରହିଥିଲେ, ଯାହାକୁ ବାଇଡେନ ପସନ୍ଦ କରିନାହାନ୍ତି । କିନ୍ତୁ ବାଇଡେନଙ୍କ ଏହି ନୀତି ଯୋଗୁ ସେ ନିଜର ଦେଶ ଭିତରେ ଅନେକ ସମାଲୋଚନାର ସମ୍ମୁଖୀନ ହେବାପରେ ଏବେ ସାଉଦି ଆରବ ସହ ସଂପର୍କ ସୁଧାରିବାକୁ ପ୍ରୟାସ କରିଛନ୍ତି । ହେଲେ ପେଗାସସ୍ ମାମଲାରେ ଇସ୍ରାଏଲ କମ୍ପାନୀ ଉପରେ କଟକଣା ଲଗାଇ ଦୁଇଦେଶ ମଧ୍ୟରେ ରହିଥିବା ଭଲ ସଂପର୍କକୁ ଦୁର୍ବଳ କରିଛନ୍ତି ।

ଇନ୍ଧନତୈଳ ଆଧାରିତ ଆରବର ଅର୍ଥନୀତି ଆଗାମୀ ଦିନରେ ଅଧିକ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଛି । ପ୍ରଦୂଷଣମୁକ୍ତ ବିଶ୍ୱ ପାଇଁ ଆଗାମୀ ଦିନରେ ତୈଳମୁକ୍ତ ଯାନବାହନ ନିର୍ମାଣ ଲାଗି ପ୍ରୟାସ ଆରମ୍ଭ ହୋଇଯାଇଛି ଯାହା ଚୀନ ଓ ଭାରତରେ ଅଧିକ ଦ୍ରୁତତର ହେବ । ଏହି ଦୁଇଦେଶରେ ପୃଥିବୀର ତିରିଶଭାଗ ଜନସଂଖ୍ୟା ରହିଛି । ଏହି ଦୁଇରାଷ୍ଟ୍ରରେ ବିକଳ୍ପ ଇନ୍ଧନ ପାଇଁ ସରକାରମାନେ ଗୁରୁତ୍ୱ ଦେବାକୁ ଆରମ୍ଭ କରିଛନ୍ତି । ଇନ୍ଧନ କ୍ଷେତ୍ରରେ ଏହି ଦୁଇ ରାଷ୍ଟ୍ରଙ୍କ ଆରବର ତୈଳ ବଜାରରେ ଅଂଶ ଅଧିକ ରହିଆସିଛି । ବ୍ୟାଟେରୀଯୁକ୍ତ ଯାନବାହନ ଏହି ଦୁଇ ଦେଶରେ ବଢିଲେ ଆରବ ଜଗତର ତୈଳ ବାଣିଜ୍ୟରେ ଅନେକ କ୍ଷତି ହେବ । ତେଣୁ ସାଉଦି ଏବଂ ଏମିରେଟ ସରକାର ଏବେଠୁ ତୈଳ ବିକଳ୍ପ ଅର୍ଥନୀତି ଉପରେ ଜୋର ଦେଇ କୃଷି, ପର୍ଯ୍ୟଟନ, ନିର୍ମାଣ ଆଦି ଭିନ୍ନ ଭିନ୍ନ କ୍ଷେତ୍ର ଉପରେ ଜୋର ଦେବାକୁ ଚିନ୍ତା କରିବାରୁ ଆରମ୍ଭ କଲେଣି ।

ଆରବ ଜଗତ ପାଇଁ ଆଗାମୀ ଦିନରେ ଆଇଏସ୍ ସନ୍ତ୍ରାସବାଦୀ ଗୋଷ୍ଠୀ ସବୁଠୁ ଅଧିକ କ୍ଷତିକାରକ ହେବେ । ଇରାକ୍, ସିରିଆ, ଆଫଗାନିସ୍ଥାନ ଆଦି ରାଷ୍ଟ୍ରରେ ଏହି ଗୋଷ୍ଠୀର ଧ୍ୱଂସାତ୍ମକ କାର୍ଯ୍ୟକୁ ସମଗ୍ର ବିଶ୍ୱ ଦେଖିସାରିଛି । ଆତ୍ମଘାତୀ ଆକ୍ରମଣରେ ଜନସାଧାରଣଙ୍କୁ ଟାର୍ଗେଟ କରି ଆତଙ୍କର ବାତାବରଣ ସୃଷ୍ଟି କରିବା ଏହି ଗୋଷ୍ଠୀର ବଡ କାର୍ଯ୍ୟ ହୋଇଛି । ଗଣତାନ୍ତ୍ରିକ ରାଷ୍ଟ୍ର ଗୁଡିକରେ ଶାସନଗତ ଅସ୍ଥିରତା ଧାର୍ମିକ ହିଂସାକାଣ୍ଡ ମାଧ୍ୟମରେ ସୃଷ୍ଟି କରିବା ଲାଗି ପ୍ରତିଦିନ ଷଡଯନ୍ତ୍ର ଚଳୁରହିଛି । ସିରିଆ ଆଇନ ଲାଗୁକରି ସନ୍ତ୍ରାସବାଦୀ ସରକାରକୁ ପ୍ରତିଷ୍ଠା କରିବା ଲାଗି ଆଇଏସ୍ ଏବେ ଆଫ୍ରିକାଠାରୁ ଏସିଆ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିଛି । ସେମିତି ଇସଲାମକୁ ଆଦୌ ପ୍ରବେଶ ପାଇଁ ସୁଯୋଗ ଦେଉନଥିବା ଖ୍ରୀଷ୍ଟିଆନ୍ ରାଷ୍ଟ୍ର ପୋଲାଣ୍ଡ ଭିତରକୁ ଅନୁପ୍ରବେଶକାରୀ ଜିହାଦିଙ୍କୁ ବେଲାରୁଷ ସହାୟତାରେ ପଠାଇବା ଲାଗି ପ୍ରୟାସ ଜାରିରହିଛି । ଏହି ପ୍ରୟାସ ପଛରେ ଆରବ ଜଗତର ସମର୍ଥନ ରହିଛି । ପୃଥିବୀରେ କୌଣସି ଦେଶ ଯେପରି ମୁସଲିମ ଶୂନ୍ୟ ନରହେ ସେଥିପାଇଁ ଯେଉଁ ବିଶ୍ୱବ୍ୟାପି ଅଭିଯାନ ଜାରି ରହିଛି ତା ପଛରେ ଆରବ ଜଗତର ଅର୍ଥ ଏବଂ ସମର୍ଥନ ରହିଛି । ମୁସଲିମ ଶରଣାର୍ଥୀ ବେଶରେ ସନ୍ତ୍ରାସବାଦୀଙ୍କୁ ଭିନ୍ନ ଭିନ୍ନ ଦେଶରେ ଥଇଥାନ କରାଇ ସେଠାରେ ସନ୍ତ୍ରାସପାଇଁ ଭିତ୍ତିଭୂମି ନିର୍ମାଣ ପାଇଁ କଠୋରପନ୍ଥୀ ଇସଲାମିକ ଗୋଷ୍ଠୀ ଏବେ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି । ତେଣୁ ମୁସଲିମ ଶରଣାର୍ଥୀମାନେ ଏବେ ଅଧିକ ସଂଖ୍ୟାରେ ଅଣମୁସଲିମ ରାଷ୍ଟ୍ରଗୁଡିକୁ ଟାର୍ଗେଟ କରି ପ୍ରବେଶ କରିବାରେ ଲାଗି ପଡିଛନ୍ତି । ସିରିଆ ସମସ୍ୟା ପରେ ଯେଉଁ ଶରଣାର୍ଥୀମାନେ ଇଉରୋପରେ ପ୍ରବେଶ କରିଥିଲେ ସେହିସବୁ ଦେଶରେ ଏବେ କିପରି ସନ୍ତ୍ରାସବାଦୀ ଓ ଆତ୍ମଘାତୀ ଆକ୍ରମଣ ଜାରିରହିଛି ତାହା ସମସ୍ତେ ଦେଖୁଛନ୍ତି । ଫ୍ରାନ୍ସ, ଜର୍ମାନୀ, ନରୱେ, ବେଲଜିୟମ ଆଦି ଅନେକ ଦେଶରେ ଏହାର ପ୍ରମାଣ ସମସ୍ତଙ୍କ ସମ୍ମୁଖରେ ରହିଛି । ତେଣୁ ଆରବ ଜଗତର ଅସ୍ଥିରତାକୁ ଏବେ ବିଶ୍ୱବ୍ୟାପି କରାଇବାକୁ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଚଳୁରହିଛି । ଆରବ ଜଗତର ରକ୍ତପାତଜନିତ ହିଂସା ବିଶ୍ୱବ୍ୟାପି ହେଉ ଏହା ଆରବ ଜଗତର ଅନ୍ୟ ଏକ ଷଡଯନ୍ତ୍ର । ତେଲରୁ ଇସଲାମର ପ୍ରସାର ଆଉ ଏବେ ସନ୍ତ୍ରାସର ବୃଦ୍ଧିରେ ସହାୟତା କରିବା ଆରବୀ ରାଷ୍ଟ୍ରଗୁଡିକର ନୀତିରେ ପରିଣତ ହୋଇଛି । ଇରାକ, ସାଉଦୀ ଆରବ, ଲେବାନନ, ସିରିଆ, ତୁର୍କୀ, କାତାର ଆଦି ରାଷ୍ଟ୍ରରୁ ଅର୍ଥ ଏହି ଉଦ୍ଦେଶ୍ୟରେ ଆସୁଛି । ଆଗାମୀ ଦିନରେ ଆମେରିକା ବନାମ ରୁଷିଆ, ଆମେରିକା ବନାମ ଚୀନ ଲଢେଇରେ ଆରବ ଜଗତର କେଉଁ ରାଷ୍ଟ୍ର କାହା ସହ ରହିବେ ତାହା ଏବେଠାରୁ କହିହେବ ନାହିଁ । କାରଣ ଏମାନେ ଡବଲଗେମରେ ବେଶ୍ ଧୁରନ୍ଧର । ଯେମିତି ସାଉଦି ଆରବ ଭାରତକୁ ଅଧିକ ପେଟ୍ରୋଲ ବିକ୍ରିକରି ଲାଭ ଉଠାଇଥିବା ବେଳେ ପାକିସ୍ଥାନର ସରକାର ଏବଂ ମୌଳବାଦୀଙ୍କୁ ଆର୍ଥିକ ସହାୟତା ଦେବାରେ ବ୍ୟସ୍ତ ରହିଛି । ସେମିତି ଚୀନକୁ ଅଧିକ ତୈଳ ବିକ୍ରିକରୁଥିବା ସାଉଦି ସରକାର ଦେଶ ବିଦେଶର ଉଇଘୁର ଏବଂ ଅଲକାୟଦା ଗୋଷ୍ଠୀକୁ ସହାୟତା ଦେଉଛି । ସାଉଦିର ପ୍ରିନ୍ସ ଅତୀତରେ ସାଉଦି ସୁଲତାନଙ୍କୁ ହତ୍ୟା କରିବା ପାଇଁ ରୁଷିଆରୁ ବିଷଯୁକ୍ତ ମୁଦ୍ରିକା ସଂଗ୍ରହ କରି ରଖିବା ନେଇ ସାଉଦି ପରିବାର ସହ କାର୍ଯ୍ୟକରିଥିବା ଜଣେ ପୁରୁଣା ବିଶ୍ୱସ୍ତ ଅଧିକାରୀ ଆମେରିକାରେ ପ୍ରକାଶ କରିବା ଘଟଣା ଏବେ ଆରବ ଜଗତରେ ଅନେକଙ୍କୁ ବିସ୍ମିତ କରିଛି । ଅଭିଯୋଗ କରିଥିବା ଅଧିକାରୀଙ୍କୁ କାନାଡାରେ ହତ୍ୟା କରିବା ପାଇଁ ସାଉଦି ସରକାର ତୁର୍କୀ ଘଟଣା ପରି ହତ୍ୟାକାରୀମାନଙ୍କୁ ପଠାଇ ଥିଲେ ମଧ୍ୟ ସେଠାରେ ବିମାନବନ୍ଦରରୁ ସେମାନଙ୍କୁ ଫେରାଇଦେବା ଯୋଗୁ ଷଡଯନ୍ତ୍ର ସଫଳ ହୋଇନଥିଲା । ଆରବ ଜଗତର ଶାସକମାନଙ୍କ ଏପ୍ରକାର ଉଦ୍ୟମ କିଛି ନୂଆ ନୁହେଁ । ବିଗତ ଦିନରେ ଓମାନର ରାଜକୁମାରୀଙ୍କ ପ୍ରତି ଏପ୍ରକାର ବ୍ୟବହାର କରାଯାଇଥିଲା । ଉତ୍ତର କୋରିଆ ରାଷ୍ଟ୍ରପତି କିମ ନିଜ ଭାଇଙ୍କୁ ମାଲେସିଆର ବିମାନ ବନ୍ଦରରେ ହତ୍ୟା କରାଇବା ପରି ଆରବୀ ଶାସକମାନେ ନିଜ ବିରୋଧୀ ପାର୍ଟିକୁ ସବୁଦିନ ବନ୍ଦ କରାଇବା ପାଇଁ ହତ୍ୟା ପରି ମାର୍ଗକୁ ବାଛି ନେଇଛନ୍ତି । କେବଳ ଅର୍ଥ ରାଷ୍ଟ୍ରକୁ ସୁରକ୍ଷା ଦେବା ସମ୍ଭବପର ନୁହେଁ । ସେଥିପାଇଁ ସରକାରଙ୍କ ସ୍ୱଚ୍ଛ ନୀତି ଆବଶ୍ୟକ, ଯାହା ଆରବ ଜଗତରେ ଏବେ ଦେଖିବାକୁ ମିଳୁନାହିଁ । ଆରବ ଜଗତର ରାଷ୍ଟ୍ରଗୁଡିକ ବିଶ୍ୱରେ ମୌଳବାଦ, ସନ୍ତ୍ରାସବାଦ ଏବଂ ଇସଲାମର ପ୍ରସାରପାଇଁ ଯେତେ ପ୍ରୟାସ କରୁଛନ୍ତି ସେତେଟା ମୁସଲିମ ରାଷ୍ଟ୍ରଗୁଡିକରେ ଥିବା ଅଶିକ୍ଷା, ଦାରିଦ୍ର୍ୟ, ଅନଗ୍ରସରତା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ କରୁନାହନ୍ତି । ସେଥିପାଇଁ ଏହିସବୁ ରାଷ୍ଟ୍ରଗୁଡିକର ପ୍ରଭାବ ବିଶ୍ୱର ବିକାଶରେ ସେତେଟା ଭଲ ନୁହେଁ । ଆଗାମୀ ଦିନରେ ଆରବ ଜଗତର ଅସ୍ଥିରତା ବାହାର ମହାଦେଶକୁ ସଂକ୍ରମିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏ ଦିଗରେ ସତର୍କତା ଏବେଠାରୁ ଜରୁରୀ ହେଲାଣି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# କରୋନାର ତୃତୀୟ ଲହର ଓ ବୁଷ୍ଟର ଡୋଜ୍



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଦେଶ ଏବଂ ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଛି । ତେବେ ତୃତୀୟ ଲହର ଆରମ୍ଭ ହେବା ଆଶଙ୍କା ସର୍ବଦା ରହିଛି । କିନ୍ତୁ କୋଭିଡ୍ ଟିକାର ଆୟୁଷ ସୀମିତ ଥିବାବେଳେ ଟିକା ନେଇଥିବା ଅଧିକାଂଶ ଲୋକ ସଂକ୍ରମିତ ହେଉଥିବା ଦେଖାଯାଉଛି । ଏପରିସ୍ଥଳେ ଟିକା ନେଇଥିବା ଲୋକଙ୍କୁ ବୁଷ୍ଟର ଡୋଜ୍ ଦେବା ପାଇଁ ପୁନର୍ବାର ବିଚାର କରାଯିବା ଆବଶ୍ୟକ ବୋଲି ତଥ୍ୟଭିଜ୍ଞ ମହଲରେ ମତ ପ୍ରକାଶ ପାଇଛି । ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ କମ୍ପାନୀର କୋଭିଡ୍ ଟିକା ଦିଆଯାଉଛି । ସେଥିମଧ୍ୟରୁ ଅନେକ ଦେଶରେ ବୁଷ୍ଟର ଡୋଜ୍ ଦିଆଗଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିପାଇଁ ଅନୁମତି ଦେଇ ନଥିବାବେଳେ ଭାରତରେ ଆଇସିଏମ୍ଆର ଏଥିପାଇଁ ସବୁଜ ସଙ୍କେତ ଦେଇ ନାହାନ୍ତି । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନୁସାରେ ଭାରତରେ ଯଥାଶୀଘ୍ର ବୁଷ୍ଟର ଡୋଜ ଦେବା ଜରୁରୀ ହୋଇଛି । କିଛି ବିଶେଷଜ୍ଞଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଆମ ଦେଶରେ ଅନେକ ସମ୍ବେଦନଶୀଳ ବର୍ଗର ଲୋକ ଅଛନ୍ତି ଯାହାଙ୍କୁ ବୁଷ୍ଟର ଡୋଜ ଦିଆଯିବା ଜରୁରୀ । କୋଭିଡ଼ ଟିକା ନେବା ପରେ ସାଧାରଣତଃ ଚଅ ମାସ ପର୍ଯ୍ୟନ୍ତ ଏହା ସକ୍ରିୟ ରହିଥାଏ । ଆମ ରାଜ୍ୟରେ ଅନେକ ଲୋକ ୭/୮ ପୂର୍ବରୁ ଦ୍ୱିତୀୟ ଡୋଜ ନେଇ ସାରିଲେଣି । ସେମାନଙ୍କ ମଧ୍ୟରୁ ଅନେକ ଲୋକ ସଂକ୍ରମିତ ହେଉଛନ୍ତି । ଅର୍ଥାତ୍ ସମସ୍ତଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସମାନ ନଥାଏ । ଡବ୍ଲୁଏଚ୍ଓର ଅନୁମତି ନଥିବା ସତ୍ତ୍ୱେ ବହୁ ଦୋର ସରକାର ସେମାନଙ୍କ ନାଗରିକଙ୍କୁ ବୁଷ୍ଟର ଡୋଜ ଦେଲେଣି ଏବଂ ଏହାର ସୁଫଳ ମଧ୍ୟ ଦେଖାଯାଇଛି । ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଏବଂ ରୋଗ ଗ୍ରସ୍ତ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ ଦିଆଯିବା ଉଚିତ । କୋଭିଡ୍ କ୍ରିଟିକାଲ କେୟାର ବିଶେଷଜ୍ଞଙ୍କ କହିବାନୁଯାୟୀ ବୁଷ୍ଟର ଡୋଜ ଦେବା ଉପରେ ଟିକାକରଣ ସଫଳତା ନିର୍ଭର କରୁଛି । ସୂଚନାଥାଉକି ଏହି ଲେଖା ପ୍ରସ୍ତୁତ କଲାବେଳକୁ (ଆଜି ସୋମବାର) ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅଦ୍ୟାବଧି ମୋଟ ୧,୨୪,୨୦,୯୮,୦୧୦ ଟିକା ଡୋଜ ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜଣାପଡ଼ିଛି । ଏହା ସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ପାଖରେ ଏବେବି ୧୮,୭୪,୬୨୩୦୬ଟିକା ଅବ୍ୟବହୃତ ଓ ବଳକା ରହିଛି । ଆମ ଦେଶରେ ମାତ୍ର ୨୧ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ ନେଇଛନ୍ତି । ତେଣୁ ବ୍ୟାପକ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଉଭୟ ଡୋଜ ନେଇଥିବା ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଇ ପାରିବ । ଆମେରିକାରେ କେବଳ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବର୍ଗ କିମ୍ବା ସମ୍ବେଦନଶୀଳ ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଇଛି । ଅନୁରୂପ ଭାବେ ଭାରତରେ ବର୍ତ୍ତମାନ ଏହି ବର୍ଗର ଲୋକଙ୍କୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରାଯିବା ଆବଶ୍ୟକ । ସେହିପରି ଦ୍ୱିତୀୟ ଡୋଜ ନେବାର କେତେ ମାସ ପରେ ବୁଷ୍ଟର ଦିଆଯିବ ତାହା ଆଇସିଏମ୍ଆର ଅନୁଶୀଳନ କରିବା ଜରୁରୀ । ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ବୁଷ୍ଟର ଡୋଜ ଆବଶ୍ୟକ ହୋଇ ନପାରେ । ତେବେ କର୍କଟ ରୋଗୀ, ଏଚ୍ଆଇଭି ସଂକ୍ରମିତ, ଅଙ୍ଗ ପ୍ରତିରୋପଣ କରିଥିବା ବ୍ୟକ୍ତି, ନିୟମିତ ଭାବେ କେମୋ ନେଉଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ବୁଷ୍ଟର ଦିଆଯିବାର ଆବଶ୍ୟକତା ରହିଛି । ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଟିକାକରଣ ଲକ୍ଷ୍ୟ ପୂରଣ ଉପରେ ବୁଷ୍ଟର ଡୋଜ ପ୍ରଦାନ ବହୁଳ ଭାବେ ନିର୍ଭର କରୁଛି । ଆରଏମ୍ଆରସିର ତଥ୍ୟ ଅନୁଯାୟୀ ଅନ୍ୟ ଦେଶରେ କେବଳ ରୋଗ ପ୍ରତିରୋଧକ ଶକ୍ତି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଉଛି । ତେବେ ଦ୍ୱିତୀୟ ଡୋଜ ନେବା ପରେ କେତେ ଲୋକ ସଂକ୍ରମିତ ହେଉଛନ୍ତି ଏବଂ କେତେ ଜଣ ଗୁରୁତର ଅବସ୍ଥାକୁ ଯାଉଛନ୍ତି, ସେହି ତଥ୍ୟ ଉପରେ ବୁଷ୍ଟର ଡୋଜ ପ୍ରଦାନ ନିର୍ଭର କରେ । ଆଣ୍ଟିବଡ଼ି ସ୍ତର ଏବଂ ଟିକାକରଣ ପରେ ସଂକ୍ରମଣ ହାର ସମ୍ପର୍କରେ ସବିଶେଷ ଜରୁରୀ । ସମ୍ପ୍ରତି ଆଇସିଏମ୍ଆର ପକ୍ଷ ଏହି ତଥ୍ୟ ସଂଗ୍ରହ କରାଯାଉଛି । ଏହାର ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିବା ପରେ ଯାଇ ବୁଷ୍ଟର ଡୋଜ ସମ୍ପର୍କରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇପାରିବ । ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀଙ୍କ କହିବାନୁଯାୟୀ ରାଜ୍ୟ ସରକାର ଚାହିଁଲେ ବୁଷ୍ଟର ଡୋଜ ଦେଇ ପାରିବେ ନାହିଁ । କାରଣ ଟିକା ଯୋଗାଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ରହିଛି । ତେଣୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସବୁଜ ସଙ୍କେତ ପ୍ରଦାନ କଲେ ବୁଷ୍ଟର ଡୋଜ ଦିଆଯିବ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ହସ୍ତଗତ ସୂଚନା ଅନୁଯାୟୀ ରବିବାର ସଂଧ୍ୟା ସୁଦ୍ଧା ରାଜ୍ୟରେ ୪୦୩୩୯୧୦୪ ଡୋଜ ଦିଆଗଲାଣି । ସେଥିବରୁ ୨.୭୦କୋଟି ପ୍ରଥମ ଡୋଜ ଓ ୧.୩୫ କୋଟି ଦ୍ୱିତୀୟ ଡୋଜ ଦିଆଯାଇଛି । ୧୮-୪୪ ବର୍ଷ ମଧ୍ୟରେ ୮୦ ପ୍ରତିଶତ ଦ୍ୱିତୀୟ ଡୋଜ ନେଇଛନ୍ତି । ସେହିପରି ୪୫ ବର୍ଷରୁ ଅଧିକ ୮୩ ପ୍ରତିଶତ, ସ୍ୱାସ୍ଥ୍ୟ କର୍ମୀଙ୍କ କ୍ଷେତ୍ରରେ ୮୯ ପ୍ରତିଶତ ଏବଂ ସମ୍ମୁଖ ଯୋଦ୍ଧାଙ୍କ ମଧ୍ୟରୁ ୮୮ ପ୍ରତିଶତ ଦ୍ୱିତୀୟ ଡୋଜ ନେଇଛନ୍ତି । ସେହିପରି ୩୧୧୪୭ ଜଣ ଗର୍ଭବତୀ ମହିଳା ଟିକା ନେଇଛନ୍ତି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ମାସ୍କ ପିନ୍ଧିବା ସହ ସାନିଟାଇଜର ଓ ଯଥାସମ୍ଭବ ଅଯଥା ଗହଳି ଠାରୁ ଦୂରେଇ ରହିବା ଉତ୍ତମ ସ୍ୱାସ୍ଥ୍ୟ ଅନୁକୂଳ ପ୍ରଦକ୍ଷେପ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ।

*କନସଲ୍ଟାଣ୍ଟ ରେଡ଼ିଓଲୋଜିଷ୍ଟ,*
*ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# କିଶୋରଙ୍କ ଶେଷ କଟାକ୍ଷ



ରଶ୍ମିତା ବେହେରା

ଆଉ ଦେଖିବାକୁ ମିଳିବନି କିଶୋରଙ୍କ ବ୍ୟଙ୍ଗ ଚିତ୍ର । ଆଖି ଆଗରେ ଝଲସିବନି ସାମ୍ପ୍ରତିକ ପ୍ରସଙ୍ଗ ଆଧାରିତ ବ୍ୟଙ୍ଗ ବାଣୀ । ଗୁଞ୍ଜରୀତ ହେବନି କିଶୋରଙ୍କ କଥା । ଜମିବନି କଟାକ୍ଷର ଆସର । ଖବରକାଗଜର ପ୍ରଥମ ପୃଷ୍ଠାରୁ ବାରିହେବନି କିଶୋରଙ୍କ କଟାକ୍ଷର ଗନ୍ଧ । ସରକାରଙ୍କୁ ଚେତେଇବା ଓ ଜନସାଧାରଣଙ୍କୁ ଚିନ୍ତାର ଚୈତନ ପ୍ରଦାନ କରୁଥିବା କିଶୋର ରଥ ଏବେ ଆଉ ପାରିର ଯାତ୍ରୀ । ଚିତ୍ର, ଶବ୍ଦ ଓ ଛନ୍ଦରେ କଟାକ୍ଷ ଭରି କଲମର ତରବାରୀ ଚଲାଉଥିବା କିଶୋର ରଥଙ୍କ କଲମ ଯୁଦ୍ଧରେ ସେ ଏବେ ନିରସ୍ତ୍ର । ନିର୍ଗତ ହୋଇସାରିଛି କିଶୋରଙ୍କ କଲମରୁ ଶେଷ କାଳୀ, ନିସୃତ ହୋଇସାରିଛି ଶେଷ ବ୍ୟଙ୍ଗ, ଅଙ୍କା ସାରିଛି ଶତସହସ୍ର ରେଖାଚିତ୍ରର ଲକ୍ଷ୍ମଣରେଖା । ନିଜ ବାକଚାତୁରୀରେ ଅଗଣିତ ପାଠକଙ୍କୁ ବାନ୍ଧି ପାରୁଥିବା ବ୍ୟଙ୍ଗାକାର ଆଜି ନିର୍ବାକ୍, ପାଠକଙ୍କ ହୃଦୟର ସ୍ପନ୍ଦନ ସାଜିଥିବା କିଶୋର ଆଜି ନିଷ୍ପନ୍ଦ । ଏପାରି ଛାଡି ଆରପାରିରେ କଟାକ୍ଷ କିଶୋର । ଦୈନିକ ଖବର କାଗଜ 'ସମ୍ବାଦ'ରେ 'କଟାକ୍ଷ' ଓ 'ସ୍ଲୋଟାକ୍ଷ' କାର୍ଟୁନ ଲାଗି କିଶୋର ରଥ ଘରେ ଘରେ ପରିଚିତ ଥିଲେ । କାର୍ଟୁନ୍ ବ୍ୟତୀତ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଅଭିଜ୍ଞତା ଥିଲା । ଢୁମ୍ପା ସଙ୍ଗୀତ ପାଇଁ ଖୁବ୍ ପ୍ରସିଦ୍ଧ ଥିଲେ । ତାଙ୍କ କବିତାରେ ଅନନ୍ୟ ରସ ଓ ଚଟୁଳତା ଆପେ ବାରି ହେଇଯାଉଥିଲା । ଏଥିପାଇଁ ସେ ନୟାଗଡ ଓ ଗଞ୍ଜାମରେ ଖୁବ୍ ପ୍ରଶଂସା ସାଉଁଟିଥିଲେ । ତାଙ୍କ କବିତାରେ ପରମ୍ପରାର ଏକ ନିଆରା ଆବେଦନ ମଧ୍ୟ ରହିଥିଲା । ଯାହା ତାଙ୍କୁ ଖାସ୍ କରି ଗଢ଼ିତୋଳିବା ସହ ସ୍ୱତନ୍ତ୍ର ପରିଚୟ ମଧ୍ୟ ଦେଇଛି । ଓଡ଼ିଶାର ଜଣାଶୁଣା କାର୍ଟୁନିଷ୍ଟ କିଶୋର ରଥଙ୍କର ହୃଦ୍ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୮ ବର୍ଷ ହୋଇଥିଲା ।

ସତଟା ହୋଇବ ମିଛ ହେ ସୁଜନେ
ମିଛଟା ହୋଇବ ସତ
ମମିତାର ପିତାମାତା ହୋଇଯିବେ
ପୁଲିସ୍ ଭୟରେ ଶାନ୍ତ
ଭାଙ୍ଗିବ ତଦନ୍ତ ଦାନ୍ତ
ମମିତାର ହତ୍ୟାକାରୀ ଉଡେଇବେ
ନାରୀ ଉଦ୍ଧାରଣ ନେତ ।
'କିଶୋରଙ୍କ ଶେଷ କଟାକ୍ଷ'

କିଏବା ଜାଣିଥିଲା ବ୍ୟଙ୍ଗକୁ ଶୀର୍ଷରେ ରଖି ସଫଳ ସ୍ରଷ୍ଟା ସାଜିଥିବା କଲମ ଶିଳ୍ପୀ ରାତି ପାହିଲେ ଶିରୋନାମା ପାଲଟିଯିବ? କାହାକୁ ବା ଜଣାଥିଲା ସମାଜର ସାମ୍ପ୍ରତିକ ଘଟଣାବଳୀକୁ ବ୍ୟଙ୍ଗ ଛାଞ୍ଚରେ ପକାଇପାରୁଥିବା ବ୍ୟଙ୍ଗର ମୂର୍ତ୍ତିକାରକୁ ମୃତ୍ୟୁ ଡାକିନେବ? କିଏବା ପୂର୍ବାନୁମାନ କରିଥିଲା ପାଠକଙ୍କ ମୁହଁରେ ଧାରେ ହସ ଆଙ୍କୁଥିବା ନିଆରା ମଣିଷ ଶୋକ ନଈରେ ଭସେଇ ଦେଇଯିବ? କିନ୍ତୁ ଦୁର୍ଭାଗ୍ୟ ବିଧିର ବିଡମ୍ବନାରେ ସବୁକିଛି ଓଲଟପାଲଟ ହୋଇଗଲା । ଆଜିର ସମ୍ବାଦ ପୃଷ୍ଠାର କଟାକ୍ଷ କିଶୋରର ସେ ବର୍ତ୍ତୁଳ କାର୍ଟୁନ୍ ଓ ବ୍ୟଙ୍ଗ ଲେଖାର ଅଭାବ ଯେମିତି ପାଠକ ହୃଦୟକୁ ଚିରି ପକଉଥିଲା । କେବଳ କିଶୋର ରଥଙ୍କ ଅନୁପସ୍ଥିତି ନୁହେଁ ବରଂ ତାଙ୍କର ସ୍ମୃତି ସଂସ୍ମୃତିକୁ ମଧ୍ୟ ଠିକ୍ ବାରି ହେଉଥିଲା । ବ୍ୟଙ୍ଗଅଞ୍ଜଳୀ ପରିବର୍ତ୍ତେ ଶ୍ରଦ୍ଧାଞ୍ଜଳୀ ହିଁ ଆଜିର ଶ୍ରେଷ୍ଠ ଶୀର୍ଷକ ଥିଲା ।

କିଶୋର ରଥ ଓଡିଶାର ଏକ ପରିଚିତ ନାଁ । ତାଙ୍କ ବିୟୋଗ ଓଡିଶା ପାଇଁ ଏକ ଅପୂରଣୀୟ କ୍ଷତି । ଦୀର୍ଘ ତିରିଶି ବର୍ଷ ଧରି ସେ କଟାକ୍ଷ ମାଧ୍ୟମରେ ନିଜ କଲମକୁ ଶାଣିତ କରି ଆସିଥିଲେ । ବ୍ୟବସ୍ଥା ପ୍ରତି ବିଦ୍ରୁପ କରିବାରେ ସେ ଥିଲେ ମାହିର । ସବୁ ଅନ୍ୟାୟ ଓ ଅଖବରକୁ ସେ ବ୍ୟଙ୍ଗ ମାଧ୍ୟମରେ ସମାଲୋଚନା କରି ବେଶ୍ ଲୋକପ୍ରିୟତା ସାଉଁଟିଥିଲେ । ସମ୍ବାଦ ପ୍ରଥମ ପୃଷ୍ଠାର ଚାରି ଇଞ୍ଚର ଜାଗାରେ ସେ ଆଙ୍କୁଥିଲେ ଆଖିଲାଖିଲା ଭଳି ଖବର । ଅଳ୍ପ କେଇପଦ କବିତା ସହିତ ଛୋଟିଆ କାର୍ଟୁନ୍ ମାଧ୍ୟମରେ ବାନ୍ଧି ରଖିଥିଲେ ଅନେକ ପାଠକ । ଶ୍ୱାସ ଜନିତ ସମସ୍ୟା ହେତୁ ତାଙ୍କର ମୃତ୍ୟୁ ତାଙ୍କ ସାଧନାରେ ଶେଷ ଅଧ୍ୟାୟ ଆଙ୍କିଛି । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି । ସମାଜର ବିଭିନ୍ନ ପ୍ରସଙ୍ଗକୁ ବ୍ୟଙ୍ଗ ଚିତ୍ର ମାଧ୍ୟମରେ ଉପସ୍ଥାପନ କରିବାର ନିଜର ସ୍ୱତନ୍ତ୍ର ଶୈଳୀ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ।

ଆଖିଲୁହରେ ଓଦା ହେଲା ସମ୍ବାଦର କଟାକ୍ଷ କିଶୋର ପୃଷ୍ଠା । ଆଜିର ବ୍ୟଙ୍ଗ ପୃଷ୍ଠାରେ ବ୍ୟଙ୍ଗାକାରଙ୍କ ବିୟୋଗରେ ବହୁଥିଲା ବେଦନାର ଅଶ୍ରୁଧାର । ଆଜି ସକାଳେ କଟାକ୍ଷ ପରିବର୍ତ୍ତେ ବଡବଡ ଅକ୍ଷରରେ ତାଙ୍କର ମୃତ୍ୟୁ ଖବର ଛପାହେଇଛି । ବ୍ୟଙ୍ଗ ପରିବର୍ତ୍ତେ ଶ୍ରଦ୍ଧାଞ୍ଜଳୀ ସେ ପୃଷ୍ଠାରେ ଆଖିଠାର ମାରୁଛି । ସ୍ୱାସ୍ଥ୍ୟ ଖରାପ ଥିବା ସତ୍ତ୍ୱେ ମଧ୍ୟ କିଶୋର କଲମ ଛାଡ଼ିନଥିଲେ । କାଲି ସକାଳର ସମ୍ବାଦ ଖବରକାଗଜରେ ମମିତା ହତ୍ୟାକାଣ୍ଡ ସମ୍ପର୍କିତ କଟାକ୍ଷ ପ୍ରକାଶିତ ହୋଇଛି । ସମାଜର ବିଭିନ୍ନ ପ୍ରସଙ୍ଗରେ ବ୍ୟଙ୍ଗ ମାଧ୍ୟମରେ ଆଲୋଚନା, ପର୍ଯ୍ୟାଲୋଚନା ଓ ସମାଲୋଚନାର ମୁଖଶାଳା ଆଙ୍କୁଥିବା କିଶୋର ସବୁଦିନ ପାଇଁ ନୀରବି ଯାଇଛନ୍ତି । ମମିତା ହତ୍ୟା ସମ୍ପର୍କରେ ଆଭିମୁଖ୍ୟ ତାଙ୍କର କଟାକ୍ଷରେ ପୂର୍ଣ୍ଣଛେଦ ଆଙ୍କିଛି । ରାଜ୍ୟବ୍ୟାପୀ ତାଙ୍କ ପ୍ରଶସକଙ୍କ ଶ୍ରଦ୍ଧାଞ୍ଜଳୀର ସୁଅ ଛୁଟୁଛି ।

*(ସାମ୍ବାଦିକା)*
*ନିହଳପ୍ରସାଦ,ଢେଙ୍କାନାଳ*
*ଦୂରଭାଷ : ୭୩୨୫୯୬୦୨୭୮*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୪୫

# ବେଳ ଭଲ ନାହିଁ

**ସେ** ଆସିବା ପରେତାକୁ ସୁଦର୍ଶନ ବାବୁଙ୍କ ସମସ୍ତ କାର୍ଯ୍ୟ ଓ ତାଙ୍କୁ ଦମନ କରିବାକୁ ଇଏ ଚିନ୍ତା କରିଥିବା ପ୍ଲାନଟି ବିଷୟରେ କହିଲେ।

ନୀହାର ବାବୁଙ୍କ ସବୁକଥା ଶୁଣିସାରି ନାରଣ କହିଲା- ସେ ତ ମୋର ଶତ୍ରୁ ନମ୍ବର ୱାନ୍। ତାଙ୍କୁ ଦମନ ପାଇଁ ତମେ ଯେଉଁ ପ୍ଲାନ କରିବ ମୁଁ ତାକୁ କାର୍ଯ୍ୟକାରୀ କରିବା ପାଇଁ ଲାଗିପଡିବି। ହେଲେ ମୁଁ ତମ ପ୍ଲାନର ଏ ଦିଗଟା କିନ୍ତୁ କିଛି ବୁଝିପାରୁ ନାହିଁ। ମୂଷାକୁ ମାରିବା ପାଇଁ କ'ଣ ଆମେ ଘର ପୋଡିଦେବା?

ତୁ ଏବେ ସେ କଥାର ଗୂଢ଼ ରହସ୍ୟ ବୁଝିପାରିବୁ ନାହିଁ। ପ୍ଲାନଟା କାର୍ଯ୍ୟକାରୀ ନହେବା ଯାଏଁ ମୁଁ ବି ତୋତେ ସବୁ କଥା ଖୋଲିକରି କହୁନାହିଁ। କେବଳ ମୁଁ ଯାହାକହୁଛି ତୁ କର, ଅନ୍ୟ ସବୁ କଥା ମୋ ଉପରେ ଛାଡି ଦେ। ହଁ, ଏ କାର୍ଯ୍ୟଟି ଆମର କିଛି ବଛା ବଛା ସମର୍ଥକମାନଙ୍କ ଦ୍ୱାରା ହେବ, ଏବଂ କାର୍ଯ୍ୟ ସମ୍ପାଦନ ପୂର୍ବରୁ ଏବଂ ପରେ ମଧ୍ୟ ସେମାନେ ଏ କଥାର ଯେମିତି ଟେର୍ ନ ପା'ନ୍ତି, ସେ ବିଷୟରେ ଧ୍ୟାନ ଦେବାକୁ ହେବ।

ହଉ।

ତେବେ ମୁଁ ନିଶ୍ଚିତ ରହିଲି।

-ଆଠ-

ସୁଦର୍ଶନ ବାବୁଙ୍କ ପଦକ୍ଷେପ ବିଷୟରେ ଗାଆଁରେ ଚାଲିଥିଲା ଘମାଘୋଟ୍ ଚର୍ଚ୍ଚା। ସମସ୍ତଙ୍କ ଆଲୋଚନାରେ ସୁଦର୍ଶନ ବାବୁ ହିଁ ଥିଲେ ହିରୋ ଓ ବିଡିଓ ରୁ ଆରମ୍ଭ କରି ନୀହାର ପର୍ଯ୍ୟନ୍ତ ସମସ୍ତେ କିପରି ସଂତ୍ରସ୍ତ ଓ ପାନେ ପାଇବାକୁ ଯାଉଛନ୍ତି ଏ ବିଷୟରେ ସମସ୍ତେ ନିଜ ନିଜ ଦୃଷ୍ଟିଭଙ୍ଗୀରେ ଆଲୋଚନା କରୁଥିଲେ। ଗୋଲେଖ ବାବୁ ସବୁ ଶୁଣି ସାରିବା ପରେ ଡାକିଲେ ଦଶରଥ ଓ ବିଚିତ୍ରଙ୍କୁ। କହିଲେ ଦେଖ ହୋ, ଆମେ ତିନିଟା ବି ରିଟାୟାର କରିଥିଲେ। ରିଟାୟାର୍ଡ ପରେ ଆମ କାମ ସରିଗଲା ଭାବି ଏ ମଣ୍ଡପରେ ତାସ୍ ପାଲି ଓ ଆଲୋଚନା ଛଡା ଆଉ କିଛି କରିପାରିଛେ? ହେଲେ ସୁଦର୍ଶନ ବାବୁଙ୍କୁ ଦେଖ-ରିଟାୟାର୍ଡ ପରେ ଗାଆଁକୁ ଆସି ଅଳ୍ପ ଦିନ ମଧ୍ୟରେ କେମିତି ଚର୍ଚ୍ଚିତ ହୋଇଗଲେ।

ଏଥିପାଇଁ ତମର କ'ଣ ଈର୍ଷା ହେଉଛି କି ଗୋଲେଖ ଭାଇ? ଦଶରଥ କହିଲେ।

ଆରେ ଈର୍ଷା କାହିଁକି ହେବ, ଭାବୁଛି ଏହି କାମରେ ବି ତାଙ୍କୁ ସହଯୋଗ କରିବା କଥା।

କିଏ ମନା କରୁଛି କି। ହେଲେ ସିଏତ ସେହି ଯୁବକ ସଂଘ ପିଲାମାନଙ୍କୁ ନେଇ ଏ କାର୍ଯ୍ୟ ଆରମ୍ଭ କରିଛନ୍ତି ନା।

ଆରେ ନା'ମ, ସିଏ କ'ଣ ପିଲାମାନଙ୍କୁ ଡାକିଥିଲେ, ପିଲାମାନେ ତାଙ୍କୁ ଯାଇ ନେତୃତ୍ୱ ନେବାକୁ ଅନୁରୋଧ କଲାରୁ ସେ ହଁ ଭରିଲେ। ମୁଁ ଭାବୁଛି ଖାଲି ଯୁବକମାନଙ୍କ ସମର୍ଥନ ନୁହେଁ ତାଙ୍କ ପଛରେ ଆମ ସମସ୍ତଙ୍କର ସମର୍ଥନ ରହିବା ଆବଶ୍ୟକ।

ବିଚିତ୍ର କହିଲେ-ତମେମାନେ ଯାହା କୁହ, ତାଙ୍କ ସାହସକୁ ହିଁ ମାନିବାକୁ ପଡିବ। ଏମାନଙ୍କ ଭୟରେ କେହି ପାଟି ଖୋଲିବାକୁ ସାହସ କରୁନଥିବା ବେଳେ ତ ସେ ମାଧବୋଉର ନିଶାପକୁ ଯାଇ ପାଟି ଖୋଲିଲେ। ସେତେବେଳେ ସେ କ'ଣ ଜାଣିଥିଲେ ଏ ଯୁବକମାନେ ତାଙ୍କୁ ସମର୍ଥନ କରିବେ ବୋଲି। ତାଙ୍କର ଆତ୍ମବିଶ୍ୱାସ ଓ ଆତ୍ମସାହାସଟା ହିଁ ଥିଲା

ଚାଲ ଆମେ ତିନିହେଁ ଯାଇ ତାଙ୍କୁ ବଧେଇ ଜଣାଇବା। ଗୋଲେଖ ଭାଇ ଟିକେ ସବୁର କରିଯାଆ କେଉଁ ପାଣି କୁଆଡକୁ ଯାଉଛି ଦେଖ। ନୀହାର ବାବୁ ବି ଏତେ କଞ୍ଚା ଖେଳାଳି ନୁହଁନ୍ତି। ବାଜି ଓଲଟାଇବାରେ ସେ ଓସ୍ତାଦ। ଆଉ ଯଦି ବାଜି ଓଲଟି ଗଲା ଆମେମାନେ ସମ୍ଭଳା ପଡିବା ତ?

ଆରେ ବିଚ, ଦେଖ, ଦେଖ୍ ଯାକୁ। ଏଇନେ ବଡ ଆଦର୍ଶ କଥା ବୋଲି କହୁଥିଲା, ନିଜ ଭିତରର ସାହସ ବଡ କଥା ବୋଲି କହୁଥିଲେ, ହେଲେ ତାଙ୍କୁ ତାଙ୍କର ସାହାସ ପାଇଁ ବଧେଇ ଜଣାଇବାକୁ କହିବାରୁ କେତେ ଆଗପଛ ବିଚାର କରି କୁନ୍ଥେଇ ହଉଛି। ବିଚିତ୍ର, ସେ ନଗଲା ନାହିଁ ଆମେ ଦୁହେଁ ଚାଲ ଯିବା।

ଚାଲୁନା ଗୋଲେଖ ଭାଇ, ମୁଁ ତମମାନଙ୍କ ସାଙ୍ଗରେ ଯାଉଛି। ମୁଁ କ'ଣ ସତରେ ଡରି କରି ମନା କରୁଥିଲି, କେବଳ ତମକୁ ଚେତେଇ ଦଉଥିଲି ଯେ ଅଯଥାରେ କାଦୁଆରେ ପଶି ଗୋଡ ଧୋଇବା କାହିଁକି?

ଆହା, ଆହାରେ ତମେ କେବଳ ଶୁଖିଲାରେ ବସି ମାଛ ଧରୁଥିବ ନା?

ଯିବ ଯଦି ଚାଲ, ଆଉ ଏ ବିଷୟରେ ଆଲୋଚନା ନ କରି। ଜଣେ ଗୋଟେ ଭଲ କାମ କଲେ ବୋଲି ମାନୁଛ, ଅଥଚ ତାଙ୍କୁ ପଦେ ପ୍ରଶଂସା କରିବାକୁ ଏତେ ଡର କ'ଣ ମ?

ତିନିଜଣଯାକ ଚାଲିଲେ ସୁଦର୍ଶନ ବାବୁଙ୍କ ଘର ଆଡେ। ସେମାନେ ପହଞ୍ଚିବା ବେଳକୁ ସୁଦର୍ଶନ ବାବୁ ଖବର କାଗଜ ଦେଖୁଥିଲେ। ଏ ତିନିଜଣଙ୍କୁ ଏକା ସାଙ୍ଗରେ ଆସୁଥିବାର ଦେଖି ପଚାରିଲେ- କୁଆଡେ ବାହାରିଲେ କି ଆପଣମାନେ?

(କ୍ରମଶଃ)

# ଚିରା ପୋଷାକ

**ଦୁଷ୍ମନ୍ତ ବେହେରା**



ସହର ଠାରୁ ବହୁ ଦୂର ମଫସଲ ଗାଁ ଟିଏ। ଜୁନା ମହୁପର, ସେ ଗାଁରେ ବାସ କରନ୍ତି ସେଫାଳିଙ୍କ ପରିବାର। ସେଫାଳିକୁ ଏଗାର ବର୍ଷ ବୟସ ହୋଇଥିଏ ତା'ର ସାନଭାଇ ବୁନୁକୁ ପାଞ୍ଚ ବର୍ଷ ହୋଇଥାଏ। ସେହି ବର୍ଷ ବାପା ମା' ରୋଗରେ ପୀଡିତ ହୋଇ ସବୁଦିନ ପାଇଁ ଚାଲିଗଲେ।

ଦୁଃଖ ଯେମିତି ମୁଣ୍ଡ ଉପରେ ପାହାଡ ପରି ଛିଡା ହୋଇଛି। ଚାଳଛପର ମାଟି ଘରଟି ଚାହାଣିର ଅଙ୍କା ବଙ୍କା ସ୍ମୃତି ଗୁଡିକ ମନେ ପକାଇ ଦଉଛି। ଦଦରା ଦୁଃଖର ମଲାଟ ଛପା ପୃଷ୍ଠା କେମିତି ଚିରି ପାରିବ। ଜାଉଁଳି କବାଟ ଘର ପିଣ୍ଡା କହି ଦେଉଥିଲା ଦୁଃଖରେ ସାମ୍ନା କରୁଥିବା ମଣିଷ ଦିନେ ନିଶ୍ଚିୟ ଜିତିବ।

ଏଣେ ଗାଁ ଲୋକ କହୁଥିଲେ ସେଫାଳି ତୁ ଅଲକ୍ଷଣୀ ଦରଭଙ୍ଗା ଜୀବନ ଏଇ ନିଜର ଦୁଃଖ ସରୁ କି ନସରୁ ଛୋଟ ଭାଇ ବୁନୁର ଦୁଃଖ ବୁଝିବୁ।

ଦାଣ୍ଡ ପିଣ୍ଡାର ଚାଳଖୁଣ୍ଟକୁ ଆଉଜି ଦୁଃଖ ଭରା ମନଟା ଭାବୁଥିଲା ସତରେ ମୁଁ କ'ଣ ଅଲକ୍ଷଣୀ। ଆଖି ଦୁଇଟିରୁ ଛଳ ଛଳ ଲୁହ ଧାର ମୁହଁରେ ବିନ୍ଦୁ ବିନ୍ଦୁର ଅକାନ୍ତ ଗଭୀର ଢେଉ ପରି ଭାସୁଥିଲା। ପୁଣି ଭାବିଲା ନିଆଁଲଗା ମନଟା କ'ଣ ଶାନ୍ତିରେ ବସିବାକୁ ଦଉଛି। ଆରେ ଏଣେ ବୁନୁର ଭବିଷ୍ୟତ ଶୀତଳ ଛାୟା ମୁରୁଜ ପରି ହସି ବିଛେଇ ହୋଇ ଭାସି ଯାଉଛି। କିନ୍ତୁ ବୁନୁ ସେ ତୋ ଛୋଟ ପିଲା ତା'ର ଭବିଷ୍ୟତ ମୋତେ ଦେଖିବାକୁ ପଡିବ। ଭାବୁଭାବୁ ଆମ ଘରେ ତ ସିଲେଇ ମେସିନ୍ ଅଛି ବାପା ସିଲେଇ କରନ୍ତି, ମୁଁ ତାଙ୍କ ସହିତ ସିଲେଇ ଟିକେ ଟିକେ ଶିଖିଛି। ଆଉ ଗାଁ ଲୋକଙ୍କର ଘରଘରକୁ ବୁଲି ଲୁଗା ପଟା ଆଣି ସିଲେଇ କରିବି। ଠିକ୍ ସେହି ସମୟରେ ବୁନୁ ଆସି କହିଲା ନାନୀ କ'ଣ ଖାଇବି ମୋତେ ଭାରି ଭୋକ ଲାଗିଲାଣି।

ତୁ ରହ ମୁଁ ଗାଁ ଆଡେ ଯାଉଛି କିଛି ମାଗିକି ଆଣିଲେ ତୁ ଖାଇବୁ। ଗାଁ ଲୋକ ସେଫାଳିକୁ ଦେଖୁଦେଖୁ ଏ ତ ଅଲକ୍ଷଣୀ ଆସିଛି, ଏ କଥା ଶୁଣି ସେଫାଳି ଦୁଇଗୋଡ ଧିରେ ଧିରେ ଆଗକୁ ବଢାଇ ଏ ତ ଏମିତି କହିବେ ଭୋକ ଏବଂ ପେଟର ଭୋକ କେମିତି ବୁଝିବ। ମୁଁ ଅଲକ୍ଷଣୀ କି ନୁହଁ ତଥାପି ମୁଁ ବଞ୍ଚିବି, ଏ ବୁନୁ ପାଇଁ। ଏ ତ ସଂସାର ଭଲ ଦେଖିଲେ କହିବେ ମନ୍ଦ ଦେଖିଲେ କହିବେ। ଦିନେ ନିଶ୍ଚୟ ଏମାନେ ନିଜର ଭୁଲ୍ ବୁଝି ପାରିବେ। ଘରକୁ ଘର ବୁଲି ଲୁଗାପଟା ଆଣିଲା ଓ ତା ସାଙ୍ଗକୁ ଖାଇବା ଆଣିଲା। ଧିରେ ଧିରେ ଦିନ ପରେ ଦିନ ଗୁଡାକ ବିତିବାକୁ ଲାଗିଲା। ଗାଁ ବିଦ୍ୟାଳୟରେ ବୁନୁ ପାଠ ପଢିବା ପାଇଁ ନାମ ଲେଖାଇ ଦେଲେ ସେଫାଳି। ଏଣେ ଓଳିଏ ଖାଇଲେ ଓଳିଏ ଉପାସ୍।

ଗୋଟିଏ ବର୍ଷ ପରେ ଗୋଟିଏ ବର୍ଷ ବିତିବାକୁ ଲାଗିଲା। ବୁନୁ ତୃତୀୟ ଶ୍ରେଣୀ ରେ ପଢୁଥାଏ, ରାତି ସମୟ ଘଡ଼ଘଡ଼ି ସହ ବର୍ଷା ହେଲା କିନ୍ତୁ ତିନି ବର୍ଷ ହେଲା ଛପର ହୋଇନାହିଁ ଅବା ଏତେ ପଇସା କଉଠୁ ଆସିବ ଯେ ଘର ଛପର କରିବ। ରାତି ଯେତିକି ଯେତିକି ବଢୁଥାଏ ବିଜୁଳି ବର୍ଷା ସେତିକି ସେତିକି ବର୍ଷୁଥାଏ। ଚାଳ ବାଟ ଦେଇ ବର୍ଷା ଠୋପା ଗୁଡିକ କଣା ବାଟ ଦେଇ ତଳେ ଠପ୍ ଠପ୍ କରି ପଡିଲା। ବୁନୁ ଶୋଇଥିବା ଜାଗାରୁ ଉଠିପଡି ନାନୀ ପାଣି ପଡୁଛି, ଘରର କୋଣ ଗୋଟିଏ ପାର୍ଶ୍ୱ ମାଟି କାନ୍ଥକୁ ଆଉଜି ଚାଳ ଛପରକୁ ଅନାଇ ଠୋପା ପଡୁଥିବା ଜାଗାରେ ଘରେ ଯାହା ଜିନିଷ ଥିଲା ସେଇ ସେଇ ଜାଗା ଗୁଡିକରେ ଥୋଇ ଦେଲେ। ଠୋପା ପରେ ଠୋପା ଠପ୍ ଠପ୍ କରି ପଡୁଥାଏ।

ସେଫାଳି ଠୋପା ଗୁଡିକୁ ଅନାଇ କହିଲା 'ଆସିଲୁ ଯେ ଭଲ ହେଲା ଆମ ଚାଳ ଛପର କଣା ଦେଇ ଗଳି ପଡିଲ କିନ୍ତୁ ଆଉଜା ମନକୁ ଦରଦ ଦେଇ ଲକ୍ଷ୍ୟକୁ ଭିଜାଇ ଦେଇ ନିଦ ମାଉସୀକୁ ଉଠାଇ ଦେଲ' ଠପ୍ ଠପ୍ ପଡିଲ ଭାସୁ ଭାସୁ ଭାସିଲା ଆମ ଜୀବନ ଇଏତ ଆମର ନୀତି ଦିନିଆ ଆଶାର ଚୂନା ସପନ, ପୁଣି ସେଫାଳି ଚାଳ ଉପରକୁ ଅନାଇ କହିଲା।

ଆଃ, ଆଃ ଆଉ କ'ଣ ରହିଲା ଯେ ଆମ ଜୀବନରେ ତୁମେ ଭିଜେଇ ଦବ, ଆମେ ତ ଏମିତି ଦୁଃଖରେ ଭିଜି ଯାଉଛୁ। ଆରେ ଆରେ ଠୋପା ଦେହର ଚିକ୍କଣ ଖଦଡ ଦେଖି ଦେହ ଉଠାଣି କୁ ମନ ଗଡାଣି ଗଡି ଯାଉଛି ଆମେ ଦୁନିଆ ମୂଳେ। ଧିରେ ଧିରେ ବର୍ଷା ଛାଡିଗଲା।

କିଛି ବର୍ଷ ପରେ ବୁନୁ ଗାଁ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ ହେଲା। କଲେଜ ପଢିବାକୁ ସହରକୁ ଯିବା ପାଇଁ ବୁନୁ ଆସି ସେଫାଳି ନାନୀକୁ ସବୁକଥା କହିଲା। ତୁମେ କ'ଣ ମୋତେ ପଢେଇ ପାରିବ। ସେଫାଳି କହିଲା କାହିଁକି ନୁହଁ ଚେଷ୍ଟା କରିବା, ତୁ ପୁଣି ଗାଁ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢିଲୁ ଆଉ ଆଜି ସହର କଲେଜରେ ତୋର ନାମ ଲେଖା ହେବ।

ଦିନ ପରେ ଦିନ ଗଲା ପରେ ବ୍ୟାଗ୍‌ରେ ଜିନିଷ ସଜାଡୁ ସଜାଡୁ ସେଫାଳିର ମନେ ପଡିଲା ବୁନୁର ଭଲ ପୋଷାକ ଖଣ୍ଡେ ନାହିଁ। ସହରରେ ଭଲ ଭଲ ଲୋକଙ୍କ ସହିତ କେମିତି ମିଶିବ ଓ ପଢିବ। ଏଠୁ ସେଠୁ ଧାର କରି ଓ ସିଲେଇରୁ ଯାହା ରୋଜଗାର ହୋଇଥିଲା ସେଫାଳି ସେ ଟଙ୍କାକୁ ନେଇ ଭଲ ପୋଷାକ ଖଣ୍ଡିଏ କିଣି ଆଣି ବୁନୁ ଯିବା ସମୟରେ ଦେବି।

ଗାଁ ବସ୍ ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରୁଥାନ୍ତି ବୁନୁ ସେଫାଳି। ଦଶ ପନ୍ଦର ମିନିଟ୍ ଗଲାପରେ ବସ୍ ଆସି ବସ୍ ଷ୍ଟାଣ୍ଡରେ ପହଞ୍ଚିଲା। ସେଫାଳି କହିଲା ମନ ଦେଇ ପଢିବୁ ଟଙ୍କା କଥା ଚିନ୍ତା କରିବୁ ନାହିଁ। ଆଉ କିଛି ଟଙ୍କା ଆଣିଛି ନେ ତୋ ପାଇଁ ଆଉ ଖଣ୍ଡିଏ ସାର୍ଟ କିଣିଛି ନେଇକି ସାଙ୍ଗରେ ଯା ଭୋକ ହେଲେ ଟଙ୍କା ଅଛି ତୋ ପାଖରେ କିଣିକି ଖାଇବୁ। ଆଉ କିଛି ଟଙ୍କା ପାଖରେ ରଖିଥିବୁ କାମରେ ଆସିବ। ବୁନୁ ସେଫାଳିର ପାଦ ଛୁଇଁ ପ୍ରଣାମ କରି ବସ୍ ଉପରକୁ ଚଢିଲା। ଗଲା ବେଳକୁ ସେଫାଳି କହିଲା 'ମନ ଦେଇ ପଢିବୁ' ସହରରେ ବେଶି ବୁଲିବୁ ନାହିଁ ଏ କଥା କହୁ କହୁ ସେଫାଳିର ଆଖିରୁ ଲୁହ ବୋହି ଆସିଲା। ଲୁହକୁ ପୋଛିଦେଇ ଘରକୁ ଫେରି ଆସିଲେ ସେଫାଳି।

ଗାଟିଏ ମାସ ପରେ ଗୋଟିଏ ମାସ ଟଙ୍କା ପଠାଉଥିଲେ ସେଫାଳି ବୁନୁ ପାଖକୁ। ରାତି ଦିନ ପରିଶ୍ରମ କରି ସିଲେଇରୁ ଯାହା ରୋଜଗାର ହୁଏ କିଛି ରଖି ଆଉ ସବୁ ଟଙ୍କା ପଠାଇ ଦେଉଥିଲେ।

ଦଶ ବର୍ଷ ଗଲା ପରେ ବୁନୁର ପାଠ ପଢା ସରିଲା ଓ ସହରରେ ଏ କ୍ଲାସ୍ ଅଫିସର ହୋଇଗଲେ। ସରକାରୀ ଚାକିରୀ ଟଙ୍କାର ଅଭାବ ନାହିଁ ସରକାରୀ କ୍ୱାଟର ଆଉ ଏହାରି ଭିତରେ ଗାଁ କଥା କି ସେଫାଳି କେମିତି ଥିବ ସେ କଥା ମନେ ପଡିଲା ନାହିଁ। (କ୍ରମଶଃ)



## ଦୀପାମାବାସ୍ୟାର ଶେଷ ହସ

କେବେ ଭେଟିନଥିବା ଏ ଶିଳ୍ପୀଙ୍କୁ ମୁଁ ଖୁବ୍ ଭଲପାଏ।ଏଥରର ଦୀପାବଳୀର ଏ ଶେଷ ଛବି ଦେଖି ଖୁବ୍ ଆନମନା ହୋଇଯାଇଥିଲି। କବିତା ଶ୍ରଦ୍ଧାଞ୍ଜଳି।



**ଅରୁଣ କୁମାର ସାହୁ**

ଏ ଆଖି ଗଭୀରତାରେ କି ଏତେ ଜଳ ଥିଲା
ବୁଡିଗଲ ଆଖି ପଲକରେ
ଏ ହସର ଛାଇକୁ ଏତେ ଚାହିଁ ରହିଥିଲ
ଉଡିଗଲ ଆକାଶ ବକ୍ଷରେ!
ଏ ରଙ୍ଗୀନ ଆଲୋକମାଳା ସାଜିଥିଲା ସତେ ଏତେ
ବିଦାୟ ପର୍ବର ଶେଷ ଅମିଶା ରାତିରେ
ସତେ କ'ଣ ଲୁବ୍ଧ ଜୀବନବୋଧ ସରିଆସିଥିଲା
ତୃପ୍ତିରେ ଭରା ଏ ହସ ଦୁହିଁଙ୍କ ଛାତିରେ।



କେଉଁ ପୁରାଣ ପୁରୁଷ କି ଅଭିଶପ୍ତ ଗନ୍ଧର୍ବ ତୁମେ
ଛଦ୍ମବେଶେ ଅବା ଆମ ପାଶେ ରହିଥିଲ
କଳାର କଳଙ୍କ କାଳିମା ତୁମେ କେମିତି ଲଘିଁଲ ଯେ
କାଳରାତ୍ରିର କାଳନିଦ୍ରାରେ ଶାପମୁକ୍ତି ନେଲ।
ଏ ଆଖି ଦରିଆ ଏବେ ବର୍ଷୁଥିବ ବର୍ଷ ସାରା
ଆଲୋକମାଳାର ସୁପ୍ତ ଅନ୍ଧାରୀ କୋଣରେ
ମୁକ୍ତାର ଏ ଶେଷ ହସ ଲୁଚିଯିବ ବୋଧେ
ତୁମ ଗହଳ କେଶର ଶେଷ ବିନ୍ୟାସରେ।

*ନାଲକୋ, ଭୁବନେଶ୍ୱର*

## ଶେଷ ରାତିର ସକାଳ

**ପ୍ର. ବୀଣାପାଣି ତ୍ରିପାଠୀ**



ତୁମ ମୁହୂର୍ତ୍ତ ମାନଙ୍କୁ ମୋ ନାଁରେ କରେଇ
ନେବାର ସାମାନ୍ୟ ଆସ୍ପର୍ଦ୍ଧା
କେବେ କଣ ମୁଁ କରିପାରେ
କ୍ରମଶଃ ଶୁଖି ଯାଉଥିବା ମୋ ଧମନୀର
ଜୀବନ ପ୍ରବାହ ପାଇଁ
ସଞ୍ଜୀବନୀ ତୁମ ସ୍ପର୍ଶ
କେବେ କଣ ମାଗି ପାରେ
ଏ ନେଇ ମୁଁ ନିର୍ବିକାର
ଅଚେତନ ଗମ୍ଭୀରା ଗୋପନ ତଥ୍ୟର ଖବର
ଏଯାଁ ପାଇନି
ଏତିକି ଜାରେ ଏ ସବୁ ଖେଳ କରେ ସମୟ
କୌଣସି ଏକ ଶୂନ୍ୟ ବେଳାରେ
ତୁମେ ଲୋଡିବ
ମୋ ନିର୍ଲିପ୍ତ ଉଦାସୀନ ମନ
ମୋ ପ୍ରାଚୁର୍ଯ୍ୟ ଭରା ହୃଦୟ
ଏବେ ଜୀବନର ଅର୍ଥ ଜଉଘର
ସମ୍ପର୍କର ଅର୍ଥ ମୂଲଚାଲ
ଏବେ ପୃଥିବୀ ଖୁବ ଗତିଶୀଳ
ମୁହୂର୍ତ୍ତ ବ୍ୟସ୍ତମୟ
ଏତିକି ବେଳେ କେଉଁ ଗରଜରେ ମାଗିପାରେ
ଗୋଟିଏ ମୁହୂର୍ତ୍ତ
ହେଲେ ଜାଣେ
ଦିଗବଳୟର ସେପାଖୁ ଯେବେ
ତରଳିବ ଏକଲା ତାରା
ଏକୁଟିଆ ପକ୍ଷୀ ଯେବେ ଖୁବ ମିଠାରେ ଗାଇବ
ଯେବେ ସମୟ ସ୍ତବ୍ଧ ହେବ
ସ୍ଥିର ହେବ ପୃଥିବୀ
ସେବେଳେ...
ସେବେଳେ ମୋ ହୃଦୟରୁ ଶେଷ ତମ ପ୍ରଶ୍ୱାସଟି
ଯିବାର ପ୍ରତୀକ୍ଷାରେ ଥିବେ ପରିଜନ
ତୁମେ ନିଶ୍ଚୟ ଫେରିବ
ଲେଉଟିବ
ଏକ ଶ୍ୟାମଳ ଅନୁଭବ ଖୁବ କୋମଳ
ପ୍ରତ୍ୟାଶା ବିହୀନ ଅନୁରକ୍ତି ତୁମେ...
ଶେଷ ରାତିର ସୁନେଲ ସକାଳ।

*ଦର୍ଶନ ବିଭାଗ, ଜନତା ମହାବିଦ୍ୟାଳୟ*
*ସାତମାଇଲ, ଢେଙ୍କାନାଳ*

## ପରିବେଶ ହେବ ସ୍ୱଚ୍ଛ



**ଧୀରେନ୍ଦ୍ର ମଲ୍ଲିକ**

ଜେଜ ଯାଇଥିଲେ ଡିହକୁଲା ହାଟ
ଆଣିଲେ ତିରିଶି ଚାରା,
ପୋତିଲେ ଯତନେ ବାଡ଼ିରେ ଆମର
ପଡୁଥିଲା ଯେଣେ ଖରା,,
ପାଖକୁ ଆସିଲା ନାତି
କହିଲା ଜେଜଙ୍କୁ ଏଠି କିଆଁ ପୋତ
ପଡ଼ିବ ଖରାର ତାତି।
ମୁଣ୍ଡଫଟା ଖରା ହେଉଛି ଏମିତି
ପାରୁନାହୁଁ ଆମେ ସହି,
କେମିତି ସହିବ ଛୋଟିଆ ଗଛଟେ
ପାରିବକି ମତେ କହି,,
ମୁରୁକି ହସିଲେ ଜେଜ
କହିଲେ ହଇରେ ବୋକା ବଦମାସ
କହୁଛି କଥାକୁ ହେଜ।
ଖରା ଯଦି କୋଉ ଗଛରେ ନ ପଡ଼େ
ବଢ଼ିବନି ସେଇ ଗଛ,
ଫଳିବନି ଫୁଲ ଫଳ କିଛି ଜମା
ଏକଥା ନୁହଁଇ ମିଛ,,
ଯେତେ ସାଙ୍ଗ ତମେ ଅଛ
ଫାଙ୍କା ଜାଗା ଦେଖି ଲଗେଇବ ଚାରା
ପରିବେଶ ହେବ ସ୍ୱଚ୍ଛ।
କହିପାରିବିନି କି' ଶକତି ଅଛି
ଖରାରେ ମୁଁ ଜାଣିନାହିଁ,
ପଚାରିବୁ ତମ ସା'ରେଙ୍କୁ ମନେ
ବିଦ୍ୟାଳୟ ଗଲେ ତୁହି,,
ଯାହା ତତେ ଦେଲି କହି
କହିବୁ ତୋହର ସାଙ୍ଗ ସମସ୍ତଙ୍କୁ
ଦେଖିବେ ଖୋଲିକି ବହି।

*ଯୁବ ସାମ୍ବାଦିକ*
*ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*
*ଫୋନ-୭୯୦୪୩୯୨୬୮୬*

# କବିତାର କଥା

(ଭାଗ-୪୬)



**ଉମାକାନ୍ତ ରାଉତ**



## ଗୁରୁପ୍ରସାଦ-ଏକ ଜଳ ବିଭାଜିକା

ଯିଏ ଯେତେ ଯାହା କହୁ ପଛେ, ଗୁରୁପ୍ରସାଦଙ୍କୁ ଟି.ଏସ୍. ଏଲିୟଟଙ୍କର ଓଡ଼ିଆ ସଂସ୍କରଣ କହୁଥିବା ବ୍ୟକ୍ତିମାନଙ୍କ ସହ ଏ ଲେଖକ ଏକମତ ନୁହଁ। କାଳପୁରୁଷକୁ ଲକ୍ଷ୍ୟକରି ଏକଥା କୁହାଯାଉଥାଇପାରେ। କାରଣ "Lilacs out of the deadland କୁ କବି ହୁଏତ "ଫୁଟାଇ ରଙ୍ଗଣି ଫୁଲ ଖତକୁଢ଼", "April is the erullest month" କୁ "କାଳପୁରୁଷ'ରେ ବର୍ଷାଋତୁ ନିର୍ମମ ନିଷ୍ଠୁର କିମ୍ବା "mixing memory and desire stirring dull roots with spring rain" କୁ ନିମ୍ନମତେ କହିଥାଇ ପାରନ୍ତି-

"ହାଡରେ ଥରାଇ ରସ, ମାଟିତଳେ ଚେରମୂଳ ଟାଣି ବର୍ଷା ପଡେ ବର୍ଷା ପଡେ ଝରି"

ଏଠି ସଚ୍ଚିବାବୁଙ୍କର "ବସନ୍ତର ନିଛକ ଜିଲ୍ଲାରେ"ର ଧାଡିର ସାଦୃଶ୍ୟକୁ ବି ଲକ୍ଷ୍ୟ କରାଯାଇପାରେ।

"ବସନ୍ତ ଆସେ ଯେ ଠେଲି ମଲା ଚେର ଗଞ୍ଜେ

ଶୃଙ୍ଖଳା ହାଡର ରନ୍ଧ୍ରେ ବଜାଇ ସାନାଇ"

ଏହାର ଅର୍ଥ ନୁହେଁ, ସିଏ ଏଲିୟଟଙ୍କୁ ଅନୁକରଣ କରିଛନ୍ତି କିମ୍ବା ତାଙ୍କର କାଳପୁରୁଷ ଏଲିୟଟଙ୍କର "ୱେଷ୍ଟଲ୍ୟାଣ୍ଡର ଓଡ଼ିଆ ସଂସ୍କରଣ। "ୱେଷ୍ଟଲ୍ୟାଣ୍ଡ" କେବଳ ଇମେଜଯୁକ୍ତ କବିତା ମାନଙ୍କର ଶୈଳୀଯୁକ୍ତ ପରିପ୍ରକାଶ ନୁହେଁ। ଏଥିରେ ରହିଛି ଗୋଟିଏ କାଳଖଣ୍ଡର ଯନ୍ତ୍ରଣାଦଗ୍ଧ ନିଛକ ଅନୁଭୂତି, ଯାହା କବିଙ୍କୁ ଟେମ୍‌ସ ନଦୀକୂଳର ଅନନ୍ୟ ଦୃଶ୍ୟ ମାନଙ୍କରୁ ମିଳିଥିଲା। ସୁତରାଂ, ଟେମ୍‌ସ୍ ନଦୀକୂଳର ଅବିକଳ ଦୃଶ୍ୟ କଟକ ନଗର ପରିବେଷ୍ଟିତ ମହାନଦୀ କୂଳରୁ ମିଳିବା ସମ୍ଭବ କି? ଝରକା ପାଖରୁ ସେପଟ କୋଠାରେ ରହୁଥିବା ଝିଅର ସ୍ୱପ୍ନ ଦେଖୁଥିବା; ପ୍ରତିଦିନ ଖବରକାଗଜ ପଢୁଥିବା; ବନ୍ଧୁହୀନ ଜ୍ଞାତିହୀନ ନମସ୍କାର, ଜୟହିନ୍ଦ, ସଲାମ୍ ଭିତରେ ହଠାତ୍ ଗାଡିର ବ୍ରେକ୍ ଦେଉଥିବା 'ହରେକୃଷ୍ଣ ଦାସ' ଏଲିୟଟଙ୍କର Hollowmen ଦ୍ୱାରା ହୁଏତ ପ୍ରଭାବିତ ହୋଇପାରେ, ହେଲେ Hollowmen ନୁହେଁ। "କାଳପୁରୁଷ'ର ତୃତୀୟ ଭାଗରେ ଥିବା 'ଲମ୍ବୁ'ର ମୃତ୍ୟୁ "Death by Water" ର ଫ୍ଲେବାସ୍‌ର ପ୍ରଭାବ ହୋଇଥାଇପାରେ, ହେଲେ ଅନୁକରଣ ନୁହେଁ। ସୁତରାଂ, ମୋର ବକ୍ତବ୍ୟ ହେଲା, କବି ଗୁରୁପ୍ରସାଦ ଏଲିୟଟଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ ହେଁ, ନିଜର ସ୍ୱକୀୟତାରେ ତାଙ୍କର ସୃଷ୍ଟି ସମୂହ ରସୋତ୍ତୀର୍ଣ୍ଣ। ତାଙ୍କ କବିତାରେ ବୁଦ୍ଧି ଅପେକ୍ଷା ଅନୁଭବ ଓ ଅନୁଭୂତିର ସ୍ୱାକ୍ଷର ଅଧିକ। ମନ ଓ ବୁଦ୍ଧିର ହରଣଗୁଣନ ନ ହୋଇ ହୃଦୟ ଓ ଆବେଗରୁ ମିଶାଣ ଫେଡାଣ ହୋଇଥିବାରୁ ସେଗୁଡିକ ରସଗ୍ରାହୀ ପାଠକଙ୍କୁ ଆଦୌ ଫ୍ଲାଟ୍ ଲାଗନ୍ତି ନାହିଁ।

ସେଥିପାଇଁ ବରେଣ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି କହିଥିଲେ- "ସ୍ୱାଧୀନୋତ୍ତର ନୂତନ କବିତାର ଅଭିବ୍ୟକ୍ତିରେ ଗୁରୁପ୍ରସାଦ ଏକ ଜଳବିଭାଜିକା ରେଖା।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୧

# ଡିସେମ୍ବର ୧ରୁ ଝଲସିବ ଚନ୍ଦ୍ରଭାଗା ବେଳାଭୂମି

**କୋଣାର୍କ :** ଚନ୍ଦ୍ରଭାଗା ବେଳାଭୂମିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବର ୧ ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ଉତ୍ସବ-୨୦୨୧ ସମୟରେ ୧୧ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି । ଚନ୍ଦ୍ରଭାଗା ବେଳାଭୂମିରେ ପ୍ରଥମ ଥର ପାଇଁ ୨୦୧୧ ମସିହା ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି ଉତ୍ସବର ଲୋକପ୍ରିୟତାକୁ ଦେଖି ୨୦୧୧ ମସିହା ଡିସେମ୍ବର ୨୦ ତାରିଖରୁ ୨୦୧୨ମସିହା ଯାନୁୟାରୀ ୨୦ ତାରିଖ ପର୍ଯ୍ୟନ୍ତ ଏକମାସ ଧରି ଆଉଏକ ରାଜ୍ୟସ୍ତରୀୟ ବାଲୁକା କଳା ଉତ୍ସବ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା । ଏହି ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନୀର ଲୋକ ପ୍ରିୟତା ବୃଦ୍ଧି ପାଉଥିବା ଦେଖି ଓଡ଼ିଶା ପର୍ଯ୍ୟଟନ ବିଭାଗ ଏଥିରେ ଉତ୍ସାହିତ ହୋଇ କୋଣାର୍କ ଉତ୍ସବ ସମୟରେ ପାଞ୍ଚଦିନ ବ୍ୟାପି ବାଲୁକା କଳା ଉତ୍ସବ ଆୟୋଜନ କରିଆସୁଛି । ଚଳିତ ବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ୧୧ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ଆୟୋଜନ ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏହି ଉତ୍ସବରେ ଯୋଗ ଦେବା ପାଇଁ ନଭେମ୍ବର ୩୦ତାରିଖରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ କୋଣାର୍କରେ ପହଞ୍ଚିବେ । ବାଲୁକା ଶିଳ୍ପୀମାନେ ଡ଼ିସେମ୍ବର ୧ତାରିଖଠାରୁ ନିଜନିଜର ଷ୍ଟଲରେ ବାଲୁକା କଳାକୃତି ପରିସ୍ଫୁଟ କରିବାର କାର୍ଯ୍ୟକ୍ରମ ରହିଛି । ୨୦୧୧ ରୁ ୨୦୧୯ ପର୍ଯ୍ୟନ୍ତ ବିଦେଶୀ ବାଲୁକା ଶିଳ୍ପୀମାନେ ଏହି ଉତ୍ସବରେ ଭାଗ ନେଇ ନିଜ ନିଜ ଷ୍ଟଲରେ ବାଲୁକା କଳା ପ୍ରଦର୍ଶନ କରିଆସୁଥିଲେ । କିନ୍ତୁ ମହାମାରି କୋରାନା ପାଇଁ ଗତ ବର୍ଷ ବିଦେଶୀ ବାଲୁକା ଶିଳ୍ପୀମାନେ ଯୋଗ ଦେଇପାରି ନଥିବା ବେଳେ ଚଳିତବର୍ଷ ମଧ୍ୟ ଯୋଗଦେଇ ପାରିବେ ନାହାନ୍ତି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମିରେ ଏଥି ନିମନ୍ତେ ଷ୍ଟଲ ନିର୍ମାଣ ଓ ବାଲି ସଂଗ୍ରହ କାର୍ଯ୍ୟ ଖୁବଶିଘ୍ର ଆରମ୍ଭ କରାଜିବ ବୋଲି ଅନ୍ତର୍ଜାତୀୟ ବାଲୁକାକଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ପ୍ରଦର୍ଶନି ସମୟରେ ଆମ ଦେଶର ବାଲୁକାଶିଳ୍ପୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଳ୍ପୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥାଏ । ଗତ ୨୦୧୫ ମସିହାରେ ପ୍ରଥମ ଥର ପାଇଁ ମହିଳା ବାଲୁକା ଶିଳ୍ପୀଙ୍କୁ ପ୍ରତିଯୋଗୀତାରେ ସାମିଲ କରାଯାଇଥିଲା । ବିଗତ ୧୦ ବର୍ଷ ଧରି ଆୟୋଜିତ ଆନ୍ତର୍ଜାତିକ ବାଲୁକା ଉତ୍ସବକୁ ଦଖିବା ପାଇଁ ପ୍ରତ୍ୟହ ଲକ୍ଷାଧିକ ପର୍ଯ୍ୟଟକ ବାଲୁକା କଳା ପ୍ରଦର୍ଶନୀକୁ ରାତି୧୧ଟା ପର୍ଯ୍ୟନ୍ତ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଥାଏ । ଏହି ବାଲୁକାକଳା କୋଣାର୍କ ଉତ୍ସବର ମର୍ଯ୍ୟାଦାକୁ ବହୁଗୁଣିତ କରୁଛି ବୋଲି ପର୍ଯ୍ୟଟକ ଓ କଳାପ୍ରେମୀମାନେ କହିଛନ୍ତି । ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୋଭିଡ ନିୟମାନୁଯାଇ ସମସ୍ତ କାର୍ଯ୍ୟ କରିଚାଳନ କରାଯିବ । ସଂପ୍ରତି ପର୍ଯ୍ୟଟନ ଋତୁରେ ଚନ୍ଦ୍ରଭାଗା ବେଳାଭୂମିରେ ପର୍ଯ୍ୟଟକମାନଙ୍କ ଗହଳି ଆରମ୍ଭ ହୋଇଗଲାଣି । ପର୍ଯ୍ୟଠକଙ୍କ ଆଗମନକୁ ଦୃଷ୍ଟିରେ ରଖି ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ କରା ଯାଇ ସୁସ୍ଥ ପରିବେଶ ସୃଷ୍ଟି ଦିଗରେ ଅଧିକ ଧ୍ୟାନ ଦିଆଯିବ ବୋଲି ସ୍ଥାନୀୟ ସହ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରକାଶ କରିଛନ୍ତି ।




# 'ଶିଶୁଙ୍କ ପ୍ରତି ବିପଦ ନୁହେଁ ତୃତୀୟ ଲହର'

**ଭୁବନେଶ୍ୱର :** ତୃତୀୟ ଲହରରେ ଶିଶୁ ଅଧିକ ସଂକ୍ରମିତ ହେବାର ଆଶଙ୍କା କମ । ଆରଏମ୍ଆରସି କରିଥିବା ଗବେଷଣାରୁ କିଛି ଏଭଳି ତଥ୍ୟ ସାମ୍ନାକୁ ଆସିଛି । ୨୦୨୦ ମାର୍ଚ୍ଚରୁ ୨୦୨୧ ଅଗଷ୍ଟ ମଧ୍ୟରେ କରାଯାଇଥିବା ନମୁନା ପରୀକ୍ଷାରେ ୧୮ ବର୍ଷରୁ ଅଧିକ ବର୍ଷର ଯେତିକି ଲୋକ ସଂକ୍ରମିତ ହୋଇଥିଲେ, ଠିକ୍ ସମାନ ହାରରେ ଶିଶୁ ବି ସଂକ୍ରମିତ ହୋଇଥିବା ଜଣାପଡିଥିଲା । ତେଣୁ ଆଗାମୀ ଦିନରେ ଯଦି କୌଣସି ଲହର ଆସେ ତେବେ ସେଥିରେ ଯେ କେବଳ ଶିଶୁ ହିଁ ସଂକ୍ରମିତ ହେବେ ତାହା କୁହାଯାଇପାରିବ ନାହିଁ ବୋଲି ଏହି ସର୍ଭେରେ କୁହାଯାଇଛି । ଦେଶରେ କରୋନା ସ୍ଥିତି ସୁଧୁରୁଥିବା ବେଳେ ସଂକ୍ରମଣ ମାତ୍ରା କମୁଛି । ଏହାସହ ତୃତୀୟ ଲହର କେବେ ଆସିବ କିଛି ସ୍ପଷ୍ଟ ହୋଇନାହିଁ । ହେଲେ ଯଦି ତୃତୀୟ ଲହର ଆସେ, ତାହେଲେ ଏଥିରେ ଛୋଟ ପିଲାମାନେ ଅଧିକ ସଂକ୍ରମିତ ହୋଇପାରନ୍ତି ବୋଲି ପୂର୍ବରୁ ଆଶଙ୍କା ପ୍ରକାଶ ପାଇଥିଲା । ହେଲେ ନିକଟରେ ରିଜନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର, ଆରଏମ୍ଆରସି କରିଥିବା ସର୍ଭେରୁ ଜଣାପଡିଛି ଯେ, ଏହି ଆଶଙ୍କା ଅମୂଳକ । ତୃତୀୟ ଲହରରେ ପିଲାମାନେ ଯେ, ଅଧିକ ସଂକ୍ରମିତ ହେବେ ସେନେଇ କୌଣସି ସୂଚନା ମିଳିନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରହସ୍ୟ ଘେରରେ ...

ଏ ସମ୍ପର୍କରେ ୨୦୧୮ ମସିହା ଏପ୍ରିଲ ୪ ତାରିଖରେ ପୂର୍ବତନ ଜିଲ୍ଲାପାଳଙ୍କୁ ତତ୍କାଳୀନ ଜିଲ୍ଲା କୋଷାଧ୍ୟକ୍ଷ ଚିଠି ଲେଖି ଅବଗତ କରାଇଥିଲେ । ଠିକ୍ ସେମିତି ତତ୍କାଳୀନ ଜିଲ୍ଲାପାଳ ମଧ୍ୟ ଏନେଇ ସେହି ସମୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଥିଲେ । ଆରଟିଆଇ କର୍ମୀ ଦିଲ୍ଲୀପ କୁମାର ବରାଳଙ୍କ କହିବା କଥା, ଯଦି ଭିତର ରତ୍ନଭଣ୍ଡାରର ଚାବି ନଥିଲା, ତାହାହେଲେ ଖୋଲିବାକୁ ଯାଇଥିଲେ କାହିଁକି ? ଚାବି ନଥିବାରୁ ଏମାନେ ବାହାର ରତ୍ନଭଣ୍ଡାରକୁ ଯାଇ ଭିତର ରତ୍ନଭଣ୍ଡାରକୁ ଦୂରରୁ ଦେଖି ଚାଲି ଆସିଲେ । ଯଦି ଭିତର ରତ୍ନଭଣ୍ଡାର ଚାବି ନଥିବାରୁ ଯାଇପାରିଲେ ନାହିଁ, ତେଣୁ ସେମାନେ କାହିଁକି ରତ୍ନଭଣ୍ଡାର ରେଜିଷ୍ଟ୍ରାରରେ ଲେଖିଲେ ନାହିଁ ବୋଲି ଦିଲ୍ଲୀପ ପ୍ରଶ୍ନ କରିଛନ୍ତି । ଚାବି ହଜିବା ନେଇ ଖୋଳତାଡ଼ ଚାଲିଥିବା ବେଳେ ହଠାତ୍ ଜିଲ୍ଲା ରେକର୍ଡ ରୁମ୍ରୁ ନକଲି ଚାବି ପାଇଲେ ପୂର୍ବତନ ଜିଲ୍ଲାପାଳ । ସେ ନେଇ ମଧ୍ୟ ଅନେକ ସନ୍ଦେହ ସୃଷ୍ଟି ହୋଇଥିଲା । ମନରେ ସୃଷ୍ଟି ହୋଇଥିବା ସନ୍ଦେହ ଦୂର ପାଇଁ ରେକର୍ଡ ରୁମ୍କୁ ଆରଟିଆଇ କର୍ମୀ ଦିଲ୍ଲୀପ ତଥ୍ୟ ମାଗିଥିଲେ । ରେକର୍ଡ ରୁମ୍ର ତଥ୍ୟ କହିଲା, ଅସଲି କିମ୍ବା ନକଲି ଚାବି ଜମା ହେବାର କିଛି ପ୍ରମାଣ ଆମ ପାଖରେ ନାହିଁ । ତେବେ ଏଠି ପ୍ରଶ୍ନ ଉଠୁଛି ଜିଲ୍ଲାପାଳ ନକଲି ଚାବି ପାଇଲେ କେଉଁଠୁ ? ଯେଉଁ ଚାବି ୨୦୧୮ ମସିହା ଅଗଷ୍ଟ ୬ ତାରିଖରେ ପାଇ ଜମା କରିଥିଲେ, ସେହି ଚାବିରେ ଭିତର ରତ୍ନଭଣ୍ଡାର ଖୋଲି କାହିଁକି ମରାମତି କରାଇଲେ ନାହିଁ ବୋଲି ଦିଲ୍ଲୀପ ପ୍ରଶ୍ନ କରିଛନ୍ତି ।

### କୃଷି ଆଇନ ...

ଏଥିପାଇଁ ମୁଁ ଦେଶବାସୀଙ୍କୁ ସ୍ୱଚ୍ଛ ଓ ନିଷ୍ଠାପର ହୃଦୟର ସହ କ୍ଷମା ମାଗୁଛି । ମୁଁ ଏଠାରେ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବା ସମ୍ପର୍କରେ ଘୋଷଣା କରିବାକୁ ଆସିଛି । ଚଳିତ ମାସରେ ଆରମ୍ଭ ହେବାକୁ ଥିବା ସଂସଦର ଶୀତ ଅଧିବେଶନରେ ଆଇନ ପ୍ରତ୍ୟାହାର କରିବାକୁ ସମସ୍ତ ପ୍ରକାରର ସାମ୍ବିଧାନିକ ପ୍ରକ୍ରିୟା ଶେଷ ହେବ । ମୁଁ ଯାହା ବି କରୁଛି, ଚାଷୀଙ୍କ ପାଇଁ କରୁଛି । ଦେଶ ପାଇଁ ସବୁ କିଛି କରିଛି । ଆପଣମାନଙ୍କ ଆଶୀର୍ବାଦ ପାଇ ମୁଁ ସବୁବେଳେ କଠିନ ପରିଶ୍ରମ କରି ଚାଲିଛି । ଆପଣମାନଙ୍କର ଓ ଦେଶର ସ୍ୱପ୍ନକୁ ସାକାର କରିବା ପାଇଁ ମୁଁ ଆହୁରି ଅଧିକ ପରିଶ୍ରମ କରିବି । ଆଜି ଆପଣମାନଙ୍କ ଆଗରେ ମୁଁ ଏନେଇ ପ୍ରତିଜ୍ଞା କରୁଛି । ଚାଷୀଙ୍କ ପାଇଁ ଆମେ ଅନେକ କିଛି କରିଛୁ । ଆଗକୁ ମଧ୍ୟ ଅନେକ କିଛି କରାଯିବ । ଚାଷ କ୍ଷେତ୍ରର ଉନ୍ନତି ଆଣିବା ପାଇଁ କମ ଦରରେ ମଞ୍ଜି ଠାରୁ ଆରମ୍ଭ କରି ମାଇକ୍ରୋ ଇରିଗେସନ ସୁବିଧା ଯୋଗାଇ ଦେଉଛୁ । ୨୨ କୋଟି ସଏଲ ହେଲ୍ଥକାର୍ଡ ଦିଆଯାଇଛି । ଏଥିପାଇଁ କୃଷି ଜାତୀୟ ସାମଗ୍ରୀର ଉତ୍ପାଦନ ବୃଦ୍ଧି ପାଇଛି । ଆମେ ଫସଲ ବୀମା ଯୋଜନାକୁ ସଶକ୍ତ କରି ଅନେକ ଚାଷୀଙ୍କୁ ଏହା ଅଧୀନକୁ ଆଣିଛୁ । ଚାଷୀଙ୍କୁ ପରିଶ୍ରମର ଉତ୍ତମ ମୂଲ୍ୟ ଦେବାକୁ ଆମେ ଏମଏସ୍ପି ମଧ୍ୟ ବଢ଼ାଇଛୁ ।" ସୂଚନାଯୋଗ୍ୟ, କେନ୍ଦ୍ର ସରକାର କୃଷି ଆଇନ ଆଣିଥିଲେ ମଧ୍ୟ ଦୀର୍ଘ ଗୋଟିଏ ବର୍ଷ ହେଲାଣି ଶତାଧିକ ଚାଷୀ ଏହାକୁ ବିରୋଧ କରି ବିକ୍ଷୋଭ କରୁଛନ୍ତ । ଆଗକୁ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ମୋଦି ଏପରି ଘୋଷଣା କରିଥିବା କୁହାଯାଉଛି । ମୋଦି କହିଛନ୍ତି, ଚାଷୀଙ୍କ ସମସ୍ୟା, ଅସୁବିଧାକୁ ଅତି ନିକଟରୁ ଦେଖିଛି । କେନ୍ଦ୍ର ସରକାର ସବୁବେଳେ କୃଷି କଲ୍ୟାଣକୁ ଅଧିକ ପ୍ରାଥମିକତା ଦେଇଛନ୍ତି । ଦେଶରେ ଶହେରୁ ୮୦ ଜଣ ହେଉଛନ୍ତି କ୍ଷୁଦ୍ରଚାଷୀ । ଦେଶରେ କ୍ଷୁଦ୍ରଚାଷୀଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ । କ୍ଷୁଦ୍ର ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ଉଦ୍ୟମ ଚାଲିଛି । କୃଷକଙ୍କୁ ୨୨ କୋଟି ସଏଲ ହେଲ୍ଥ କାର୍ଡ ମିଳିଛି । ଚାଷୀଙ୍କ ସ୍ୱାର୍ଥକୁ ଦେଖି ପୁରୁଣା ନିୟମରେ ପରିବର୍ତ୍ତନ କରାଯାଇଥିଲା । ଦେଶର ବିଭିନ୍ନ ମଣ୍ଡିକୁ ନବୀକରଣ କରାଯାଇଛି । ଚାଷୀଙ୍କ ହିତ ପାଇଁ କେନ୍ଦ୍ର ସରକାର ସମସ୍ତଙ୍କ ସହ ଆଲୋଚନା କରି ୩ଟି ନୂଆ କୃଷି ଆଣିଥିଲେ । କ୍ଷୁଦ୍ରଚାଷୀଙ୍କୁ ସୁଦୃଢ କରିବାକୁ ନୂଆ ଆଇନରେ ବ୍ୟବସ୍ଥା କରାଯାଇଥିଲା । ଏହାକୁ ବିଭିନ୍ନ ମହଲରେ ଚାଷୀମାନେ ସ୍ୱାଗତ କରିଥିଲେ । କିନ୍ତୁ ଏହି ଆଇନକୁ କିଛି ଗୋଷ୍ଠୀ ଓ କିଛି ଚାଷୀ ବିରୋଧ କରିଥିଲେ । ଆମେ ପୂରା ନିଷ୍ଠା ଓ ସ୍ୱଚ୍ଛତାର ସହ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲୁ । କିଛି ଲୋକ ଏହାକୁ ବୁଝିଥିବା ବେଳେ ଆଉ କିଛି ବୁଝି ନଥିଲେ । କିଛି ଚାଷୀଙ୍କୁ ଆମେ ବୁଝାଇ ପାରି ନଥିବାରୁ କ୍ଷମା ମାଗୁଛି । ବୋଧେ ଆମ ତରଫରୁ କିଛି ଭୁଲ ରହିଗଲା । ଏବେ କାହାକୁ ଦୋଷ ଦେବା ଠିକ ହେବନି । ତେଣୁ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ସମ୍ମାନ ଜଣାଇ ଆମେ ୩ଟି ଯାକ କୃଷି ଆଇନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛୁ । ଏବେ ଦୀର୍ଘ ଦିନ ହେଲା ରାସ୍ତାରେ ବସିଥିବା ଚାଷୀମାନେ ନିଜ ନିଜ ଘରକୁ ଫେରି ଯାଆନ୍ତୁ । ଆମେ ଆସନ୍ତା ସଂସଦର ଶୀତ ଅଧିବେଶନରେ ଆଇନକୁ ପ୍ରତ୍ୟାହାର କରିବାକୁ ସବୁ ପ୍ରକାରର ସାମ୍ବିଧାନିକ ବ୍ୟବସ୍ଥା ଗ୍ରହଣ କରିବୁ । ଏହି ଆଇନକୁ ସଂସଦରେ ବିତର୍କ ଓ ଆଲୋଚନା ପରେ ପାରିତ କରାଯାଇଥିଲା ମୋଦି କହିଛନ୍ତି ।

### 'ମହିଳାଙ୍କ ଅର୍ଥନୈତିକ ...

ଗୁଡିକରେ ମିଶନ ଶକ୍ତିର ମା ମାନଙ୍କୁ ବ୍ୟାଙ୍କ କରେସପଣ୍ଡେଟ ଭାବରେ ନିଯୁକ୍ତି ଦେବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏକ ଗେମ ଚେଞ୍ଜର ଭାବରେ ବର୍ଣ୍ଣନା କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ୬୭୯୮ଟି ଗ୍ରାମ ପଞ୍ଚାୟତରୁ ମାତ୍ର ୨୧୪୯ଟି ଗ୍ରାମରେ ବ୍ୟାଙ୍କ ଶାଖା ରହିଛି । ବାକି ୪୬୪୯ଟି ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ । ଏହିସବୁ ପଞ୍ଚାୟତରେ ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କୁ ବ୍ୟାଙ୍କ କରେସପଣ୍ଡେଟ ଭାବରେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୧୨୬୨ଟି ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କୁ ନିଯୁକ୍ତି ଦିଆସରିଛି ଏବଂ ଆଉ ୩୫୦୮ଟି ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କ ଚୟନ ପ୍ରକ୍ରିୟା ଜାରି ରହିଛି । ନିଯୁକ୍ତି ପାଇଥିବା ମିଶନ ଶକ୍ତି ଗୋଷ୍ଠୀର ମା ମାନଙ୍କୁ ତାଙ୍କ ବିଜିନେସ୍ରେ ସହାୟତା କରିବା ପାଇଁ ପ୍ରାରମ୍ଭିକ ଭାବରେ ସରକାରଙ୍କ ପକ୍ଷରୁ ମାସକୁ ୨୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି ବୋଲି ମିଶନ ଶକ୍ତି ସଚିବ ସୂଚନା ଦେଇଥିଲେ । ଟେକ୍ ହୋମ୍ ରାସନ, ଆହାର, ମାଛ ଚାଷ ଓ କୃଷି ଉତ୍ପାଦକ ଗୋଷ୍ଠୀ ଆଦି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମା ମାନେ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଜଣାଯାଇଛି । କୃଷି ବିଭାଗ, ଶକ୍ତି ବିଭାଗ, ମତ୍ସ୍ୟ ଓ ପଶୁସଂପଦ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆଦି ବିଭାଗର କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି ଏହାକୁ ଆହୁରି ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ । ନଗର ଉନ୍ନୟନ ବିଭାଗ ଦ୍ୱାରା ମୁକ୍ତା ଯୋଜନା ଆନ୍ତର୍ଜାତିକ ସ୍ତରରେ ୫ମ ଇଣ୍ଟରନ୍ୟାସନାଲ ଗୁଆଙ୍ଗଜୁ ଆୱାର୍ଡ ପାଇଥିବା ବେଳେ ମିଶନ ଶକ୍ତି ଗୋଷ୍ଠୀର ସମଲିଙ୍ଗୀ ମାନଙ୍କୁ କାମ ଯୋଗାଇ ଦେବା କାର୍ଯ୍ୟକ୍ରମ ପାଇଁ ଏଫ୍ଆଇସିସିଆଇ ନ୍ୟାସନାଲ ଆୱାର୍ଡ ମିଳିଛି ବୋଲି ସୂଚନା ଦିଆଯାଇଥିଲା । ଯେଉଁ ବିଭାଗ ମାନେ ଏପର୍ଯ୍ୟନ୍ତ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିନାହାନ୍ତି, ସେମାନଙ୍କ ପାଇଁ ଖୁବ ଶୀଘ୍ର ଆଉ ଏକ ସମୀକ୍ଷା ବୈଠକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ତଫସିଲଭୁକ୍ତ ଜାତି ଓ ଜନଜାତି ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟ ଚିହ୍ନଟ କରାଯାଇ ମା ମାନଙ୍କୁ କାମ ଯୋଗାଇ ଦେବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ଦିଆଯାଇଛି ବୋଲି ସୂଚନା ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ୨୦୧୯ ମଇ ୨୯ରେ ପ୍ରଥମ କ୍ୟାବିନେଟ୍ ବୈଠକରେ ମିଶନ ଶକ୍ତିର ମା ମାନଙ୍କୁ ୫ ବର୍ଷରେ ୫୦୦୦ କୋଟି ଟଙ୍କାର କାମ ଯୋଗାଇ ଦେବା ପାଇଁ ନିଷ୍ପତ୍ତି କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ । ଏହି ବୈଠକରେ ଉନ୍ନୟନ କମିଶନର ପି.କେ. ଜେନା ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।

### କୁଆଡେ ଗଲା ...

ଚାପରେ ଇସ୍ତଫା ଦେଇଥିଲେ । ଲାଲକୃଷ୍ଣ ଆଡ଼ଭାନୀ ମଧ୍ୟ ହାୱାଲା କେସରେ ନୈତିକତା ଦୃଷ୍ଟିରୁ ବିରୋଧୀ ଦଳର ନେତା ପଦରୁ ଇସ୍ତଫା ଦେଇଥିଲେ । ଭାରତୀୟ ରାଜନୀତିରେ ନୈତିକତା ଓ ମୂଲ୍ୟବୋଧ ଅନେକ ଦଳରେ ଦେଖାଯାଇଛି । ମାତ୍ର ଆଜି ମୁଖ୍ୟମନ୍ତ୍ରୀ ଅନେକ ଘଟଣାରେ ନୈତିକତା ଆଧାରରେ ନିଜ ଦଳର ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ରାଜ୍ୟରେ ଜଣେ ଦଳିତ ଝିଅର ମୃତ୍ୟୁ ମାମଲାରେ ସମ୍ପୃକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବିରୋଧରେ ଅଭିଯୋଗ ଥାଇ ମଧ୍ୟ ତାଙ୍କର ନୈତିକତା କୁଆଡେ ଗଲା ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ପୀଡ଼ିତା ମମିତାର ବାପା ମାଆଙ୍କୁ ଲଗାଇ ପ୍ରାୟୋଜିତ କେସ ହାଇକୋର୍ଟରେ କରିଛନ୍ତି । ୯୦ ଦିନର ସୀମା ସରିନଥିବା ତଥା ଚାର୍ଜସିଟ୍ ଦାଖଲ ହୋଇନଥିଲା ବେଳେ ତ୍ୱରିତ ଶୁଣାଣି ପାଇଁ ଅପିଲ ହେବା ହାସ୍ୟାସ୍ପଦ । ମୁଖ୍ୟମନ୍ତ୍ରୀଙ୍କୁ କେଉଁ କଥା ଡ଼ରାଉଛି । ୧୬୪ ଧାରା ଅନୁସାରେ ମାନ୍ୟବର ମାଜିଷ୍ଟ୍ରେଟଙ୍କ ଆଗରେ ପୀଡ଼ିତାର ବାପା ମାଙ୍କ ବୟାନ କାହିଁକି କରାଗଲା ନାହିଁ ? ଘଟଣାରେ ଅନେକ ଦିନ ମୁଖ୍ୟମନ୍ତ୍ରୀ ଚୁପ୍ ରହିଲେ । ପୀଡ଼ିତାର ବାପା ମାଆ ଏଫଆଇଆର ଲେଖିବା ପାଇଁ ଥାନା ଥାନା ବୁଲିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ ମନ୍ତ୍ରୀ ସଂଶ୍ଳିଷ୍ଟ ହୋଇନପାରନ୍ତି । କିନ୍ତୁ ଦୀର୍ଘ ୨୦ ବର୍ଷର ଶାସନ କାଳରେ ମୁଖ୍ୟମନ୍ତ୍ରୀ ତାଙ୍କ ଦଳର ମନ୍ତ୍ରୀଙ୍କୁ ଦୁର୍ନିତୀ ଓ ନୈତିକତାର ଦ୍ୱାହୀ ଦେଇ ଇସ୍ତଫା ଦେଇଛନ୍ତି ତା'ହେଲେ ସେମାନେ କଣ କାଠଗଡାରେ ଦୋଷୀ ହୋଇଗଲେଣି ? ସେମାନଙ୍କର ନୈତିକତା ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ ଲୋକର ନୈତିକତା କଣ ଭିନ୍ନ ଭିନ୍ନ ବୋଲି ସେ ପ୍ରଶ୍ନ ପଚାରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଣତାନ୍ତ୍ରିକ ଏବଂ ସମ୍ବେଦନହୀନ ରାଜନୈତିକ ବକ୍ତବ୍ୟ ଦିଆଯାଉଛି । ବିରୋଧୀ ଦଳମାନେ ପୀଡ଼ିତାର ମୃତ୍ୟୁକୁ ନେଇ ହୀନ ରାଜନୀତି କରୁଥିବା ଭଳି ସରକାରୀ ଦଳ ପକ୍ଷରୁ ମନ୍ତବ୍ୟ ଦିଆଯାଉଛି । ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ ରାଜ୍ୟରେ ବିଜେଡ଼ି-ବିଜେପି ମେଂଟ ସରକାର ଥିବାବେଳେ କିଏ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କୁ ଆଠଗଡ଼ ନେଇ ଯାଇଥିଲା ? ଦୁଇ ହଜାର ମସିହାର ନିର୍ବାଚନ ସଭା ଆଠଗଡ଼ରେ କେଉଁ ପ୍ରସଙ୍ଗ ଉପରେ ହୋଇଥିଲା ? ଅଞ୍ଜନା ମିଶ୍ର ପ୍ରସଙ୍ଗରେ ହୋଇଥିଲା ନା ନାହିଁ ? ସେତେବେଳେ ପ୍ରଶ୍ନ ଯଦି ସମ୍ବେଦନଶୀଳ ଥିଲା ତେବେ ଆଜି ଓଡ଼ିଆ ଝିଅର ଇଜ୍ଜତକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇବେ ତେବେ ତାହାକୁ ହୀନ ରାଜନୀତି କିଭଳି କୁହାଯିବ ? ଓଡ଼ିଆ ଲୋକ ଭରସା କରି ମୁଖ୍ୟମନ୍ତ୍ରୀଙ୍କୁ ଭୋଟ ଦେଇଛନ୍ତି । କିନ୍ତୁ ଯଦି ସେହି ଦମ୍ଭରେ ପ୍ରଶ୍ନ ପଚାରିବାକୁ ଆଉ କାହାର ଅଧିକାର ନାହିଁ ବୋଲି ଭାବିବା ଠିକ୍ ନୁହେଁ । ଅହଙ୍କାର ରାବଣର ବି ଥିଲା ଦୁର୍ଯ୍ୟୋଧନର ବି ଥିଲା, ଆପଣଙ୍କର ବି ଅଛି । ଏଥିରେ ଅସହମତ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି । ଓଡ଼ିଶାକୁ ଅଧିକ ଟିକା ଦେବା କିମ୍ବା ଜନଜାତି ଅଂଚଳର ବିକାଶ ପାଇଁ ଡ଼ିଏମଏଫ ତଥା ଜିଲ୍ଲା ଖଣିଜ ପାଣ୍ଠିର ବ୍ୟବସ୍ଥା, କରୋନା ସମୟରେ ଗରିବଙ୍କୁ ସାହାଯ୍ୟ, ମହିଳା, ଚାଷୀ ଓ ଦଳିତଙ୍କ ସ୍ୱାର୍ଥରେ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସାମଗ୍ରିକ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛନ୍ତି ।

# ରାଜ୍ୟସ୍ତରୀୟ 'କଳା ମଣିମା ସମ୍ମାନ' ସମାରୋହ



**ଭୁବନେଶ୍ୱର :** କଳା ମଣିମା ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ରାଜ୍ୟସ୍ତରୀୟ କଳା ମଣିମା ସମ୍ମାନ ସମାରୋହ ୨୦୨୧ ଉତ୍ସବ ରବିଟକିଜ୍ ସ୍ଥିତ ରାଧାବଲ୍ଲଭ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରୀମନ୍ଦିର ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ରାଧାବଲ୍ଲଭ ମଠର ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରାବନ୍ଧିକ ଡ. ଭାସ୍କର ମିଶ୍ର, ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡ. ଦୀନବନ୍ଧୁ ମହାରଣା, 'ଆଶ୍ରୟ'ର ନିର୍ଦ୍ଦେଶକ ଲୋକନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ସଭା ସାରା ଭାରତବର୍ଷରେ ଅନୁଷ୍ଠିତ କରି ଜନଜାଗରଣ ସୃଷ୍ଟି କରିଥିବା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କୁ 'କଳା ମଣିମା ସର୍ବୋଚ୍ଚ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା । ଏହାସହ ଜୀବନବ୍ୟାପୀ ସାଧନା ଓ ଶିକ୍ଷାଦାନ କ୍ଷେତ୍ରରେ ନିଷ୍ଠାପର ସେବା ପାଇଁ ସଂଯୁକ୍ତା ରାଉତ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କୁ 'ଶ୍ରୀଜଗନ୍ନାଥ ସେବା ସମ୍ମାନ' ପ୍ରଦାନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ସତ୍ୟଶ୍ରୀ ପଟ୍ଟନାୟକ, ପାର୍ଥସାରଥୀ ତ୍ରିପାଠୀ, ମହୀମୋହନ ତ୍ରିପାଠୀଙ୍କୁ ମହାପ୍ରଭୁଙ୍କ ଓଲାଗି ପାଟ ଓ ନୀଳଚକ୍ର ବାନା ପ୍ରଦାନ କରାଯାଇଥିଲା ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ନୋଡାଲ ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ନୋଡାଲ ବୈଠକ ନବରଙ୍ଗପୁର ଜିଲ୍ଲାପାଳଙ୍କ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାର ନିର୍ମାନଧିନ ମିଶନ ଶକ୍ତି ଗୃହ ଗୁଡିକ ସମସ୍ତ ଆନୁସଙ୍ଗିକ ସୁବିଧା ସହିତ ଆସନ୍ତା ଡିସେମ୍ବର ମାସ କୋଡିଏ ତାରିଖ ସୁଦ୍ଧା ସମାପ୍ତ କରିବା ପାଇଁ ଜିଲ୍ଲାପାଳ ଡ଼ଃ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବୈଠକରେ ନବରଙ୍ଗପୁର ଜିଲ୍ଲାରେ ଦ୍ୱିତୀୟ ଡଜ କରୋନା ଟୀକାକରଣ ଶତ ପ୍ରତିଶତ କିଭଳି ଭାବରେ ହେବ ବିସ୍ତୁତ ଭାବରେ ଆଲୋଚନା ହୋଇଥିଲା । ଟୀକାକରଣକୁ ବ୍ୟାପକ କରିବା ପାଇଁ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହଯୋଗରେ ଗ୍ରାମ୍ୟ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଗଲା । ଜିଲ୍ଲାରେ କେତେ ଅଙ୍ଗନବାଡ଼ି ଗୃହ ଅସୁରକ୍ଷିତ ଭାବେ ଅଛି, ତାହାର ଏକ ତାଲିକା ଆଗାମୀ ଦୁଇ ଦିନ ମଧ୍ୟରେ ଦାଖଲ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଡ଼ଃ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସୁପରିଚାଳନା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ସେହିପରି, ଆଗାମୀ ନଭେମ୍ବର ୨୭ ତାରିଖ ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅଭାସି (ଭର୍ଚୁଅଲ) ମାଧ୍ୟମରେ ବିଜୁ ସ୍ୱାସ୍ଥ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ ହୋଇପାରିବ, ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଏହି ବୈଠକରେ ନୋଡାଲ ଅଧିକାରୀ, ପିଡି ଡିଆରଡିଏ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଅଭୀମନ୍ୟୁ ମାଝୀ, ଉପ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ ବିଭାଗ, ଦିଲ୍ଲୀପ କୁମାର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ସୁରେଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଟଙ୍କଧର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁଧାଂଶୁ ପାତ୍ର ବ୍ୟତୀତ ଜିଲ୍ଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଡାବୁଗାଁ ବିଜେଡି ତରଫରୁ ପ୍ରଦୀପ ମାଝୀଙ୍କୁ ସମ୍ବର୍ଦ୍ଧନା




**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଶ୍ରୀନିବାସ କଲ୍ୟାଣ ମଣ୍ଡପ ଠାରେ ଡାବୁଗାଁ ବ୍ଲକର ପ୍ରିୟ ବରିଷ୍ଠ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଂଗ୍ରେସ ଦଳ ଛାଡି ପୂର୍ବତନ ସାଂସଦ ପ୍ରଦୀପ ମାଝୀ ବିଜେଡିରେ ଯୋଗ ଦେଇଥିବା ଯୋଗୁଁ ବ୍ଲକ ବିଜେଡି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସହ ନବରଙ୍ଗପୁର ର ନେତ୍ରା କଲାର, ଡାବୁଗାଁର ଗୁପ୍ତ ବିଶୋୟୀ, ଭଗବାନ ଖୁଣ୍ଟିଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ରାଜ୍ୟ ସଭା ସାଂସଦ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ ବିଜେଡି ଉପସଭାପତି ନାଗା ରାଓ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କୁମାର, ବରିଷ୍ଠ ନେତା ମଳୟ ବିଶୋୟୀ, ଡାବୁଗାଁର ପୂର୍ବତନ ସରପଞ୍ଚ ଜି ପ୍ରକାଶ ରାଓ, ଆର ପ୍ରକାଶ ରାଓ, ଗେଦୁ ପଟ୍ଟନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ହୀରା ହରିଜନ, ବବୁଲୁ ତ୍ରିପାଠୀ ଓ ଡାବୁଗାଁ ର ସମସ୍ତ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ । ପୂର୍ବତନ ସାଂସଦ ଶ୍ରୀ ମାଝୀ ବିଜେଡି କୁ ଗ୍ରାମ,ପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ଯେପରି ମଜଭୁତ କରି ଆଗାମୀ ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ରେ ଶତ ପ୍ରତି ଶତ ୱାର୍ଡ୍ ମେମ୍ବର, ସରପଞ୍ଚ,ସମିତି ସଭ୍ୟ,ସରପଞ୍ଚ ଆଣି ପରିବା ସେଥିପାଇଁ ପ୍ରତି ପ୍ରତ୍ୟେକ ଚେଷ୍ଟା କରିବା ସମସ୍ତଙ୍କୁ ପରାମର୍ଶ ଦେଇ ଥିଲେ ।

# ଭାରତ ରତ୍ନ ଗୋବିନ୍ଦ ବଲ୍ଲଭ



ଅକ୍ଷୟ କୁମାର ରାଉତ





ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ହୋଇ ମଣିଷ ଦେଖେ ପ୍ରକୃତିର ବୈଚିତ୍ର୍ୟ। ସେହି ବୈଚିତ୍ର୍ୟ ମଧ୍ୟରେ ସ୍ୱର୍ଗୀୟ ଶୋଭାର ଭଣ୍ଡାର। ଶ୍ୱେତ ବର୍ଣ୍ଣର ଆସନ ଉପରେ ଉପବେଶନ କରିଥାନ୍ତି ଚିତ୍ ଦେବଦାରୁ, ବୃକ୍ଷରାଜୀ, ବରଫ ପାହାଡ ସବୁଜ ବନାନିର ମଧ୍ୟ ଭାଗରେ ଗିରିଶୃଙ୍ଗ ହିମାଳୟ। ଏହି ସୁଶୋଭିତ ହିମାଳୟ ନିକଟରେ ଅଛି କୋସୀ ନଦୀ। କୋସୀ ନଦୀର ସାମ୍ନାରେ ସାହିଦେବୀ ପାହାଡ, କଟାର ମଲ୍ଲାର ସୂର୍ଯ୍ୟ ମନ୍ଦିର, ତା ନିକଟରେ ଅଛି ଏକ ପୁରୁଣା ଗାଁ ଖୁଣଟ। ଆଜକୁ ପ୍ରାୟ ୧୨୯ ବର୍ଷ ତଳେ ୧୮୮୭ ଅଗଷ୍ଟ ୩୦ ତାରିଖ ଅନନ୍ତବ୍ରତ ଦିନ (ପର ମୂହୁର୍ତ୍ତରେ ୧୦ ସେପ୍ଟମ୍ବର ଅନନ୍ତବ୍ରତ ପଡୁଥିବାରୁ ତାଙ୍କର ଜନ୍ମ ଦିନ ୧୦ ସେପ୍ଟମ୍ବର ପାଳନ କରାଯାଏ) ଏହି ଖୁଣଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ। ତାଙ୍କ ପିତାଙ୍କ ନାମ ମନୋରଥ ପନ୍ଥ ଓ ମାତା ଗୋବିନ୍ଦ ବାଈ । ସେମାନଙ୍କ ପୂର୍ବ ପୁରୁଷ ଜୟଦେବ ପନ୍ଥ ମହାରାଷ୍ଟ୍ର ନିକଟବର୍ତୀ କୋଙ୍କଣରୁ ତୀର୍ଥ ଦର୍ଶନରେ ଆସି ଗଙ୍ଗାବାଲି କ୍ଷେତ୍ରର ମଣୀକୋଟି ରାଜବଂଶର ରାଜ ଦରବାରରେ ରାଜଜ୍ୟୋତିଷ ଭାବରେ ରହିଗଲେ। କ୍ରମେ ତାଙ୍କର ବଂଶଜମାନେ ରିବାଡି, ଉପରପଡା, ଖୁଣଟ, କୁନଲତା ଓ ଅଲ୍‌ମୋଡାରେ ବସବାସ କଲେ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜୀବନର ପ୍ରାୟ ସମୟ ଅଲ୍‌ମୋଡାରେ ତାଙ୍କର ମାମୁଁ ଅଜା ପଣ୍ଡିତ ବଦ୍ରିଦତ ଯୋଶୀଙ୍କ ଗୃହରେ କଟିଯାଇଥିଲା।

ଅଲ୍‌ମୋଡାର ରାମେସେ ସ୍କୁଲରେ ପ୍ରାଥମିକ ଶିକ୍ଷା କରିଥିଲେ। ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର, ସେତେବେଳେ ତାଙ୍କର ବୟସ ମାତ୍ର ୧୨ ବର୍ଷ। ଏହି ସମୟରେ ତାଙ୍କ ଅଜା ବଦ୍ରି ଯୋଶୀ ତାଙ୍କର ବିବାହ କାର୍ଯ୍ୟ ସାରିଦେଲେ। ବିବାହର ଅଳ୍ପ ଦିନ ପରେ ମାମୁଁ ଅଜାଙ୍କ ମୃତ୍ୟୁ ଗୋବିନ୍ଦଙ୍କୁ ଅସହ୍ୟ ଦୁଃଖ ଦେଲା। ସେ ଗମ୍ଭୀର ସ୍ୱାଭାବର ହୋଇଗଲେ। ସେ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତି ସାଧାରଣ ଭାବେ ପାଶ କଲେ। ଦଶମ ଶ୍ରେଣି ପରୀକ୍ଷାରେ ଗୋବିନ୍ଦ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସଫଳତାର ସହ ପାଶକଲେ। ଦ୍ୱାଦଶ ଶ୍ରେଣୀରେ ପଢିବା ସମୟରେ ତାଙ୍କର ହୃଦରୋଗ ଆରମ୍ଭ ହୋଇଥାଏ। ମୋରାଦବାଦରେ ଚିକିତ୍ସା ହୋଇ ସୁସ୍ଥ ହେଲେ। ବିନା ପରିଶ୍ରମରେ ଦ୍ୱାଦଶ ଶ୍ରେଣି ପରୀକ୍ଷାରେ ମେରିଟ୍ ତାଲିକାରେ ପାସ୍ କଲେ। ଏହ୍ଲାବାଦର 'ମ୍ୟୁର ସେନଟ୍ରାଲ କଲେଜ' ରେ ମେକଡାନଲ୍ ହିନ୍ଦୁ ହଷ୍ଟେଲରେ ରହି ପାଠ ପଢା ପଢି କଲେ। ଏହି ଛାତ୍ରବାସଟି ପରବର୍ତ୍ତି ସମୟରେ ମାଲବ୍ୟ

ଛାତ୍ରବାସରେ ପରିଣତ ହେଲା। ଗୋବିନ୍ଦ ୧୯୦୯ ମସିହାରେ ଆଇନ୍ ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି 'ଲୁମ୍‌ସଡେନ୍ ସ୍ୱର୍ଣ୍ଣ ପଦକ' ଲାଭ କଲେ।

ଗୋବିନ୍ଦ ଦିନେ ବଡ ମଣିଷ ହେବାର ଲକ୍ଷଣ ପିଲା ଦିନରୁ ଜଣା ପଡିଥିଲା। ଦିନ ସେ ତାଙ୍କ ଆଈଙ୍କୁ ପଚାରିଲେ ଏ କାଉ ମାନଙ୍କ ରଙ୍ଗ କଳା କାହିଁକି ? ଆଈଙ୍କ ଉତର ଥିଲା " ଈଶ୍ୱର ଏକ ପ୍ରକର ପ୍ରାଣୀଙ୍କୁ ଏକ ପ୍ରକାର ରଙ୍ଗ ଦେଇ ଗଢିଛନ୍ତି "। ବାଳକ ଗୋବିନ୍ଦ କହି ପକାଇଲେ-ଗାଈ ମାନେ ତ ଗୋଟିଏ ପ୍ରକାର ପ୍ରାଣୀ ସେମାନଙ୍କର ରଙ୍ଗ କାହିଁକି ଭିନ୍ନ ଭିନ୍ନ ପ୍ରକାରର। ଆଈ କିଛି ଉତର ଦେଇ ପାରି ନଥିଲେ। ଏଥରୁ ସେ ଜଣେ ଚତୁର ଓ ବୁଦ୍ଧିମାନ ଜଣା ପଡିଥିଲା। ସେ ନିଜ ଚେଷ୍ଟାରେ 'ବାଲ୍ କ୍ଲବ' ନାମରେ ଏକ ଅନୁଷ୍ଠାନ ଗଢିଥିଲେ। ପାଠ ପଢିବା ସମୟରେ ସେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ବହି ପଢିବାକୁ ଭଲ ପାଉଥିଲେ । କ୍ରମେ ସେ ଲେଖା ଲେଖି ଆରମ୍ଭ କଲେ ଓ ହିନ୍ଦି ପତ୍ରିକା "ସରସ୍ୱତୀ" ରେ ତାଙ୍କ ଲେଖା ଗୁଡିକ ପ୍ରକାଶ ପାଇଲା। ସେ ଏହ୍ଲାବାଦରେ ପଢିବା ସମୟରେ ଏକ ବଡ ଧରଣର ବନ୍ୟା ହୋଇଥାଏ। ଏହି ବନ୍ୟାରେ ଅସହାୟ ଲୋକଙ୍କୁ ସାହାର୍ଯ୍ୟ କରିବା ଓ ଅନ୍ନ ବସ୍ତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମରେ ଗୋବିନ୍ଦ ଭାଗନେଲେ। ୧୯୦୫ ମସିହାରେ ବନାରସରେ ହେଉଥିବା କଗ୍ରେସ ଅଧିବେଶନରେ ଗୋବିନ୍ଦ ଯୋଗ ଦେଲେ। ଗୋପାଳ କୃଷ୍ଣ ଗୋଖେଲଙ୍କର ସାରଗର୍ଭକ ଅଭିଭାଷଣ ଗୋବିନ୍ଦଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ସେହି ଦିନଠାରୁ ଗୋବିନ୍ଦ ଗୋଖେଲଙ୍କୁ ତାଙ୍କର ରାଜନୈତିକ ଗୁରୁ ଭାବରେ ଗ୍ରହଣ କରି ନେଇଥିଲେ।

ଆଇନ ପାଠ ଶେଷ କରି, ଗୋବିନ୍ଦ ବଲ୍ଲଭ



ଅଲମୋଡାଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ। ଅଲମୋଡାର ଅହଂକାରୀ ଇଂରେଜ ବିଚାରପତିଙ୍କ ସହ ତର୍କ ବିତର୍କ ହେବାରୁ, ଗୋବିନ୍ଦ ବଲ୍ଲଭ ଅଲମୋଡା ଛାଡି କାଶିପୁରଠାରେ ଆଇନ ବ୍ୟବସାୟ ଆରମ୍ଭ କରି ବହୁ ପ୍ରସିଦ୍ଧ ଲାଭ କଲେ। ୧୯୦୮ ମସିହାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା। ଅଳ୍ପ ଦିନ ପରେ ପୁଅଟି ମରିଗଲା, କିଛି ଦିନ ଅନ୍ତରରେ ତାଙ୍କର ପତ୍ନୀଙ୍କ ସ୍ୱର୍ଗବାସ ହୋଇଗଲେ। ତେଣୁ ସେ ୩୦ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ। କାଶିପୁରଠାରେ ସେ ବାପା, ମା, ସ୍ତ୍ରୀ, ଭଉଣୀ ଓ ଭୀଣୋଇଙ୍କ ସହ ଏକାଠି ସୁଖରେ ବହୁ ଦିନ କଟାଇଥିଲେ। ହଠାତ୍ ଦିନେ ତାଙ୍କ ପିତା ହଇଜା ରୋଗରେ ୪୪ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କଲେ। ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହେଲା। ପନ୍ଥଜୀ କାଶିପୁରଠାରୁ ନୈନତାଲ ପର୍ଯ୍ୟନ୍ତ ଭଲ ସୁନାମ ଅର୍ଜନ କରିଥିଲେ। ଏହା ପରେ ସେ ସାହିତ୍ୟ, ଶିକ୍ଷା ଓ ରାଜନୀତିରେ ସକ୍ରିୟ ଭାଗ ନେବାକୁ ଲାଗିଲେ। ତାଙ୍କର ସାହିତ୍ୟ ପ୍ରତି ଆଗ୍ରହ ଯୋଗୁ ସେ କାଶିପୁରଠାରେ 'ପ୍ରେମ ସଭା' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ। ଏ ଅନୁଷ୍ଠାନ ଦିନେ କାଶିପୁର ଅଚଂଳରେ ଜନ ଆନ୍ଦୋଳନ ସୃଷ୍ଟି କରିଥିଲା। ପନ୍ଥଜୀଙ୍କ ଉଦ୍ୟମରେ କାଶିପୁରଠାରେ 'ଉଦୟବୀର ରାଜ ହିନ୍ଦୁ ଉଚ୍ଚ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲା। ପନ୍ଥଜୀ କାଶିପୁର ବିଜ୍ଞାପିତ ଅଚଂଳ ପରିଷଦର ସଭ୍ୟ ଥିଲା ବେଳେ ଶିକ୍ଷାକୁ ବିନା ବେତନରେ ବାଧ୍ୟତାମୂଳକ କରାଇଥିଲେ।

ନୈନତାଲାରେ ପନ୍ଥଜୀ ପାର୍ବତୀୟ ଅଚଂଳର ବିକାଶ ଲାଗି ' କୁମାୟୁନ୍ ପରିଷଦ' ନାମରେ ଏକ ସଂଗଠନ କରିଥିଲେ। ଏହି ସଂଗଠନ ମାଧ୍ୟମରେ ବେଠି-ବେଗାରୀ, କୁଲିଗିରି ଓ ଭୂମିହିନ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଜାରି ରଖିଥିଲେ। ବଦ୍ରୀଦତ ପାଣ୍ଡେ ଓ ପନ୍ଥଜୀଙ୍କ ଉଦ୍ୟମ ଯୋଗୁ କୁମାୟୁନର ଲୋକମାନେ ଶୋଷଣରୁ ମୁକ୍ତ ହେଲେ। ୧୯୧୮ ମସିହା ଦିପାବଳୀ ଦିନ 'ଶକ୍ତି' ନାମରେ ଏକ ସମ୍ବାଦପତ୍ର ପ୍ରକାଶ କଲେ।ଏହି ଶକ୍ତି ଏବେବି ଉଜ୍ଜଳ ଦ୍ୱୀପ ପରି ଆଲୋକ ପ୍ରଦାନ କରୁଛି।

କଂଗ୍ରେସ ଭିତରେ 'ସ୍ୱରାଜ ପାର୍ଟି' ନାମରେ ଏକ ନୂଆ ଦଳ ଗଢିଲେ ଚିତରଞ୍ଜନ ଦାସ ଓ ମୋତିଲାଲ ନେହେରୁ। ପନ୍ଥଜୀ ଏହାର ସମ୍ବିଧାନ ପ୍ରସ୍ତୁତିରେ ସକ୍ରିୟ ଭାଗ ନେଇଥିଲେ। 'ସାଇମନ କମିଶନ' ଙ୍କୁ ବିରୋଧ କରି ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ ପୋଲିସର ନିର୍ମମ ଲାଠିମାଡରେ ଦେହାନ୍ତ ହୋଇଗଲା। ଲକ୍ଷ୍ନୌରେ ପଣ୍ଡିତ ନେହେରୁ ଓ ପନ୍ଥଜୀ ଏହା ବିରୋଧ କରି ଲାଠି ମାଡ ଖାଇଲେ। ଏହି ମାଡରେ ତାଙ୍କର ପିଠି ହାଡ ଜଖମ ହୋଇଗଲା। ପନ୍ଥଜୀ ନେହେରୁଙ୍କୁ ଲାଠି ମାଡରୁ ଉଦ୍ଧାର କରିଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସୃଷ୍ଟି ହେଲା। ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ମେ ୨୫ ତାରିଖରେ ନୈନତାଲରେ ଲୁଣ ତିଆରି କରି ଲବଣ ଆଇନ ଭଙ୍ଗ କରିବା ପୂର୍ବରୁ ପନ୍ଥଜୀ ଗିରଫ ହୋଇ ୬ ମାସ ଜେଲ ଦଣ୍ଡ ଭୋଗ କଲେ। ସେ ଭବାଲିରେ ଏକ ବଙ୍ଗଳାଟିଏ କରି ସେଠାରେ କିଛି ଦିନ କଟାଇଥିଲେ। ସେଠାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୃଷ୍ଣଚନ୍ଦ୍ର(ରାଜା) ପନ୍ଥ। ତାପରେ ତାଙ୍କରେ ୨ ଟି କନ୍ୟା ହୋଇଥିଲା। ୧୯୩୪ ମସିହାରେ ପନ୍ଥଜୀ କେନ୍ଦ୍ରୀୟ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହେଲେ। ୧୯୩୭ ମସିହାରେ କଂଗ୍ରେସ ନେତୃତ୍ୱରେ କେତେକ ରାଜ୍ୟରେ ସରକାର ଗଢା ହେଲା। ଯୁକ୍ତ ପ୍ରଦେଶ( ଉତର ପ୍ରଦେଶ)ରେ ପନ୍ଥଜୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ ହେଲା। ଜୁଲାଇ ୧୭ ତାରିଖରେ ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ। ଦ୍ୱିତୀୟ ମହାଯୁଦ୍ଧରେ କଂଗ୍ରେସ ଅସହଯୋଗ କରିବା ପାଇଁ ସ୍ଥିର କଲା। ତେଣୁ ସବୁ ରାଜ୍ୟର କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ। ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ସେ ଗିରଫ ହୋଇ ଏକ ବର୍ଷ ଜେଲ ଦଣ୍ଡ ଭୋଗ କଲେ।

ମୁସ୍‌ଲିମ୍ ଲିଗ୍ ଦଳ ହିଂସା ପଥକୁ ଆଦରି ନେଇଥିଲା। ୧୯୪୬ ମସିହାରେ ମୁସ୍‌ଲିମ୍ ଲିଗ୍ ଦଳ ଅଗଷ୍ଟ ୧୬ ତାରିଖରେ ସିଧା ମୁକାବିଲା ଦିବସ ପାଳନ କରିବାରୁ ଦେଶରେ ହିଂସାକାଣ୍ଡ ବ୍ୟାପିଗଲା। କେବଳ କଲିକତାରେ ଦଶ ହଜାର ଲୋକ ମଲେ। ୧୯୪୭ ମସିହା ଜୁନ ୧୪ ତାରିଖରେ ପନ୍ଥଜୀ ଦେଶ ବିଭାଜନ ପ୍ରସ୍ତାବ ଆଗତ କଲେ, ଅଖିଳ ଭାରତୀୟ କଂଗ୍ରେସ କମିଟି ବାଧ୍ୟହୋଇ ଦେଶ ବିଭାଜନ ସିଦ୍ଧାନ୍ତକୁ ମାନିନେଲା। ଭାରତ ସ୍ୱାଧୀନ ହେଲା। ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ। ୧୯୩୭ ମସିହା ମନ୍ତ୍ରୀମଣ୍ଡଳରେ ଯେଁଉମାନେ ଥିଲେ ସେମାନଙ୍କୁ ମଧ୍ୟ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ। ପନ୍ଥଜୀ ଯୁକ୍ତ ପ୍ରଦେଶର ନାମ ଉତର ପ୍ରଦେଶ ଦେଇଥିଲେ। ୧୯୫୫ ମସିହା ଜାନୁଆରୀ ୧୦ ତାରିଖରେ ସେ କେନ୍ଦ୍ରରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ। ସେ ଥିଲେ ଦିଗଦ୍ରଷ୍ଟା, ଦୂରଦ୍ରଷ୍ଟା ସଂପର୍ଣ୍ଣ। ସବୁ ଧର୍ମକୁ ଭଲ ପାଉଥିବା ମଣିଷ। ତାଙ୍କର ମହାନ ଦକ୍ଷତା ପାଇଁ ୧୯୫୭ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ' ଭାରତରତ୍ନ' ଉପାଧି ପ୍ରଦାନ କରାଯାଇଥିଲା।

୧୯୬୧ ମସିହା ମାର୍ଚ୍ଚ ୭ ରାତିଖରେ ପନ୍ଥଜୀ କୋଟି କୋଟି ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେ। ସେ ଥିଲେ ନବ ଭାରତର ନିର୍ମାତା, ତାଙ୍କର ନାମ ଶ୍ରଦ୍ଧା ଓ ଆଦରରେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଧ ହୋଇ ରହିବ।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର**
**ଦୂରଭାଷ-୯୯୩୭୬୯୧୪୭୫**

# 'ସମ୍ମୋହନ'ରେ ଦିବ୍ୟପ୍ରେମର ଅମ୍ଳାନ ସ୍ମାରକୀ




ଆଧ୍ୟାତ୍ମିକ ନିନାଦର ଅଗ୍ରଣୀ କାବ୍ୟଶିଳ୍ପୀ,ସଂଗୀତ ସାଧିକା,କଳାର ପୂଜାରୀ କବୟିତ୍ରୀ ଅନୀତା ପାଣି 'ଭାବ ତରଙ୍ଗିଣୀ', 'ଭାବ ମନ୍ଦାକିନୀ' ଓ 'ଭାବ ରତ୍ନାକର'ରେ ଅବଗାହନ କରିବା ପରେ ନିଜ ପ୍ରିୟ ପୁରୁଷର 'ସମ୍ମୋହନ'ରେ ହୋଇଛନ୍ତି ସମ୍ମୋହିତା। ନିଜର ଚତୁର୍ଥ କବିତା ସଂକଳନ 'ସମ୍ମୋହନ' କବୀଙ୍କ ଦିବ୍ୟପ୍ରେମର ଅମ୍ଳାନ ସ୍ମାରକୀ। ଏଥିରେ ସନ୍ନିବେଶିତ ମୋଟ୍ ୬୪ଟି କବିତା ଅତ୍ୟନ୍ତ ଭାବୋଦ୍ଦୀପକ।

କିଏ ଦର୍ଶନରେ ଇଶ୍ୱରୋପଲବ୍ଧି କରେ ତ କିଏ ଅନୁଭବରେ। କିଏ ପୁଣି ଭକ୍ତି ନିବେଦନ କରି ତାଙ୍କର ସାନ୍ନିଧ୍ୟ ଲାଭ କରେ ତ କିଏ ପ୍ରେମ ଭାବରେ ସମର୍ପିତ ହୋଇ। ତା'ର କାରଣ ହେଉଛି ଧୂପ,ଦୀପ,ନୈବେଦ୍ୟ ଅପେକ୍ଷା ପ୍ରେମ ଭକ୍ତିରେ ସେ ଅଧିକ ସନ୍ତୁଷ୍ଟ ହୁଅନ୍ତି। ସେଥିପାଇଁ ପ୍ରେମ ଭକ୍ତିରେ ଭାବନିମଗ୍ନା ହୋଇ କବୀ ଗାଇ ଉଠିଛନ୍ତି -

'ବୃନ୍ଦାବନେ ଦିନେ ଯାଇନାହିଁ ମୁହିଁ
ବସିନାହିଁ ଦିନେ କଦମ୍ବ ମୂଳେ,
ଯମୁନା ଜଳରେ ଭରିନି କଳସୀ
ବଂଶୀସ୍ୱନ ମୋତେ ନିତି ଶୁଣାଏ।
ମନ କୁଞ୍ଜବନେ ବାନ୍ଧିଛି ଝୁଲଣା
ଝୁଲିବାକୁ ନିତି ତୋହରି କୋଳେ,
ଜୀବନ-ଯାତନା ସବୁ ଯାଏ ଭୁଲି
ତୋ କୋଳେ ଯେବେ ମୋ ମଥାଟି
ଥାଏ।'

(ଭାବନିମଗ୍ନା)

କୃଷ୍ଣ ତିନି ଦିନକୁ କଷ୍ଟ କରି ମଥୁରାକୁ ଗଲେ ଯେ ଆଉ ଗୋପକୁ ଫେରିଲେନି। ତାଙ୍କରି ସ୍ମୃତିଗାଲିଚାକୁ ଆଖି ଲୁହରେ ଭିଜେଇ ଫେରିବା ବାଟକୁ ରାଧିକା, ଗୋପୀଗୋପାଳ ଚାହିଁ ରହିଲା ପରି କବୀ ବି ସେମିତି ନିଜକୁ ରାଧିକା ସଜେଇ ନିଜ ପ୍ରିୟ ପୁରୁଷର ପ୍ରତୀକ୍ଷାରେ ବସିଛନ୍ତି ଦିନରାତି। ଖାଲି ଖୋଜୁଛନ୍ତି ତାଙ୍କର ଦିବ୍ୟ ପାଦପଦ୍ମ। ତେଣୁ ଅଭିମାନରେ ସେ ଲେଖିବସନ୍ତି-

'ଜାଣିଲି ତୁମର ଅଳୀକ ପ୍ରତିଜ୍ଞା
କଥା ଦେଇ କଥା ରଖିଲ ନାହିଁ
ତଥାପି ପ୍ରତୀକ୍ଷାରେ ବିତେ ରାତିଦିନ
ଖୋଜୁଛି ଖାଲି ତୁମରି ପାଦଚିହ୍ନ।'

(ପାଦଚିହ୍ନ)

ଶ୍ରୀକୃଷ୍ଣଙ୍କ ଅନାବିଳ ପ୍ରେମର ପରଶରେ ଅହରହ ଭିଜିଥିବା,ଭିଜୁଥିବା କବୀପ୍ରାଣଟିଏ ଅନୀତା। ସେ ପ୍ରେମ ଦେହାତୀତ, ପୁଣି ସ୍ମୃତି ଓ ବିସ୍ମୃତିର, ସ୍ରଷ୍ଟା ଓ ସୃଷ୍ଟିର, ନିରାକାର ଓ ସାକାରର, ସଗୁଣ ଓ ନିର୍ଗୁଣର। ସେଇ ଅତିମାନବୀୟ ପ୍ରେମକୁ ଭାବ-ଭକ୍ତି-ପ୍ରେମର ନୀର ସିଞ୍ଚି ପଲ୍ଲବିତ କରିଛନ୍ତି କବି। ତେଣୁ ବିରହରେ ସେ ଗାଇଛନ୍ତି -

'ଯମୁନାର କୂଳେ ଅପେକ୍ଷା କରିଛି
ଚାପରେ କାହ୍ନୁର ଶ୍ରଦ୍ଧା
ଆଉ କି ଆସିବ ଦଗାଦିଆ କୃଷ୍ଣ
ବିରହେ ବସିଛି ରାଧା।'

(ବିରହ)

ଅଧିକାଂଶ କବିତାରେ ଶାଶ୍ୱତ ପ୍ରେମର ସ୍ୱର ଅନୁରଣିତ। ପ୍ରଣୟ ପରଶ, ପ୍ରୀତିଲଗ୍ନା, ମଧୁଲଗ୍ନା, ପ୍ରୀତି ଝରଣା ଆଦି କବିତାରେ ପ୍ରେମ ଓ ପ୍ରଣୟର ସ୍ୱର ବେଶ୍ ବାରି ହେଇପଡେ।

'ଅଣଲେଉଟା ମୁଁ ପ୍ରୀତିର ଝରଣା
ମୁହଁ ବୁଲାଇଲେ ବାହୁଡ଼ି ନଯିବି,
ଦେଇଛି ମୁଁ ମନ,ରଖିବ ମୋ ମାନ
ଭାବତରଙ୍ଗରେ ଭାସୁ ମୁଁ ଥିବି।'

(ପ୍ରୀତି ଝରଣା)

'ଇଏ କି ପ୍ରେମର ମାନେ ?' କବିତାରେ ପ୍ରେମର ପରିଭାଷାକୁ ଏକ ଭିନ୍ନ ଶୈଳୀରେ ପ୍ରତିପାଦନ କରିବାକୁ ଯାଇ ସେମିତି କବୀ ଲେଖନ୍ତି-

'ଋତୁ ବଦଳିଲେ କେକୀ ଭୁଲେ ନାଚ
କୋଇଲି ଭୁଲଇ ଗାନ,
ତୁମ ରୂପ ଦିନେ ଦେଖି ନପାରିଲେ
ଅଧିର ହୁଅଇ ମନ।
ବୁଝିପାରେ ନାହିଁ ତୁମେ ରାଗିଗଲେ
କୋହ ଆସେ ମୋର ମନେ,
ନୟନୁ ଝରଇ ଟୋପାଟୋପା ଲୁହ
ଇଏ କି ପ୍ରେମର ମାନେ ?'

ସ୍ମୃତି ଅମାନିଆ,ପ୍ରୀତି ବି ଅମାନିଆ ।ମନା କଲେ ବି ସ୍ମୃତି ଓ ପ୍ରୀତି ମାନନ୍ତି ନାହିଁ। ଅଧିକାଂଶ କବିତାରେ କବୀଙ୍କ ସ୍ମୃତି ଓ ବିରହର କାବ୍ୟିକ ଆବେଦନ ଅତ୍ୟନ୍ତ ପ୍ରାଣସ୍ପର୍ଶୀ। ତାଙ୍କ ଭାଷାରେ-

'ପ୍ରତାରଣା ମରୁତଳେ ପ୍ରୀତି ମରିଚିକା
ଦୃଶ୍ୟମାନ ହୁଏ ସିନା ନୀଳାମ୍ବୁ ଚିଲିକା
ବେଳାଭୂମି ତଟେ ବସି ସାଉଁଟେ ଶାମୁକା
ତଥାପି ମାନୁନି ମନ
ମନେ ଉଠେ ଶତ ଭ୍ରମ
ପ୍ରୀତି ପ୍ରହେଳିକା।'

(ପ୍ରୀତି ପ୍ରହେଳିକା)

'ସମୟର ସ୍ମୃତିଲିପି' କବିତାରେ କବୀ ଅତୀତର ମଧୁମୟ ସ୍ମୃତିକୁ ପାଥେୟ କରି ଅବଶିଷ୍ଟ ଜୀବନ ପଥ ଅତିକ୍ରମି ଯିବେ ବୋଲି ସାହସ ବାନ୍ଧିଛନ୍ତି। ତେଣୁ ସେ ଗାଇ ଉଠନ୍ତି -

'ଦିଏନା କେବେ ମନେ ବେଦନା
ତୁମରି ଅନୁଭୂତି
ଲିଭିବ ନାହିଁ, ଭାଙ୍ଗିବ ନାହିଁ
ସମ୍ପର୍କ ମଧୁସ୍ମୃତି।'

ପ୍ରିୟତମାର ପ୍ରିୟତମ ପ୍ରତି ଆବେଗପ୍ରବଣତା, ନିଜ ପ୍ରିୟ ପୁରୁଷପାଇଁ ଅସରନ୍ତି ପ୍ରତୀକ୍ଷାର ଆତ୍ମଦହନ ଓ ଅଭିମାନ ତାଙ୍କ ଅଧିକାଂଶ କବିତାର ଜୀବନବୋଧ। ତେଣୁ ଭଗ୍ନ ହୃଦୟରେ ସେ ଗାଇ ଉଠନ୍ତି-

'ଶୂନ୍ୟତା ଭରିଛି ହୃଦୟ ବୀଣାରେ
ଜୀବନଟା ଭାରି ଏକା
କାମନା-ଛାଇରେ ଅଙ୍ଗୀକାର କରି
ସ୍ୱପ୍ନ ଦିଅ ତୁମେ ଧୋକା।'

(ଶୂନ୍ୟତା)

ତାଙ୍କ କାବ୍ୟନାୟିକା ସାବଲୀଳତାରେ ପ୍ରେମର ପାହାଚରେ ଯେତିକି ଆଗକୁ ଗୋଡ଼ ବଢେଇଛି ସେତିକି ବାଟ ଫେରି ଆସିଛି ପ୍ରାପ୍ତିର ପ୍ରତୀକ୍ଷାରେ। ଏ ପ୍ରତୀକ୍ଷାର ଯେମିତି ଶେଷ ନାହିଁ। ଅଭିସାରିକା ସାଜି ସେ ଅପେକ୍ଷା କରିଛି। ତା' କାନରେ ଯେମିତି କିଏ କହି ଦେଉଛି ତା'ର ପ୍ରିୟତମ ନିଶ୍ଚୟ ଫେରି ଆସିବ। କବୀଙ୍କ ଭାଷାରେ-

'ପ୍ରେମରେ ଏମିତି ଅପେକ୍ଷାର ଘଡ଼ି
ଆସିଥାଏ ବାରମ୍ବାର
ପ୍ରେମ ଯଦି ତୋର ସତ ହୋଇଥିବ
ଫେରିବ ପ୍ରିୟ ତୋହର।

(ଅଭିସାରିକା)

ବାସ୍ତବରେ 'ସମ୍ମୋହନ' କବିତା ସଂକଳନଟି ଅନୀତା ପାଣିଙ୍କ ପ୍ରେମ ଓ ବିରହର ଏକ ଜୀବନ୍ତ ଆଲେଖ୍ୟ। ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ନିଶ୍ଚିତ ଭାବେ ଏକ ସଫଳ ସୃଷ୍ଟି ।ଆଶା କରିବି ପୂର୍ବ ସଂକଳନଗୁଡ଼ିକ ପରି ଏହା ମଧ୍ୟ ପାଠକୀୟ ଶ୍ରଦ୍ଧା ଲାଭ କରିବ।

***କସ୍ତୁରୀ ଚରଣ ରାଉତ***
***ସତ୍ୟବାଦୀ ହାଇସ୍କୁଲ୍,ଧଣ୍ଡାମାଳ, ବଲାଙ୍ଗିର***
***ଦୂରଭାଷ : ୮୯୧୭୩୯୭୩୪୮***



# ବାଚସ୍ପତି ଗୃହରେ ଜଣେ ନିରପେକ୍ଷ ରେଫରି: ସୂର୍ଯ୍ୟ



**ଭୁବନେଶ୍ୱର :** ବିଧାନସଭା ଓ ସଂସଦର ଗରିମା ରକ୍ଷା କରିବାରେ ବାଚସ୍ପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଂସଦ ଓ ବିଧାୟକମାନେ ଏହାକୁ ହୃଦୟଙ୍ଗମ କରିବା ସହ ଗୃହରେ ନିଜର ଆଚରଣ ରଖିବା ଉଚିତ୍ ବୋଲି ହିମାଚଳ ପ୍ରଦେଶର ସିମ୍ଲାଠାରେ ଅନୁଷ୍ଠିତ ଭାରତୀୟ ବାଚସ୍ପତି ସମ୍ମିଳନୀରେ ମତ ଦେଇଛନ୍ତି ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ଭାରତୀୟ ବାଚସ୍ପତି ସମ୍ମିଳନୀର ଶତବାର୍ଷିକୀ ହିମାଚଳ ପ୍ରଦେଶର ସିମଲଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବାଚସ୍ପତି ଶ୍ରୀ ପାତ୍ର 'ସମ୍ବିଧାନ, ଗୃହ ଓ ଜନସାଧାରଣଙ୍କ ପ୍ରତି ଗୃହ ଅଧ୍ୟକ୍ଷଙ୍କ ଦାୟିତ୍ୱବୋଧ' ଉପରେ ମତ ରଖିଥିଲେ। ସେ କହିଥିଲେ ଯେ ଜନସାଧାରଣଙ୍କ ମୌ?ଳିକ ସମସ୍ୟା ଓ ଆବଶ୍ୟକତା ସଂସଦ ଓ ବିଧାନସଭାରେ ସଂପୂର୍ଣ୍ଣଭାବେ ପ୍ରତିଫଳିତ ହେବା ଆବଶ୍ୟକ। ବିରୋଧୀ ଦଳମାନଙ୍କର ମଧ୍ୟ ସମ୍ବିଧାନର ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱପ୍ନକୁ ସାକାର କରିବାରେ ଏକ ମୁଖ୍ୟ ଭୂମିକା ରହିଛି। ବିରୋଧୀ ଦଳ ଗୃହର ସ୍ୱାଭାବିକ କାର୍ଯ୍ୟରେ ସହଯୋଗ କରି ଏହି ଗୁରୁତ୍ୱ ଦାୟିତ୍ୱ ପାଳନ କରନ୍ତୁ। ବାଚସ୍ପତି ଗୃହରେ ଜଣେ ନିରପେକ୍ଷ ରେଫରି ବୋଲି ଶ୍ରୀ ପାତ୍ର ମତ ଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିମାନଙ୍କ ମହନୀୟ ଓ ନିରପେକ୍ଷ ଭୂମିକା ଉପରେ ଆଲୋକପାତ କରିଥିଲେ। ହିମାଚଳ ପ୍ରଦେଶ ବିଧାନସଭାର ବାଚସ୍ପତି ବିପିନ ସିଂ ପରମର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିରୋଧୀ ଦଳ ନେତା ମୁକେଶ ଅଗ୍ନିହୋତ୍ରୀ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ହିମାଚଳ ପ୍ରଦେଶ ବିଧାନସଭା ଉପ-ବାଚସ୍ପତି ହଂସରାଜ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ଅସ୍ଥାୟୀ ଭାବେ ଚାଲିଛି ଖଣ୍ଡଗିରି ଉପନିବନ୍ଧକ କାର୍ଯ୍ୟାଳୟ

**ଭୁବନେଶ୍ୱର :** ଖଣ୍ଡଗିରି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ଚାଲିଛି। ସବ୍‌ରେଜିଷ୍ଟ୍ରାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ବଦଳି ପରେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ତାଙ୍କ ସ୍ଥାନରେ ଭୁବନେଶ୍ୱର ଅତିରିକ୍ତ ତହସିଲଦାର ହେମନ୍ତ କୁମାର ଭାରିମଲ୍ଲଙ୍କୁ ଅସ୍ଥାୟୀ ଭାବେ କାର୍ଯ୍ୟ ତୁଲାଇବାକୁ ପଡୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟରେ ୫ ଅତିରିକ୍ତ ତହସିଲଦାର ଓ ଜଣେ ତହସିଲଦାରଙ୍କୁ ନେଇ ସମସ୍ତ କାର୍ଯ୍ୟ ହେଉଥିବା ବେଳେ ସେଥିରୁ ଶ୍ରୀ ଭାରିମଲ୍ଲ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟ ସମ୍ଭାଳିବା ଯୋଗୁଁ ତହସିଲ କାର୍ଯ୍ୟରେ ବିଭ୍ରାଟ ଉପୁଜୁଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଗତ ଅକ୍ଟୋବର ୨୨ରେ ଜାରି ବିଜ୍ଞପ୍ତିରେ ଖଣ୍ଡଗିରି ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ଭାବେ ରେମୁଣାର ଅତିରିକ୍ତ ତହସିଲଦାର ମନୋଜ ସେନାପତିଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସେ କାର୍ଯ୍ୟରେ ଯୋଗ ଦେଉନଥିବାରୁ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟ ଅସ୍ଥାୟୀ ଭାବେ ତୁଲାଇବାକୁ ପଡୁଛି।

## କାର୍ତ୍ତିକ ପୂର୍ଣ୍ଣିମାରେ ଡ଼ଙ୍ଗା ଭସାଇଲେ ଶ୍ରଦ୍ଧାଳୁ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ର ପ୍ରସିଦ୍ଧ କେଲିଆ ଶୈବ ପୀଠ ବାବା ଝାଡେଶ୍ୱର ମନ୍ଦିର ରେ ଏବର୍ଷ କୋଭିଡ କଟକଣା ଯୋଗୁଁ ଭକ୍ତ ଙ୍କୁ ବାରଣ କରା ଯାଇ ଥିଲା ମନ୍ଦିର ପୂଜା କମିଟି ତରଫରୁ।କିନ୍ତୁ ଶ୍ରଦ୍ଧାଳୁ ଭକ୍ତ ବାରଣ ନ ମାନି ଏ ପାଖ ପାଖି ଅଞ୍ଚଳ ରୁ ଅନ୍ୟୁନ୍ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କ ଗହଳି ଦେଖା ଯାଇ ଥିଲା।

## ବିଶିଷ୍ଟ ଶିକ୍ଷାବିତ୍ ଡାକ୍ତର ଶ୍ରୀରାମଚନ୍ଦ୍ର ଦାଶଙ୍କ ଜନ୍ମବାର୍ଷିକୀ




**ଜଗତ୍‌ସିଂହପୁର :** ଜିଲ୍ଲାପ୍ରଶାସନ ପକ୍ଷରୁ ଏ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଆଇନଜ୍ଞ ଡାକ୍ତର ଶ୍ରୀରାମଚନ୍ଦ୍ର ଦାସଙ୍କ ଜନ୍ମବାର୍ଷିକୀ ଉତ୍ସବ ଖୁବ୍ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ପାରୁଲ ପଟ୍ଟଆରୀ ଏସ୍‌ଭିଏମ୍. କଲେଜ ନିକଟସ୍ଥ ଶ୍ରୀରାମଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରିଥିଲେ। ଜଗତ୍‌ସିଂହପୁର ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସହିତ ସହରର ବହୁ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ।

# ରେବତୀକାନ୍ତ ଶାସ୍ତ୍ରୀଙ୍କ ୧୪ତମ ଜୟନ୍ତୀରେ ରକ୍ତଦାନ ଶିବିର



**ଭୁବନେଶ୍ୱର :** ଭୁବନେଶ୍ୱର ଓକିଲ ସଂଘ ଓ କମିସନରେଟ୍ ପୁଲିସ ସହଯୋଗରେ କୋର୍ଟ ପରିସରରେ ଗତ ୧୧ ତାରିଖରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଥିଲା। ଆଇନଜୀବୀ ତଥା ଭୁବନେଶ୍ୱର ଓକିଲ ସଂଘର ଆଜୀବନ ସଦସ୍ୟ, ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ଓ ଜୋତିର୍ବିଦ ସ୍ୱର୍ଗତ ରେବତୀକାନ୍ତ ଶାସ୍ତ୍ରୀଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କ ସ୍ମରଣରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମେ ଭୁବନେଶ୍ୱର ଏସ୍‌ଡିଜେମ୍ ଜନ୍ମେଜୟ ପଲେଇ ରକ୍ତଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଜିଲ୍ଲା ଦୌରା ଜଜ୍ ରାମଶଙ୍କର ହୋତା, ପୁଲିସ କମିସନର ସୌମେନ୍ଦ୍ର କୁମାର ପ୍ରୀୟଦର୍ଶୀ, ଓକିଲ ସଂଘର ସଭାପତି ନିର୍ମଳ କୁମାର ରଥ, ସମ୍ପାଦକ ରାଜ୍ କିଶୋର ଦାସ୍, ପୂର୍ବତନ ସଭାପତି ଅଶୋକ କୁମାର ପାତ୍ର, ମଧୁମାଧବ ଜେନା, ଶିବାନନ୍ଦ ରାୟ, ପୂର୍ବତନ ବାର କାଉନସିଲର ସଦସ୍ୟ ଆତ୍ମପ୍ରକାଶ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ଲିଙ୍ଗରାଜ ଦାଶ, ଏସିପି ଲଲିତେନ୍ଦୁ ମହାନ୍ତି, ଏସିପି ରଜତ ରାୟ, ବଡ଼ଗଡ଼ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଓକିଲ ସଂଘର ଉପ ସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, ସହ ସମ୍ପାଦକ ଶିବ ନାରାୟଣ ସାହୁ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ଏବଂ ସମସ୍ତ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ଏବଂ ଏହି କାର୍ଯ୍ୟକୁ ପୂର୍ବତନ ଉପ ସଭାପତି ଶୀଲଭଦ୍ର ଶାସ୍ତ୍ରୀ ପରିଚାଳନା କରିଥିଲେ। ଏଥିରେ ଉତ୍ସାହୀ ଆଇନଜୀବୀଙ୍କ ଦ୍ୱାରା ରେଡ୍‌କ୍ରସ ପକ୍ଷରୁ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କମିଶନରେଟ ପୁଲିସ ଓ ରେଡକ୍ରସ ତରଫରୁ ରକ୍ତଦାତା ମାନଙ୍କୁ ମାନପତ୍ର ଦିଆଯାଇଥିଲା।

### ଦୁର୍ଗମ ଅଞ୍ଚଳ ପାଇଁ ନୂଆ ଯୋଜନା : ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହେବ ତାଲିମ

# ଏଣିକି ନର୍ସ କରାଇବେ ସାଧାରଣ ପ୍ରସବ

**କଟକ :** ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ସହିତ ସାଧାରଣ ପ୍ରସବକୁ ବ୍ୟବସ୍ଥିତ କରାଯିବ। କୌଣସି ଜଟିଳତା ନଥାଇ ସାଧାରଣ ପ୍ରସବ ହେଲେ ବି ସିଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବଡ଼ ଡାକ୍ତରଖାନାକୁ ପ୍ରସୂତିଙ୍କୁ ପଠାଇ ଦିଆଯାଉଛି। କାରଣ ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମି ନାହିଁ। ଥିଲେ ବି ତାହା ମଧ୍ୟ ବ୍ୟବହାର କରାଯାଉନି। ଯାହାଫଳରେ, ବଡ଼ ଡାକ୍ତରଖାନା ଉପରେ ଚାପ ବଢୁଛି। ଏଣୁ, ପ୍ରସବ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାପାଇଁ ଆଗକୁ ନର୍ସ ବି ସାଧାରଣ ପ୍ରସବ କରାଇପାରିବେ। ସେମାନଙ୍କ ସହିତ କୌଣସି ଡାକ୍ତର ରହିବେନି। ସେମାନେ ନିଜେ ଏକୁଟିଆ ପ୍ରସବ କରାଇବେ। ଏଥିପାଇଁ କଟକ ବଡ଼ ଡାକ୍ତରଖାନା ସ୍ତ୍ରୀ-ରୋଗ ଓ ପ୍ରସୂତି ରୋଗ ବିଭାଗରେ ଆରମ୍ଭ ହେବ ମିଡୱାଇଫ୍ ନର୍ସିଂ ଟ୍ରେନିଂ ବ୍ୟବସ୍ଥା।ପୂର୍ବଭାରତର ଏହି ତାଲିମ୍ କେନ୍ଦ୍ରରେ ରାଜ୍ୟର ନର୍ସମାନଙ୍କୁ ତାଲିମ ଦିଆଯିବ। ଏଥିପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ କମିସନର, ଏନ୍‌ଏଚ୍‌ଏମ୍ ଓ ନର୍ସିଂ ଡାଇରେକ୍ଟରଙ୍କୁ ନେଇ ସିଆରଏମ୍ ଟିମ୍ ଏସ୍‌ସିବି ଗସ୍ତ କରି ଭିତ୍ତିଭୂମି ପରଖିଛନ୍ତି। ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏସ୍‌ସିବିରେ ବର୍ଷକୁ ପାଖାପାଖି ୧୩ହଜାର ସନ୍ତାନ ପ୍ରସବ ହେଉଥିବାବେଳେ ସେଥିରୁ ପାଖାପାଖି ୫ହଜାର ହେଉଛି ସାଧାରଣ ପ୍ରସବ। ଯାଫଳରେ ଏସ୍ସିବି ଉପରେ ଚାପ ବଢୁଛି ଓ କୌଣସି ଜଟିଳତା ନଥିଲେ ବି ପ୍ରସବ ପାଇଁ ସିଧା ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ବି ସମାନ ସ୍ଥିତି। କୌଣସି ଜଟିଳତା ନ ଥାଇ ସାଧାରଣ ପ୍ରସବ ପାଇଁ କ'ଣ ପାଇଁ ପ୍ରସୂତିଙ୍କୁ ନିଜ ଅଞ୍ଚଳରେ ସୁବିଧା ମିଳିବନି ? ଏହାକୁ ଦୃଷ୍ଟିରେ ରଖି ନର୍ସମାନଙ୍କୁ ତାଲିମ ଦେବାପାଇଁ କଟକ ବଡ଼ ଡାକ୍ତରଖାନା ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗରେ ମିଡ୍ୱାଇଫ୍ ନର୍ସିଂ ଟ୍ରେନିଂ ବ୍ୟବସ୍ଥା ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ ହେବ। ଏଥିରେ ନର୍ସମାନଙ୍କୁ ମାନିକୁଇନ୍, ସ୍କିଲ୍ ଲାବ୍ ଓ ବିଭାଗରେ କେମିତି ପ୍ରସବ କରାଯିବ, ସେ ସଂପର୍କରେ ତାଲିମ ଦିଆଯିବ। ଏଥିପାଇଁ ୪ଟି ଲେବର ବେଡ୍, ଓ୍ୱାର୍ମର ଓ ଅନ୍ୟ ଭିତ୍ତି ସବୁ ପ୍ରସ୍ତୁତ କରାଯାଇଛି। ସୂଚନା ଅନୁସାରେ, ଦୁଇଦିନ ତଳେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ କମିସନର, ଏନ୍‌ଆରଏଚ୍‌ଏମ୍‌ର ମୁଖ୍ୟ ଦୀନବନ୍ଧୁ ସାହୁ, ନର୍ସିଂ ତାଲିମ କେନ୍ଦ୍ରର ଡାଇରେକ୍ଟର ଡାକ୍ତର ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ତୁଷାର କର, ଡାକ୍ତର ରବି ଶତପଥୀ, ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୫୬ ତମ ଜାତୀୟ ପ୍ରେସ୍ ଦିବସ ପାଳିତ; ସାମ୍ବାଦିକ ସମ୍ବର୍ଦ୍ଧିତ



**ଭୁବନେଶ୍ୱର :** ଜାତୀୟ ଗଣମାଧ୍ୟମ ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ମାଷ୍ଟର କେଣ୍ଟିନ୍ ହୋଟେଲ କେଶରୀରେ ଅନୁଷ୍ଠିତ ହୋଇଯାଇଛି ରାଜ୍ୟ ସ୍ତରୀୟ ସେମିନାର। ଏହି ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଓଡ଼ିଶାର ସ୍କୁଲ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଂଜନ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର ବିଧାୟକ ପ୍ରତାପ କେଶରୀ ଦେବ, ଉଦଘାଟକ ଭାବେ ସମାଜର ମୁଖ୍ୟ ପ୍ରଶାସକ ଡ଼ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସେହିପରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ଣ୍ଣ ଉତ୍କଳ ଅଧକ୍ଷ ମନରଞ୍ଜନ ମହାପାତ୍ର ,ଏବଂ ବରିଷ୍ଠ ସାମ୍ବାଦିକ ତଥା ଓଡିଶା କର୍ମଜୀବି ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ ମଞ୍ଚରେ ପୌରୋହିତ୍ୟ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ସମୀର ରଂଜନ ଦାସ ସାମ୍ବାଦିକ ମାନଙ୍କ ଭୂମିକାର ଭୁୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସେମାନଙ୍କ ଦାଇତ୍ୱ ସମ୍ପର୍କରେ ଯତ୍ନଶୀଳ ହେବାପାଇଁ ପରାମର୍ଶ । ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଆଳି ବିଧାୟକ ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ ସମ୍ବାଦ ପତ୍ର ନିରପେକ୍ଷତା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ସମାଜ, ଦେଶପ୍ରତି ଥିବା ସେମାନଙ୍କର ଦାଇତ୍ୱବୋଧତା ସମ୍ପର୍କରେ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ। ସେହିପରି ସଭା ପ୍ରାରମ୍ଭରେ ଡକ୍ଟର ସୁଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରବିତ୍ର କୁମାର ପାତ୍ର ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ବିଭାଗରେ ସେମାନଙ୍କ ଅଭିନବ କୃତିତ୍ୱ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା ସେଥିମଧ୍ୟରୁ ସନ୍ଥ ଜୀବନ ବାବା, ଡେପୁଟି କଂମିଶନର ଅଫ ପୋଲିସ ବିଜୟ କୁମାର ସାହୁ, ବନ୍ଦନା ପଣ୍ଡା ଓ ପୁରୀ ଜିଲ୍ଲା ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ଆବାହକ ଶରତ କୁମାର ପରିଡା ସମ୍ମାନିତ ହେବା ସହ ତାଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାର ୨୫ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ମାନପତ୍ର , ଓଡ଼ଣୀଆ ଓ ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ସେହିପରି ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମ୍ବାଦିକ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ସର୍ବ ଶେଷରେ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

## ଡିଏଲଇଡି ସାର୍ଟିଫିକେଟ ଦାବି କଲା ବେସରକାରୀ ଶିକ୍ଷକ ସଂଘ

**ଭବାନୀପାଟଣା :** ଜୁନାଗଡ଼ ସ୍ଥିତ ଡିଭାଇନ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ବରଦା ପ୍ରସନ୍ନ ନାୟକ (ଜିଲ୍ଲା ସଭାପତି, ଏନଆଇଓଏସ)ଙ୍କ ସଭାପତିତ୍ୱ ରେ ବେସରକାରୀ ଡ଼ିଏଲଇଡ଼ି ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୨୦୧୭-୨୦୧୯ ମଧ୍ୟରେ ଡ଼ି ଏଲ ଇଡ଼ି କରିଥିବା ବେସରକାରୀ ଶିକ୍ଷକଙ୍କୁ ତୁରନ୍ତ ସାର୍ଟିଫିକେଟ ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ବେସରକାରୀ ତାଲିମପ୍ରାପ୍ତ ଶିକ୍ଷକମାନେ ଏନ ଆଇ ଓ ଏସ ମାଧ୍ୟମରେ ଡି ଏଲ ଇଡ଼ି କରିବାକୁ କୁହାଗଲା। ଏହି ଆଧାରରେ ସମସ୍ତ ବେସରକାରୀ ଶିକ୍ଷକ ତାଲିମ ନେଲେ କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସାର୍ଟିଫିକେଟ ଦିଆଯାଇନଥିବା ଅଭିଯୋଗ ହେଉଛି। ଏ ବାବଦରେ ନିର୍ଦ୍ଦିଷ୍ଟ ବିଭାଗକୁ ପ୍ରଶ୍ନ କଲେ ସେମାନେ ବିଭିନ୍ନ ଆଳଦେଖାଇ ଆମମାନଙ୍କର ପ୍ରଶ୍ନକୁ ଏଡ଼ାଇ ଚାଲିଛନ୍ତି। ଉକ୍ତ ବୈଠକରେ ସମସ୍ତ ବ୍ଲକର ବେସରକାରୀ ଡ଼ି ଏଲ ଇଡ଼ି ଶିକ୍ଷକମାନେ ସର୍ବଶ୍ରୀ ଉପେନ୍ଦ୍ର ମୁଣ୍ଡ, ମେରଲୁ ମାଝୀ , କମଳିନୀ ପଣ୍ଡା, ଅନୁସାୟା ନାଏକ ପ୍ରମୁଖ ଯୋଗଦେଇଥିଲେ।

## ୪୫,୩୮୧ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି



**ଜଗତ୍‌ସିଂହପୁର:** ଜଗତ୍‌ସିଂହପୁର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ୨୦୨୧-୨୨ଖରିଫ ଋତୁ ପାଇଁ ଧାନ ସଂଗ୍ରହ କମିଟିର ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାପାଳ ପାରୁଲ ପଟ୍ଟଆରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଓ ଜଗତ୍‌ସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗଦେଇ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ସୁବ୍ୟବସ୍ଥା କରିବାକୁ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳ ପଟ୍ଟଆରୀ କହିଥିଲେ ଯେ ଏ ବର୍ଷ ଧାନ ସଂଗ୍ରହ ନିମନ୍ତେ ଜାନୁଆରୀ ୭ତାରିଖରେ ରଘୁନାଥପୁର ବ୍ଲକ୍, ଜାନଆରୀ ୧୫ତାରିଖରେ ଜଗତ୍‌ସିହପୁର ବ୍ଲକ୍, ନାଉଗାଁ ବ୍ଲକ୍, ବିରିଡି ବ୍ଲକ୍, ବାଲିକୁଦା ବ୍ଲକ୍, ଏରସମା ବ୍ଲକ୍ ଓ କୁଜଙ୍ଗ ବ୍ଲକ୍ ଏବଂ ଜାନୁଆରୀ ୨୦ତାରିଖରେ ତିର୍ତ୍ତୋଲ ବ୍ଲକ୍‌ରେ ମଣ୍ଡି ଖୋଲାଯିବ । ପ୍ରତ୍ୟେକ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମସ୍ତ ପ୍ୟାକ୍ ମାନଙ୍କୁ ୨ଟି ଲେଖାଏଁ ତାରପୋଲିନ୍ ଯୋଗାଇ ଦିଆଯିବା ସହିତ ଚାଷୀମାନେ ଯେତେବେଳେ ଚାହିଁବେ ସେମାନଙ୍କର ଧାନ ଦେଇପାରିବେ ବୋଲି କହିଥିଲେ। ସାଧାରଣ ଏଫ୍.ଏ.କ୍ୟୁ ଧାନ କୁଇଣ୍ଟାଲ ପ୍ରତି ୧୯୪୦ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍ ଏ ଧାନ ୧୯୬୦ଟଙ୍କା ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି । ଜିଲ୍ଲାରେ ୧୦୫ଟି କୃଷି ସମବାୟ ସମିତି ମାଧ୍ୟମରେ ଧାନ ସଂଗ୍ରହ କରାଯିବ ଏବଂ ଧାନ ସଂଗ୍ରହ ବେଳେ କୋଭିଡ଼ କଟକଣା -୧୯କୁ ଅନୁପାଳନ କରାଯିବ । ପ୍ରତି ବ୍ଲକ୍‌ର ଗୋଟିଏ ଲେଖା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହରେ ନିୟୋଜିତ କରାଯିବ । ଚଳିତ ବର୍ଷ ୪୫ହଜାର ୩୮୧ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଯୋଗ୍ୟ ବିବେଚିତ କରାଯାଇଛି । ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପାଇଁ ଏକ ସଚେତନତା ନିମନ୍ତେ ଜଗତ୍‌ସିଂହପୁର ଓ ରାହାମା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଟିଭି, ରେଡିଓ, ଖବରକାଗଜ ଓ ରଥ ପରିକ୍ରମା କରିବା ସହିତ ଫ୍ଲେକ୍ସ ବ୍ୟାନର ମାଧ୍ୟମରେ ବ୍ୟାପକ ଭାବେ ପ୍ରଚାର ପ୍ରସାର କରାଯିବାର ଯୋଜନା କରାଯାଇଛି । ପଞ୍ଜିକୃତ ଚାଷୀ ୧୯୬୭କୁ ଡାଏଲ କରି ସେମାନଙ୍କର ଷ୍ଟାଟସ୍, ଜମିର ପରିମାଣ ଓ ପେମେଣ୍ଟ ଷ୍ଟାଟସ୍ ଜାଣିପାରିବେ । ଏଥିସହିତ ସେମାନଙ୍କର ଟୋକନ ଅବଧି ୩୦ଦିନ ଯାଏ ବଳବତ୍ତର ରହିବ। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**